
ଚୋର ଓ
ଭାଉଜ

# ଗେଷ୍ଟ ହାଉସ୍

( ଡିଟେକ୍ଟିଭ୍ ଉପନ୍ୟାସ )


ଲେଖକ :

ଶ୍ରୀ ସମେଶ୍ୱର ତ୍ରିପାଠୀ



ପ୍ରକାଶକ :

କଟକ-୨

ପ୍ରଥମ ପ୍ରକାଶ :
ସେପ୍ଟେମ୍ବର—୧୯୬୭

ପ୍ରକାଶକ :
ଶ୍ରୀ ହରହର ପ୍ରସାଦ ପଟ୍ଟନାୟକ
ଉତ୍କଳ ବାଣୀ ମନ୍ଦିର
ବିଶ୍ୱନାଥ ଲେନ୍—କଟକ-୨

ମୁଦ୍ରାକର :
ଶ୍ରୀ ରବୀନ୍ଦ୍ରନାଥ ପଟ୍ଟନାୟକ
ଅରୁଣ ପ୍ରେସ୍, କଟକ-୨

ମୂଲ୍ୟ :
ଟ ୧.୨୫ ନ୍ : ପ
( ଏକଟଙ୍କା ଚାରିଅଣା )

ବାଉ,

ଏ ବହି ଖଣ୍ଡି ଲେଖିଲା ବେଳେ ତୁ ଥିଲୁ, ଆଜି ଛପା ହୋଇ ଲୋକମାନଙ୍କ ଆଗରେ ଆସି ପହଞ୍ଚିବା ପୂର୍ବରୁ ତୁ ମୋତେ ଛାଡ଼ି ଚାଲିଗଲୁ । ମୁଁ ଛେଉଣ୍ଡ ହେଲି । ଲକ୍ଷ୍ମୀଛଡ଼ା ପୁଅ ମୁଁ ତୋର, ତୋର ସ୍ମୃତି ପାଇଁ ସମାଧିଟିଏ ତୋଳିବାର ଶକ୍ତି ନାହିଁ । ତୁ ଓ ତୋର ସ୍ମୃତିକୁ ବଞ୍ଚାଇବା ପାଇଁ ଏ ବହିଟିକୁ ସମାଧି ଉପରେ ଗୋଟିଏ ମଲ୍ଲୀ ଫୁଲ ଥୋଇଲା ଭଳି ଥୋଇ ଦେଲି । ତୁ ବଞ୍ଚିଥିଲେ ଆନନ୍ଦ ହୋଇ ଯେଉଁ ଆଶିଷ ଦେଇଥାନ୍ତୁ, ଆଶା କରୁଛି ସେଇ ଆଶିଷ ତୁ ସେ ପୁରରୁ ଦେବୁ ।

ତ୍ରିପାଠୀ ଭବନ (ଆଠଗଡ଼)
ତା ୧୨ । ୫ । ୭୦

ତୋର
ପୁଅ

# ଅତିଶୀଘ୍ର ପ୍ରକାଶ ପାଉଛି—

ଶ୍ରୀ ଅଭିମନ୍ୟୁ ମହାପାତ୍ରଙ୍କର

**ପର ପିରତୀ** ଟ ୧. ୨୫

ଶ୍ରୀ ଭୂପେନ୍ ଗୋସ୍ୱାମୀଙ୍କର

**ଦୁନିଆର ଚକ୍ରାନ୍ତ** ଟ ୧. ୫୦

ଶ୍ରୀ ତ୍ରିଲୋଚନ ମହାପାତ୍ରଙ୍କର

**ଏଇମାଟିର ସନ୍ତାନ** ଟ ୧. ୨୫

ଶ୍ରୀ କାର୍ତ୍ତିକଚନ୍ଦ୍ର ରାଉତଙ୍କର

**କଳା ଛାଇ** ଟ ୧.୦୦

---

## ଶ୍ରୀ ଯଜ୍ଞେଶ୍ୱର ତ୍ରିପାଠୀଙ୍କର

୧—କଳଙ୍କିନୀ

୨—ସ୍ୱପ୍ନ ଓ ଛବି

୩—ଅନୁରାଧା

୪—ଲୁହର ସଂସାର

୫—ଝଡ଼ ଓ ମାଡ଼

"ରେଷ୍ଟ ହାଉସ୍" ସମୁଦ୍ର କୂଳରେ ଗୋଟିଏ ହଳଦିଆ ପକ୍କା ଘର — ତା ସହିତ ପାର୍ଟୀ, ଅଫିସର, ଓକିଲ ଠାରୁ ଆରମ୍ଭ କରି ସହରର ରିକ୍ସାବାଲା ପର୍ଯ୍ୟନ୍ତ ସମସ୍ତେ ପରିଚିତ । ଗୋଟିଏ ସାର୍ବଜନୀନ ରୁଚି ସମ୍ପନ୍ନ ହୋଟେଲ । ଖାଇବା ଓ ରହିବାର ସୁବନ୍ଦୋବସ୍ତ ସେଠାରେ ଅଛି । ସମୁଦ୍ର କୂଳରେ ଅବସ୍ଥିତ ହେତୁ ପ୍ରାୟ ସଦାବେଳେ ସେଠାରେ ଗରାଖର ଭିଡ଼ ହୁଏ । ସମୁଦ୍ରର ଶୀତଳ ହାଓ୍ୱା ଆଉ ପ୍ରକୃତିର ମନମୁଗ୍ଧକର ସୌନ୍ଦର୍ଯ୍ୟ ଯୋଗୁଁ ଏଠାରେ ରହିବାକୁ ହେଲେ ଟିକେ ଅଧିକା ଭଡ଼ା ଦେବାକୁ ହୁଏ ।

ରାତି ସେତେବେଳକୁ ପ୍ରାୟ ବାରଟା । କୃଷ୍ଣ ଦଶମୀର ଚନ୍ଦ୍ର ସେତେବେଳକୁ ଆକାଶ ଉପରକୁ ଆସି ନ ଥାଏ । ଗମ୍ଭୀର କାଳ ରାତି ଯେପରି ନିଥର ଆଉ ମୌନ । ହୋଟେଲ ପାଖର ବିଜୁଳି ବତି ଗୁଡ଼ାକ ଯେପରି ଏ ଘନାନ୍ଧକାରକୁ ଦୂର କରିବାକୁ ଆପ୍ରାଣ ଚେଷ୍ଟା କରୁଛନ୍ତି, ପବନରେ ଝାଉଁ ବଣରୁ ସାଇଁ ସାଇଁ ଶବ୍ଦ ଭାସି ଆସୁଛି । ବର୍ଷା ହେବ ବୋଧହୁଏ, ସମୁଦ୍ର ମଧ୍ୟ ପ୍ରଳୟଙ୍କରୀ ହୋଇ

ଉଠିଛି । ହୋଟେଲରୁ ପ୍ରାୟ ଭିଡ଼ କମି ଆସିଲାଣି । ହୋଟେଲର ଚାକରମାନଙ୍କ ଭିତରୁ କେତେକ ଅବସରରେ ଘୁମାଇଁବାକୁ ଆରମ୍ଭ କଲେଣି । ଏହି ସମୟରେ ହଠାତ୍ ଗୋଟିଏ ରିକ୍ସା ଆସି ହୋଟେଲ ସମ୍ମୁଖରେ ପହଞ୍ଚିଲା, ରିକ୍ସା ଭିତରୁ ଓହ୍ଲାଇ ପଡ଼ିଲେ ଜଣେ ସୁଦର୍ଶନ ଯୁବକ । ବୟସ ଅନ୍ଦାଜ ତିରିଶ ପାଖା ପାଖି ! ରିକ୍ସା ଭିତରୁ ନିଜର ବେଡ଼ିଙ୍ଗ୍ ଓ ସୁଟକେଶ୍‌ଟା ଆଣି ସେ ବାହାର ରୁମ୍‌ରେ ଗୋଟିଏ ବେଞ୍ଚ ଉପରେ ଥୋଇଦେଲେ । ଆଜି ତାଙ୍କର ଥରେ ସେହି ରୁମ ଭିତରେ ବୁଲି ଆସିଲା । ସୁନ୍ଦର ସୁସଜ୍ଜିତ ଭୋଜନାଳୟଟି ତାଙ୍କୁ ଅତ୍ୟନ୍ତ ଆକର୍ଷିତ କଲା । ସେ ହୋଟେଲ ବୟକୁ ଡାକି କହିଲେ ମ୍ୟାନେଜରଙ୍କ ସହିତ ସାକ୍ଷାତ କରିବା ପାଇଁ ।

ଅପେକ୍ଷା କରିବାକୁ କହି ବୟ ଚାଲିଗଲା ।

କିଛି ସମୟ ସେଠାରେ ଅପେକ୍ଷା କରିବା ଭିତରେ ଭଦ୍ର ବ୍ୟକ୍ତି ଜଣକ ଘରର ଚାରିପାଖରେ ଆଖି ବୁଲାଇବାକୁ ଲାଗିଲେ । ଘରର କାନ୍ଥ ଉପରେ ନାନା ପ୍ରକାର ଫଟୋ ଟଙ୍ଗା ହୋଇଛି । ସିନେମା ଅଭିନେତ୍ରୀ, ଡଣ୍ଟନ, ଆଶାପରେଖଙ୍କ ଠାରୁ ଆରମ୍ଭ କରି ସମୁଦ୍ର କୂଳ ସୂର୍ଯ୍ୟୋଦୟର ଦୃଶ୍ୟ, ଏବଂ କଲିକତାର ଗୋଟିଏ ଜନବହୁଳ ଛକର ଦୃଶ୍ୟ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଫଟୋ ପର୍ଯ୍ୟନ୍ତ ଅଛି । ଅନ୍ୟମନସ୍କ ହୋଇ ସେ ଫଟୋଗୁଡ଼ିକ ଦେଖୁ ଦେଖୁ ସିନେମା ଅଭିନେତ୍ରୀଙ୍କ ଭିତରେ ଗୋଟିଏ ଫଟୋ ଦେଖିବାକୁ ପାଇଲେ । ବହୁଦିନର ପରିଚିତ ମୁହଁ ପରି ସେ ଫଟୋଟି ତାଙ୍କୁ ବୋଧ ହେଲା । ନିଜ ଆସନ ଛାଡ଼ି ଭଦ୍ରଲୋକ ଜଣକ ସେ ଫଟୋ ନିକଟକୁ ଯିବାକୁ ଉଦ୍ୟତ ହେଉଛନ୍ତି ଏହି ସମୟରେ ହୋଟେଲର ବୟ ଡାକିଲା । ଫଟୋ ପାଖକୁ ନଯାଇ ସେ ମ୍ୟାନେଜରଙ୍କ ପାଖକୁ ଯିବାକୁ ବାହାରିଲେ ।

ଗୋଟିଏ ସଙ୍କୀର୍ଣ୍ଣ ରାସ୍ତା ଦେଇ ସେ ଉପର ମହଲକୁ ଉଠିଲେ । ସେଠାରେ ଯାଇ ମ୍ୟାନେଜରଙ୍କୁ ସାକ୍ଷାତ କଲେ ।

ଗୋଟିଏ ସୁସଜ୍ଜିତ କୋଠରୀରେ ଖଣ୍ଡିଏ ସୋଫା ଉପରେ ନିଜର ଦେହକୁ ଭରା ଦେଇ ମ୍ୟାନେଜର ଶ୍ରୀରସ୍ ରାୟ ପଟ୍ଟନାୟକ ବସିଛନ୍ତି — ଦୀର୍ଘ ସ୍ଥୂଳ କାୟ ବ୍ୟକ୍ତି । ଦେଖିବାକୁ ଚକ୍‌ଚକ୍ କଳା ବର୍ତ୍ତୁଳ ଉଦର ଉପରେ ହାତ ବୁଲାଇ ଅଳସ ଭଙ୍ଗୀରେ ସେ ଦେଖିଲେ ଭଦ୍ରଲୋକ ଜଣକ ତାଙ୍କ ଅପେକ୍ଷାରେ ଠିଆ ହୋଇଛନ୍ତି । ବସିବାକୁ ନିର୍ଦ୍ଦେଶ ଦେଇ ସେ ଗମ୍ଭୀର ସ୍ୱରରେ ପଚାରିଲେ ଆପଣଙ୍କର ଘର ?

—ବାଲେଶ୍ୱର

"ହୁଁ, କେତେଦିନ ରହିବେ ?"

"ଦିନ ତିନି ଘଣ୍ଟା ପରେ ଜଗନ୍ନାଥ ଦର୍ଶନ ସାରି ମୁଁ ଚାଲିଯିବି ।"

କଲିଂ (Calling) ବେଲ୍ ଟିପିଲେ । ମ୍ୟାନେଜର ବାବୁ ବୟକୁ ଆଦେଶ ଦେଲେ ସାତ ନମ୍ବର ରୁମ୍‌ର ଘଣ୍ଟା ଖୋଲି ଦେଇ ତାଙ୍କର ଖାଇବା ପିଇବାର ସୁବନ୍ଦୋବସ୍ତ କରି ଦେବାପାଇଁ । ଭଦ୍ରବ୍ୟକ୍ତି ଜଣକ ନମସ୍କାର ଜଣାଇ ବିଦାୟ ନେଲେ – ସନ୍ଦିଗ୍ଧ ଦୃଷ୍ଟି ତାଙ୍କର ଥରେ ଘର ସାରା ବୁଲି ଆସିଲା ।

ବିଛଣା ପତ୍ର ନେଇ ଯୁବକ ଜଣକ ପହଞ୍ଚିଲେ ସାତ ନମ୍ବର ରୁମ୍ ନିକଟରେ । ଘର ଭିତରେ ପ୍ରବେଶ କରି ସେ ଘରର ସାଜ ସଜା ଦେଖି ଆଶ୍ଚର୍ଯ୍ୟ ହେଲେ । ଭଡ଼ା ଦେବା ପାଇଁ ରୁମ୍ ତିଆରି କରି ପୁଣି ତା ପଛରେ ଏତେ ପଇସା ଖର୍ଚ୍ଚ ହୋଇଥାଏ ତା ସେ ବିଶ୍ୱାସ କରି ପାରିଲେ ନାହିଁ । ବିଛଣାଟି ବିଛାଇ ଦେଇ ସେ ତାଙ୍କର ଅଳସ ଦେହଟାକୁ ମେଲିଦେଲେ । ଉପରେ ଜଳୁଛି ଗୋଟିଏ କମ୍ ଶକ୍ତିର ନୀଳ ବିଦ୍ୟୁତ୍ ବଲ୍‌ବ୍ । ଯୁବକ ଜଣକ ସିଗାରେଟ୍

ଧୂଆଁରେ କୁଣ୍ଡଳୀ ସୃଷ୍ଟି କରୁ କରୁ ବାହାରକୁ ଗୃହିଁ କ'ଣ ଭାବିବାରେ ଲାଗିଲେ । ମନେ ମନେ ସେ ବୋଧହୁଏ ଭାବୁଥାନ୍ତି ବନ୍ଧୁ ମହଲରୁ ଯାହା ସେ ଶୁଣିଥିଲେ ତା ପ୍ରକୃତରେ ଠିକ୍ । ପୁରୀରେ ଏଠା ବ୍ୟକ୍ତିଗତ ରହିବାର ସୁବିଧା ଅନ୍ୟ ବଡ଼ ହୋଟେଲରେ ମଧ୍ୟ ମିଳିପାରିବ ନାହିଁ ।

ଏ ଭିତରେ ବୟ ଖାଇବାକୁ ନେଇ ଆସିଛି । ଯୁବକ ଜଣକ ତାଙ୍କର ଭୋଜନ ସାରି ବୟକୁ ବିଦାୟ ଦେଇ ଘରର କବାଟ ବନ୍ଦ କଲେ । ବିଛଣା ଉପରେ ଚଢ଼ିବସି ସେ ତାଙ୍କ ବେଡ଼ିଙ୍ଗ୍ ଭିତରୁ ବାହାର କଲେ ବାଟରୁ କିଣି ଆଣିଥିବା ଦୈନିକ ପତ୍ରିକା ଖଣ୍ଡିକ । ପତ୍ରିକା ଉପରେ ଆଖି ବୁଲାଉ ବୁଲାଉ ସେ ଦେଖିଲେ ଗଣତନ୍ତ୍ର ଓ କଂଗ୍ରେସର ମିଳିତ ମନ୍ତ୍ରୀ ମଣ୍ଡଳ ନେଇ ଗୋଟାଏ ବନ୍ଧୁତ୍ୱ ପୂର୍ଣ୍ଣ ମିଳନ ଓଡ଼ିଶାର ରାଜନୈତିକ କ୍ଷେତ୍ରରେ ସମ୍ଭବ ହୋଇପାରିଛି । ଆଗ୍ରହରେ ସେ ସମ୍ବାଦ ଉପରେ ତାଙ୍କର ଦୃଷ୍ଟି ଖେଳାଇ ଚାଲିଲେ । କାଗଜଟି ପଢ଼ୁ ପଢ଼ୁ ସେ ହଠାତ୍ ଦେଖିବାକୁ ପାଇଲେ — ପୁରୀର ବିଶିଷ୍ଟ ଶିଳ୍ପପତି ଶ୍ରୀଯୁକ୍ତ ରମଣୀ ରଞ୍ଜନ କାନୁନଗୋଙ୍କ ପତ୍ନୀ ଶ୍ରୀମତି ସୁନନ୍ଦା ଦେବୀଙ୍କୁ ହଠାତ୍ କେହି ଜଣେ ହତ୍ୟା କରିଥିବାର ଖବର ବାହାରିଛି । ସବିଶେଷ ବିବରଣୀ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ ।

ଚମକି ଉଠିଲେ ଯୁବକ ଜଣକ । ମନେ ମନେ ଭାବିବାକୁ ଲାଗିଲେ — ତେବେ ମିସ୍ ବେବୀ ଆସି ଏଠାରେ ତାର କାମ ଆରମ୍ଭ କରି ଦେଲାଣି । ଅସମ୍ଭବ ! ଏ ନାରୀ କି ଛଦ୍ମ ବେଶରେ ଥିବା ପୁରୁଷର ଏ ଅଦ୍ଭୁତ ଲୀଳା ସେ ଭାବି ପାରିଲେ ନାହିଁ । ବେବୀ ଯଦି ନାରୀ ହୁଏ ତେବେ କ'ଣ ଏ ହତ୍ୟା କାଣ୍ଡ କରିବାକୁ ତା ହାତ ଯାଇପାରେ ? ସାଧାରଣତଃ ଅପରାଧ ବିଜ୍ଞାନ ବିଶ୍ଳେଷଣ କଲେ ଜଣାଯାଏ ଯେ ନାରୀ ମାନେ ଖୁନ୍ କରିବା ଖୁବ୍ କମ୍ । ବେବୀ !

ସେତ ଆଜ କାହାଣୀ ବର୍ଣ୍ଣିତ ଅଶରୀର ନୁହେଁ ? ସମସ୍ତ କାର୍ଯ୍ୟ ତାର ଇଙ୍ଗିତରେ ହୁଏ । ତାର ରୂପ କ'ଣ ? ତାର ସବିଶେଷ କାର୍ଯ୍ୟ କଳାପ କ'ଣ ? କିଛି ଏ ପର୍ଯ୍ୟନ୍ତ ଲୋକ ସମାଜକୁ ଜଣା ପଡ଼ିନି; ଯଦିଓ ପ୍ରାୟ ଅଧିକାଂଶ ଚୋରି, ଡକାଇତି ମୂଳରେ ତାର ଅଦୃଶ୍ୟ ଇଙ୍ଗିତ ଥାଏ ।

ପୁରୀରେ ମିସ୍ ବେଗମର ଆବିର୍ଭାବ । ଚମତ୍କାର— ସୁନ୍ଦର······ ମନେ ମନେ ହସି ଉଠିଲେ ଯୁବକ ଜଣକ । ଦିନାକେତେ ଯାହା ଜଞ୍ଜାଳମୟ ଜୀବନରୁ ଅବସର ନେବାକୁ ଭାବିଥିଲେ ତା ବିନା ଛୁଟିରେ ଅନ୍ତତଃ ଏ ପୁରୀରେ କଟି ଯାଇ ପାରିବ । ସେ ନିଶ୍ଚୟ ଏଥର ପୁରୀରେ କିଛି ଅସମ୍ଭବ କାଣ୍ଡ କରି ବସିବ, ଏଥିରେ ସନ୍ଦେହ ନାହିଁ । କାରଣ ବାଲେଶ୍ୱର ଛାଡ଼ିବା ପୂର୍ବରୁ ସେ ଏ ବିଷୟରେ କ୍ଷୀଣ ଇଙ୍ଗିତ ପାଇଥିଲେ । ତେଣୁ ଏଇ ଦିନୁ ଭବିଷ୍ୟତ ପ୍ରତି ସତର୍କ ରହିବାକୁ ହେବ ।

ଯୁବକ ଜଣକ ଲିଭିଥିବା ସିଗାରେଟ୍‌କୁ ଅଫ୍‌କର କରି ଲେଉଟାଇଲେ ।

"ନମସ୍କାର ସାର୍"

"ଆରେ ରତିକାନ୍ତ ଯେ, ତୁ କେତେବେଳେ ?"

"ଛାଡ଼ନ୍ତୁ ସେ କଥା, ପରେ କହିବି ସାର୍ । ମୋର ଆଜ ଆପଣଙ୍କୁ କେତେଗୁଡ଼ାଏ କୈଫିୟତ ତଲବ କରିବାର ଅଛି । ଦେଇ ପାରିବେତ ?

"କୈଫିୟତ କଣ, ନ ଶୁଣି ଦବା ନ ଦବାର ପ୍ରଶ୍ନ ତ ଉଠୁନି ।

"ମୁଁ ଜାଣେ ଆପଣ ଦେଇ ପାରବେ ନାହିଁ । କାରଣ ଭୁଲ ଆପଣ ପୁରପୁର କରଛନ୍ତ । ସେ ଭୁଲକୁ ଭୁଲଇବା ଆପଣଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ତେଣୁ କହୁଛି ଆଗ ଶାସ୍ତି ଭୋଗି କର ଯାଆନ୍ତୁ ।

"ସାବାସ୍ ! ଦୋଷ କ'ଣ ନ ଜାଣି, ଆଗରୁ ଦଣ୍ଡ ଭୋଗିଯିବ ? ଏ କଥା ମୋ ଗୁରୁ ମୋତେ ଶିଖାଇ ନାହାନ୍ତି ।"

"କିନ୍ତୁ ଶିଷ୍ୟତ କହୁଛି । ତେଣୁ ଆପଣଙ୍କୁ ଆଜ ଶିଷ୍ୟ ପାଖରେ ପରାଜିତ ହେବାକୁ ହେବ ।

"ହଉ ଦଣ୍ଡ କ'ଣ କୁହ । ତା ପରେ ଦେଖିବା ।"

"ଦଣ୍ଡ କ'ଣ କି, ଆପଣଙ୍କୁ ବର୍ତ୍ତମାନ ଗୁଟେଟି ରସଗୋଲା ଦୁଇଟି ପାନତୁଆ, ଦୁଇଟି ବରବରା ଉଦରସ୍ଥ କରିବାକୁ ହେବ । ତା ପରେ ଆହୁର କଡ଼ା ଶାସ୍ତି ହେଉଛି ଗୋଟିଏ କପ୍ ଗରମ ଚା ।

ବାସ୍......

ଏ ଶାସ୍ତି ଗ୍ରହଣ କଲା ପରେ ଆପଣଙ୍କର ଆଜ୍ଞାଧୀନ ରତିକାନ୍ତ କହିବ ଆପଣଙ୍କର ଭୁଲ କେଉଁଠି ।"

ହସି ଉଠିଲେ ଶ୍ରୀକାନ୍ତ ବାବୁ । ହସୁ ହସୁ କହିଲେ, ଆରେ ଏପରି ଦଣ୍ଡର ଇସାରା ପାଇଥିଲେ ମୁଁ ତ ଦାଣ୍ଡଆଡୁ ଆଁ କରି ଆସିଥାନ୍ତି । ଆଛା ମୋର ବର୍ତ୍ତମାନ ଦୋଷ......"

"ସାର୍ ! ଆପଣ ଆଗ ଶାସ୍ତି ଭୋଗି ସାରି ନାହାନ୍ତି ଯେ, ଚୁକ୍ତି ଭଙ୍ଗ ହେଉଛି ।"

ଜଳଖିଆ ଓ ଚା ଖାଇବା ପରେ ଶ୍ରୀକାନ୍ତ ବାବୁ କହିଲେ— କାଲି ରାତିରେ ହଠାତ୍ ଆସି ପୁରୀରେ ଓହ୍ଲାଇଲି । ଏତେ ରାତିରେ ବନ୍ଧୁ, ବାନ୍ଧବ ଘରେ ପହଁଞ୍ଚି ଅତିଥି ହେବାଟାକୁ ପସନ୍ଦ କରିପାରିଲି ନାହିଁ । ରେଷ୍ଟହାଉସରେ ରାତିଟା ବିଶ୍ରାମ କରି ସକାଳୁ ଥାନା ଆଡେ ଆସୁ ଆସୁ ତୋ: ସଙ୍ଗେ ଦେଖା ହେଲା । ତୁ କେବଠାରୁ

ପୁରୀରେ ପୋଷ୍ଟିଙ୍ଗ (posting) ହେଲୁଣି ତା ମୋତେ ତ ଜଣା ନାହିଁ । ଯାହା ହେଉ ଭଲ ହେଲା । ଉତ୍ତେ ପାଇ ପୁରୀରେ ମୁଁ ଅତ୍ୟନ୍ତ ଖୁସି ହେଲି । ଛୁଟିଟା ଅନ୍ତତଃ ଆନନ୍ଦରେ କଟିପିବ···”

ଝଳପୁରେ ମୁଣ୍ଡ କୁଣ୍ଡାଉଁ କୁଣ୍ଡାଉଁ ରତ୍ନକାନ୍ତ ବାବୁ କହଲେ — ଏବେ ଦୁଇ ମାସ ହେବ ପ୍ରମୋଶନ ପାଇ ଏଠାରେ ପଣ୍ଡା ଗୁଣ୍ଡାଙ୍କ ହାତରେ ପଡ଼ିଛୁ । ବହୁଥର ଭାବିଛୁ ଛୁଟି ନେବା ନେବ ବୋଲି କିନ୍ତୁ ଛୁଟି ନେଇ ପାରିନି । ଏଠାକାର ଟେରିଷ୍ଟ ନେଇ ସବୁଦିନ କିଛି ନା କିଛି ଗୋଟାଏ ରିପୋର୍ଟରେ ବ୍ୟସ୍ତ ରହିବାକୁ ପଡ଼ୁଛି ।

“ଆଚ୍ଛା ରତ୍ନ । ବର୍ତ୍ତମାନ ଟାଉନଥାନା ଗୃହରେ କିଏ ?”

“ସାର୍, ଗଡ଼ନାୟକ ବାବୁ । ଯେ ଆପଣଙ୍କ ଜଲେଶ୍ୱରରେ ଥିଲେ ।”

“ବଡ଼ ଶୁଭ ଖବର ଦେଲୁ । ଫାଲ୍ଗୁ ତାହାହେଲେ ଏଠା ଟାଉନ ଥାନା ଗୃହରେ । କୁଆଡ଼େ ଗଲା ସିଏ ?” ଅତି ଆନନ୍ଦରେ ଶ୍ରୀକାନ୍ତ ବାବୁ ପଚାରିଲେ ।

“କାଲିର ମର୍ଡର କେଶଟାରେ ଇନ୍‌କ୍ୱାରୀ କରିବାକୁ ଯାଇଛନ୍ତି ।”

“ଓହୋ । ସେଇ ସୁନନ୍ଦା ଦେବୀଙ୍କ ମର୍ଡ଼ର କେଶ୍‌ରେ··· ତୁ ଯାଇଥିଲୁ ?”

“ହଁ ସାର୍, ଯାଇ ପ୍ରଥମେ ବୁଲି ଆସିଥିଲି । କିନ୍ତୁ ସେ ଯେଉଁ ବ୍ୟାପାର, ସେଥିରେ ମୋ ମୁଣ୍ଡ ଟିକିଲିନି । ମୃତ୍ୟୁ ବୋଲି ମୃତ୍ୟୁ ! ସେ ପୁଣି ଅସମ୍ଭବ ଧରଣର···କାଲିଠାରୁ ସେ କେଶ ନେଇ ମୁଁ ବଡ଼ ବିବ୍ରତ । ଟାଉନରେ ଲୋକମାନେ ଆତଙ୍କିତ । କିପରି କ’ଣ ଯେ ମୁଁ ସେ କେଶରେ କରିବି ତା ଭାବିପାରୁନି । ଯାହା ହେଉ ଆପଣ ଆସି ପହଞ୍ଚି ଯାଇଛନ୍ତି ମୋର ବର୍ତ୍ତମାନ ଶତ-ହାତର ବଳ ।

ଏଇ ସମୟରେ କ୍ଲାନ୍ତ ହୋଇ ଥାନା ଭିତରକୁ ପଶିଆସିଲେ ଥାନା ଅଫିସର ମିଃ ଗଡ଼ନାୟକ……ଥାନାରେ ଓଡ଼ିଶାର ପ୍ରସିଦ୍ଧ ଗୋଇନ୍ଦା ଅଫିସର ଶ୍ରୀକାନ୍ତ ବାବୁଙ୍କୁ ଦେଖି ଆନନ୍ଦରେ ଚିତ୍କାର କରି ଉଠିଲେ—ଯାହା କହନ୍ତି ଯୋଗକୁ ବ୍ରହ୍ମା ଖଟନ୍ତି ।

ହସୁ ହସୁ ଶ୍ରୀକାନ୍ତ ବାବୁ କହିଲେ—ଆହୁରି ଆନନ୍ଦ ହେବ ଯେ ଶ୍ରୀ ଓ ରତି ଉଭୟ କାନ୍ତ ଉପସ୍ଥିତ । ମଣି କାଞ୍ଚନର ଏ ଅପୂର୍ବ ସମନ୍ୱୟ - ମଧୁର ହୋଇନ ?

ଗଡ଼ନାୟକ ବାବୁ ହସୁ ହସୁ କହିଲେ—ଆଜ୍ଞା, ଆପଙ୍କର ପ୍ରକାଶ ଭଙ୍ଗୀ ଦେଖିଲେ ମନେପଡେ଼ ଜଣେ ବିଖ୍ୟାତ ଅଭିନେତାଙ୍କ କଥା । ଆଗୁ ଆପଣ କ'ଣ ଚା ଖାଇଲେଣି ?

ହସି ହସି ଶ୍ରୀକାନ୍ତ ବାବୁ କହିଲେ—ରତିକାନ୍ତ ପୁରୀର ସବୁ ମଧୁର ଚଖେଇ ଦେଇଛି— ଆଉ ଯାଗା ନାହିଁ । ଆପଣ ବସନ୍ତୁ ବ୍ୟସ୍ତ ହୁଅନ୍ତୁନ । ଟିକେ କଡା ଚା ଖାଇ ଆପଣ ଆଶ୍ୱସ୍ତ ହୁଅନ୍ତୁ ତାପରେ କଥା ହେବା ।

ଗଡ଼ନାୟକ ବାବୁ ସିଗାରେଟ୍ ଖଣ୍ଡିକରେ ଅଗ୍ନି ସଂଯୋଗ କରୁ କରୁ କହିଲେ—ନାଇଁ ସାର୍ ! ଆଶ୍ୱସ୍ତି ଏ ଜୀବନରେ ପୁଣି ପୁରୀ ଟାଉନ୍‌ରେ ? ଅସମ୍ଭବ—କେତେ ପ୍ରକାର ଲିଟିଗେସନ୍ ଯେ ଏଠାରେ ପୂରି ରହିଛି ତା ମୁଁ ଭାବ ପାରୁନ । ପିମ୍ପୁଡ଼ି ଧାର ପରି କେଶ୍ ଉପରେ କେଶ୍ ଲାଗି ରହିଛି । ରମଣୀ ବାବୁଙ୍କ ସ୍ତ୍ରୀର ହତ୍ୟା ବିଷୟରେ ତ ଖବର କାଗଜରୁ ଦେଖିଥିବେ । କାଲି ସ୍ପଟ୍ (Spot) ଇନ୍‌କ୍ୱାରି କରିବାକୁ ଯାଇ ବର୍ତ୍ତମାନ ଫେରିଲି । କିଛି ସଂଧାନ ପାଇ ପାରିଲି ନାହିଁ ।

ବ୍ୟଗ୍ରହୋଇ ଶ୍ରୀକାନ୍ତ ବାବୁ ପଚାରିଲେ, କ'ଣ ଲସ୍‌ଟା ମାଇନା ହେବାକୁ ଡାକ୍ତର ଖାନାକୁ ପଠାଇ ସାରିଲେଣି ?"

କହି ଆସିଥିଲି ଡାକ୍ତର ଖାନାକୁ ପଠାଇ ଦେବା ପାଇଁ ।

ରତିକାନ୍ତ ଉଚ୍ଛ୍ୱସିତ ହୋଇ କହି ଉଠିଲା, ଚାଲନ୍ତୁ ସାର୍ — ଡ଼ାକ୍ତର ଖାନାକୁ ଲସଟା ଯିବା ପୂର୍ବରୁ ଟିକେ ଆଖି ପକାଇ ଦେଇ ଆସିବେ ।

ଗଡ଼ନାୟକ ବାବୁ ବଡ଼ କ୍ଲାନ୍ତ ହୋଇ ପଡ଼ିଛନ୍ତି କହି ଶ୍ରୀକାନ୍ତ ବାବୁ ଢେପ ଢୋକିଲେ । ତାଙ୍କର କଥାର ଭଙ୍ଗୀ କହୁଥିଲା ଚାଲନ୍ତୁ ଗଡ଼ନାୟକ ବାବୁ ଯିବା···

କ୍ଲାନ୍ତିର ଗୋଟାଏ ଦୀର୍ଘ ନିଃଶ୍ୱାସ ଟାଣି ଗଡ଼ନାୟକ ବାବୁ କହିଲେ — ପୁଲିସ ଚାକରୀ ତ କରିଛି, ହସ୍ ବେଲ୍ଟ ଖଣ୍ଡିକ ଯେ ପର୍ଯ୍ୟନ୍ତ ସରକାର ଘରକୁ ଫେରାଇ ନ ଦେଇଛି ସେ ପର୍ଯ୍ୟନ୍ତ ନ ଯିବାକୁ ମୁଁ କ'ଣ ମୋ ବାପାଙ୍କର ବି ଚାରା ନାହିଁ; ଚାଲନ୍ତୁ ଯିବା । ଏ ସୁଯୋଗ ପୁଣି ମିଳିବନି କି ଆପଣ ପୁରୀ ଆସିବେନି ।

ଖଣ୍ଡିଏ ଘୋଡ଼ାଗାଡ଼ି ଧରି ସମସ୍ତେ ବାହାରିଲେ ।

ପୁରୀ ସହରର ଉପକଣ୍ଠ କହିଲେ ଚଳେ । କିନ୍ତୁ ସ୍ଥାନଟିରେ ଅଛି ପଲ୍ଲୀ ଗ୍ରାମର ଶ୍ୟାମଳିମା ।

ମଠ ପାଖକୁ ଲାଗି ମଠ । ତାଳ, ନାରିକେଳ ଆଉ ଝାଉଁ ଗଛ ରାସ୍ତାର ଉଭୟ ପାର୍ଶ୍ୱରେ ଧାଡ଼ି ବାନ୍ଧି ଠିଆ ହେଲା ପରି ଦିଶୁଛନ୍ତି । ବହୁତ ଦୂରରୁ ସ୍ୱର୍ଗଦ୍ୱାର ଠାରୁ ଗୋଟିଏ କ୍ଷୀଣ ଜଳଧାରା ବହି ଚାଲିଛି । ତାର ଉପରେ ସକାଳ ନଅଟାର ପ୍ରଚୁର ସୂର୍ଯ୍ୟ କିରଣ ପଡ଼ି ଝକ୍ ଝକ୍ କରୁଥାଏ । ବହୁତ ବାଟ ଗଲା ପରେ ଦେଖାଗଲା ଗୋଟିଏ ସୁନ୍ଦର ଦୁଇ ମହଲା କୋଠା । ନିର୍ଜନ

ସ୍ଥାନରେ କୋଠାର ଅବସ୍ଥିତି ନେଇ ମନରେ ନୈସର୍ଗିକ ଶାନ୍ତି ଓ ଆନନ୍ଦ ଆଣି ଦିଏ ।

ଘୋଡାଗାଡ଼ିରେ ଯାଉଁ ଯାଉଁ ବିମୁଗ୍ଧ ହୋଇ ଶ୍ରୀକାନ୍ତ ବାବୁ କହିଲେ—ବୁଝିଲୁ ରବି, ସକାଳେ କିମ୍ବା ଆସନ୍ନ ସନ୍ଧ୍ୟାରେ ଏ ଯାଗାରେ ଥରେ ବୁଲିଗଲେ ବେଶ ଆନନ୍ଦ ମିଳେ । ଛଡ଼ା ଛଡ଼ି ହୋଇ ଏଠାରେ ଘରଗୁଡ଼ିକ ଥିବାରୁ ସକାଳେ ଭାବୁକ, କବି ଓ ଶିଳ୍ପୀ ପ୍ରାଣରେ ଯେତିକି ଆନନ୍ଦ ଓ ଅଲୋକ ଦେଇ ପାରିବ ଠିକ୍ ରାତିରେ ତାଠାରୁ କେତେଗୁଣ ପ୍ରୀତି ବଦଳରେ ଭୀତି ଜଗାଇ ପାରିବ । ରାତିରେ ଦସ୍ୟୁ ତସ୍କରମାନଙ୍କୁ ଏପରି ଘରେ ଭିଡ଼ ଜମାଇବାକୁ ସୁବିଧା ହୁଏ । କାହିଁକି ଯେ ଧନୀଲୋକମାନେ ବିତ୍ତ-ବନ୍ତ ଓ ବୁଦ୍ଧିମନ୍ତ ହୋଇ ଏ ପ୍ରକାର ବିଜନ ବେଳାରେ ଘର ତିଆରି କରନ୍ତି ତା ମୁଁ ବୁଝିପାରେ ନାହିଁ ।

"ଜୀବନର ସ୍ୱାଦ ଅନୁଭବ କରିବା ପାଇଁ ମନ ବେଳେ ବେଳେ କଳ୍ପନାର କଳା ଘୋଡ଼ାରେ ଚଢ଼ି ବୁଲିବାକୁ ଇଚ୍ଛା କରେ ।"

"ତୁମେ ଯାହା କହ ରବି, ଏ ସବୁ ସ୍ଥାନ ଦେଖିଲେ ମୋ ମନରେ କବିତ୍ୱ ପରିବର୍ତ୍ତେ ଫୁଟି ଉଠେ ଆତଙ୍କ ।"

ଏହି ସମୟରେ ଗାଡ଼ିଟି ଆସି ରମଣୀ ବାବୁଙ୍କ ଘର ପାଖରେ ପହଞ୍ଚି ଯାଇଥିଲା । ଗାଡ଼ିରୁ ସମସ୍ତେ ଓହ୍ଲାଇ ପଡ଼ିଲେ ।

ଘର ଭିତରୁ ହରଷ ମନରେ ଆସି ଜଣେ ସୁଶ୍ରୀ ଯୁବକ ଆଗନ୍ତୁକ ଅଫିସର୍‌ମାନଙ୍କୁ ଅଭିବାଦନ ଜଣାଇଲେ ଓ ଘରର ବୈଠକଖାନାକୁ ନେଇଗଲେ ।

ଆଧୁନିକ ରୁଚି ସମ୍ପନ୍ନ ସାଜସଜ୍ଜାରେ ଘରଟି ଶୋଭାମୟ ଓ ଲୋଭମୟ । ଆସନ ଗ୍ରହଣ କରି ସାରିଲା ପରେ ପୁଲିସ ସବ୍‌ଇନ୍‌ସ-ପେକ୍ଟର ମିଃ ଗଡ଼ନାୟକ ଯୁବକଙ୍କ ସହିତ ଶ୍ରୀକାନ୍ତ ଓ

ରତିକାନ୍ତ ବାବୁ ଦୁହିଁଙ୍କୁ ପରିଚୟ କରାଇ ଦେଲେ । ଯୁବକ ଜଣକର ପରିଚୟ ଦେବାକୁ ଯାଇ କହିଲେ ଯେ ଏ ହେଉଛନ୍ତି, ଅଶୋକକୁମାର କାନୁନଗୋ, ରମଣୀବାବୁଙ୍କ ପ୍ରଥମ ସ୍ତ୍ରୀର ପୁତ୍ର—

ବଡ ବିଚଳିତ ହୋଇ ଅଶୋକବାବୁ କହିଲେ—ଶ୍ରୀକାନ୍ତ ବାବୁଙ୍କ ନାମ ଅନେକ ଦିନରୁ ଶୁଣିଛି—ଓଡ଼ିଶାର ପ୍ରତି ଅଣୁ ପରମାଣୁ କହି ଦେବ ତାଙ୍କର ଅଦ୍ଭୁତ ସାହସ ଓ ବିଜୟର ଗୌରବ । ମୋର ସୌଭାଗ୍ୟ ମୁଁ ଆଜି ତାଙ୍କୁ ପାଇ ଧନ୍ୟ ହେଲି । ଶ୍ରୀକାନ୍ତବାବୁଙ୍କୁ ଅନୁରୋଧ କରି କହିଲେ ସାର ଦୟାକରି ସେ ଖୁନୀ, ଆତତାୟୀକୁ ଧରି ଆଣନ୍ତୁ— ଅର୍ଥର ଅଭାବ ନାହିଁ । ସମଗ୍ର ଜମିଦାରୀଟା ପଛେ ବିକ୍ରୀ ହୋଇଯାଉ କିନ୍ତୁ ମୁଁ ମାତୃହନ୍ତାର ଶାସ୍ତି ଚାହେଁ— କିଏ ସେ ଆତତାୟୀ ? କରୁଣତାରେ ଥରି ଉଠୁଥିଲା ତାଙ୍କର କଣ୍ଠ—

ଅଶୋକବାବୁଙ୍କୁ ଶାନ୍ତ୍ୱନା ଦେଇ ଶ୍ରୀକାନ୍ତବାବୁ କହିଲେ— ବାପା ଘରେ ଅଛନ୍ତି ?

"ବୋଉର ମୃତ୍ୟୁ ପରେ ବାପା ଏପରି ଭାଙ୍ଗି ପଡିଛନ୍ତି ଯେ ହୁଏତ ତାଙ୍କର ବଞ୍ଚିବାର ସମ୍ଭାବନା ଖୁବ୍ କମ୍ —"

ଗଡ଼ନାୟକବାବୁ ଆଉ ବିଳମ୍ବ କରିବାଟା ଉଚିତ ମନେ ନ କରି ଶ୍ରୀକାନ୍ତ ଓ ରତିକାନ୍ତବାବୁ ଦୁହିଁଙ୍କୁ ଧରି ସୁନନ୍ଦା ଦେବୀଙ୍କର ଶବ ଦେଖିବା ପାଇଁ ଚାଲିଲେ ।

ଗୋଟିଏ ସୁନ୍ଦର ସୁସଜ୍ଜିତ ବେଡ୍‌ରୁମ୍‌ରେ ସୁନନ୍ଦା ଦେବୀଙ୍କର ମୃତ ଦେହକୁ ରଖାଯାଇଛି— ମୃତ୍ୟୁ ପରେ ତାଙ୍କ ଦେହରେ ଖଣ୍ଡିଏ ଧଳା ଚାଦର କେବଳ ଢାଙ୍କି ଦିଆଯାଇଛି— ଶ୍ରୀକାନ୍ତବାବୁ ଆସ୍ତେ ଆସ୍ତେ ତାଙ୍କ ଦେହରୁ ସେ ଚାଦରଟି କାଢ଼ି ନେଲେ—ତା'ପରେ ଶବ ଉପରେ ତାଙ୍କର ଦୃଷ୍ଟି ଥରକୁଥର ଖେଳିଗଲା । ବହୁ ଅନୁସନ୍ଧାନ ପରେ ଶବ ଦେହରେ କ୍ଷତର ଚିହ୍ନ

ସୁଦ୍ଧା ଦେଖି ପାରିଲେ ନାହିଁ । ବଡ଼ ଆଚମ୍ବିତ ହେଲେ ସେ ସୁନନ୍ଦା ଦେବୀଙ୍କୁ ଦେଖି—ସୁଶ୍ରୀ ଓ କୋମଳ ତନୁ ଲତାଟି ଯେପରି ପୂର୍ବପରି ସତେଜ ଓ ଜୀବନ୍ତ ଦିଶୁଛି । ସୁନନ୍ଦା ଦେବୀଙ୍କର ଅପରୂପ ସୌନ୍ଦର୍ଯ୍ୟରେ ଶ୍ରୀକାନ୍ତବାବୁ ମୁଗ୍ଧ ହୋଇ ଭାବିଲେ ସାକ୍ଷାତ ସ୍ୱର୍ଗର କନ୍ୟାଟିକି ? ବଡ଼ ବିଚଳିତ ହୋଇ ସେ ଘର ସାରା ବୁଲିବାକୁ ଲାଗିଲେ । ପ୍ରତି ଝରକା ଆଉ କବାଟ ତନ୍ନ ତନ୍ନ କରି ପରୀକ୍ଷା କଲେ, କିନ୍ତୁ କୌଣସି ସନ୍ଧାନ ପାଇ ପାରିଲେ ନାହିଁ । ରତିକାନ୍ତ ମଧ୍ୟ ବିଚଳିତ ହୋଇ ପଡ଼ିଲେ ଏ ଅସମ୍ଭବ ଧରଣର ମୃତ୍ୟୁରେ । ଶବକୁ ପରୀକ୍ଷା କରୁ କରୁ ରତିକାନ୍ତବାବୁ ସୁନନ୍ଦା ଦେବୀଙ୍କର କଣ୍ଠରେ କ୍ଷୀଣ ନୀଳ ଦାଗଟିଏ ଦେଖି ଆବେଗରେ ଶ୍ରୀକାନ୍ତବାବୁଙ୍କୁ ଡାକି ଦେଖାଇଲେ—କିନ୍ତୁ ଶ୍ରୀକାନ୍ତବାବୁ ସେ ସବୁକୁ ଭ୍ରୂକ୍ଷେପ କଲେ ନାହିଁ । ଅନାସ୍ଥାଭାବ ପ୍ରକାଶ କରି ସେ ପୁଣି ଘରସାରା ଖୋଜି ବୁଲିଲେ । ଘରେ ବୁଲୁବୁଲୁ ସେ ଦେଖିଲେ ଘରର ଆଲମିରା ପଛରେ ଖଣ୍ଡିଏ କନା ଲେଉଟ୍‌କୋଉଟ୍ ହୋଇ ପଡ଼ିଛି । ସମସ୍ତଙ୍କର ଅଲକ୍ଷ୍ୟରେ ଖୁବ୍ ସାବଧାନର ସହିତ ପକେଟରେ ସେ ଖଣ୍ଡିକ ଗୁଞ୍ଜି ଦେଇ ସେ ବାହାରକୁ ବାହାରି ଆସିଲେ । ତାଙ୍କ ପଛେ ପଛେ ରତିକାନ୍ତ ଓ ଗଡ଼ନାୟକବାବୁ ମଧ୍ୟ ବାହାରି ଆସିଲେ । ସମସ୍ତଙ୍କ ମୁହଁରେ ହତାଶାର ରେଖା ସ୍ପଷ୍ଟ ହୋଇ ଫୁଟି ଉଠୁଥିଏ—

ବୈଠକ ରୁମ୍‌କୁ ଫେରିଆସି ଦେଖିଲେ ରମଣୀବାବୁ କେତେବେଳୁ ସେମାନଙ୍କ ଅପେକ୍ଷାରେ ବସିଛନ୍ତି, ପାଖରେ ତାଙ୍କର ଅଛନ୍ତି ଜଣେ ପ୍ରୌଢ଼ ବ୍ୟକ୍ତି—ଦେଖିବାକୁ ଉଚା, ଚନ୍ଦା ମୁଣ୍ଡ ଓ ପାପ୍ତ ନୟନ—ବୋଧହୁଏ ତାଙ୍କର ଗୁମାସ୍ତା ହେବେ । ରତିକାନ୍ତ ଓ ଶ୍ରୀକାନ୍ତବାବୁଙ୍କୁ ଦେଖି ସେ ବିକଳରେ କାନ୍ଦି ଉଠିଲେ । ସେ ବଡ଼ ଅଧୀର ଓ ଅସ୍ଥିର ହୋଇ ପଡ଼ୁଥାନ୍ତି ।

କୌଣସି ମତେ ତାଙ୍କୁ ଆଶ୍ୱାସନା ଦେଇ ସମସ୍ତେ ନିଜ ନିଜର ଆସନ ଗ୍ରହଣ କଲେ ।

କିଛି କ୍ଷଣ ସମସ୍ତେ ନୀରବ ରହିଲେ । ଘରର ନୀରବତାକୁ ଭଙ୍ଗ ଶ୍ରୀକାନ୍ତବାବୁ କହିଲେ—"ମୋର କେତେଗୁଡ଼ିଏ କଥା ଆପଣଙ୍କୁ ପଚାରିବାକୁ ଅଛି—ତାର ଯଥାଯଥ ଉତ୍ତର ଆପଣଙ୍କୁ ଦେବାକୁ ହେବ ?

"ପ୍ରଶ୍ନ ଆଉ କ'ଣ ଅବା ପଚାରିବେ ? ଅଶୋକର ମା ତ ସବୁ ପ୍ରଶ୍ନର ଉତ୍ତର ତାର ମୃତ୍ୟୁ ପୂର୍ବରୁ ଦେଇଯାଇଛି— ଆଉ କ'ଣ ବା ମୁଁ ଦେବି ? ଦୁଃଖରେ ବିଚଳିତ ହୋଇ ରମଣୀବାବୁ ଏତିକି କହିଲେ ।

କିଛି ସମୟ ପରେ ଶ୍ରୀକାନ୍ତବାବୁ ପଚାରିଲେ—କହି ପାରିବେ କି, ଏ ପ୍ରକାର ମୃତ୍ୟୁରେ ଆପଣ କାହାକୁ ସନ୍ଦେହ କରୁଛନ୍ତି ?"

"ସନ୍ଦେହ କ'ଣ ବା କରିବି ? ଏତ ପରିଷ୍କାର କଥା ଆଖି ଆଗରେ ଜଳଜଳ ଦିଶୁଛି ।"

ଆଶ୍ଚର୍ଯ୍ୟ ହୋଇ ଚଣ୍ଡିକାନ୍ତବାବୁ କହିଲେ—ତେବେ କ'ଣ ଆପଣ ସୁନନ୍ଦା ଦେବୀଙ୍କ ମୃତ୍ୟୁ ବିଷୟରେ ଆଗରୁ ଅବହିତ ଥିଲେ ?

ଭଗ୍ନ କଣ୍ଠରେ ରମଣୀବାବୁଙ୍କ ମୁହଁରୁ କେବଳ "ହଁ" ବୋଲି ପଦେ କଥା ବାହାରି ଆସିଲା, ତା'ପରେ ସେ ଶ୍ରୀକାନ୍ତ ବାବୁଙ୍କ ହାତକୁ ବଢ଼ାଇ ଦେଲେ ଖଣ୍ଡିଏ କାଗଜ—

ରମାକାନ୍ତ ଓ ଶ୍ରୀକାନ୍ତବାବୁ ଆଗ୍ରହରେ କାଗଜ ଖଣ୍ଡି ଖୋଲି ପଢ଼ିବସିଲେ—ସେଥିରେ ଲେଖାଥିଲା—

ପ୍ରିୟ ରମଣୀରଞ୍ଜନବାବୁ,

ଆପଣ ଦଶବର୍ଷ ପୂର୍ବେ ଯେତେବେଳେ ପ୍ରଥମେ ପୁରୀ ସହରରେ ପାଦ ପକାଇଲେ ସେତେବେଳେ ଆପଣଙ୍କର ସମ୍ବଳ

ଥିଲା ମାତ୍ର ପାଞ୍ଚଶହ ଟଙ୍କା ଆଉ ମୁଣ୍ଡରେ ସାମାନ୍ୟ କିଛି ବୁଦ୍ଧି । କିନ୍ତୁ ଏଇ ସାମାନ୍ୟ ବୁଦ୍ଧି ଆଉ ଅର୍ଥ ଉପରେ ନିର୍ଭର କରି ତୁମେ ଚାଲି ଆସିଲ ସୁଦୂର ବର୍ମାରୁ । ଆଜି ଟିକେ ଦୟାକରି ଅତୀତକୁ ଫେରି ଚାହିଁ—ସେଦିନର ସେ କୁହୁଡ଼ି ଘେରା ସକାଳ କଥା ମନେ ପକାଇବେ କି ? ଆଜି ଆପଣ ଲକ୍ଷ ଲକ୍ଷ ଟଙ୍କାର ଅଧିକାରୀ । କପଟ ଭାବରେ ଆପଣ ଆପଣଙ୍କର ଅଂଶୀଦାରମାନଙ୍କୁ ଠକି ଓ ବାଜେ କାଠକୁ ଶାଳ କାଠ ବୋଲି କହି ପୁରୀର ନିରିହ ଧର୍ମାନ୍ଧ ଜନତାକୁ ଫାଙ୍କିବାକୁ ଚେଷ୍ଟା କରିଛ ଏବଂ କେନ୍ଦ୍ରାପଡ଼ାର ଭଲ ଘିଅ ବୋଲି କହି ବଜାରରେ କପଟ ତା ସଙ୍ଗେ ଭେଜାଲ ମିଶାଇ ଅଜସ୍ର ଟଙ୍କା ଜମା କରିଛ, ତା ଆଉ କେହି ନ ଜାଣିଲେ ମଧ୍ୟ ବେଶି ଆଖିରୁ ବାଦ ଯାଇ ନାହିଁ—

ଆପଣଙ୍କର ବୟସ ହୁଏତ ପଚିଶ ବର୍ଷ, ଆଉ ବଞ୍ଚି ବଞ୍ଚି ଦଶ କିମ୍ବା ପନ୍ଦର ବର୍ଷ ବଞ୍ଚି ଯିବେ । ତା'ପରେ ସଂସାରରେ ଆପଣଙ୍କର ସ୍ତ୍ରୀ ଓ ପୁତ୍ର ଦୁଇଜଣ ରହିବେ । ସେ ଦୁଇ ଜଣଙ୍କ ପାଇଁ ଅଜସ୍ର ସମ୍ପତ୍ତି ରଖି ଲାଭ କ'ଣ ଆପଣଙ୍କର ହେବ ? ଆପଣ ଆପଣଙ୍କର ସମ୍ପତ୍ତିରୁ ପ୍ରାପ୍ୟ ଏକ ଲକ୍ଷ ଟଙ୍କା ମୋର ଅନୁଷ୍ଠାନକୁ ଦାନ କରନ୍ତୁ । ବେଶୀ ଟଙ୍କା ମାଗିଥାନ୍ତି କିନ୍ତୁ ବେଶୀ ଟଙ୍କାରେ ମୋର ପ୍ରୟୋଜନ ନାହିଁ । ଧାନ ଅମାରରୁ ମୁଠାଏ ମୂଷା ଖାଇଗଲେ ବୋଧହୁଏ ମନ ଦୁଃଖ ହେବ ନାହିଁ । ଆପଣ ଜାଣନ୍ତି କି ନାହିଁ କହିପାରୁନି, ତଥାପି କହୁଛି ବେଶି ଟଙ୍କା ନିଏ କିନ୍ତୁ ନିଜ ପାଇଁ ନୁହେଁ । ଏ ଦେଶର ଅଗଣିତ ଧନ ଦରିଦ୍ର, ଦୁଃସ୍ଥଙ୍କୁ ସାହାଯ୍ୟ କରେ । ଦେଶର ଲଙ୍ଗଳା, ଭୋକିଲା ଜନତା ମୁଠେ ଖାଇ ଖଣ୍ଡେ ପିନ୍ଧି ବଞ୍ଚିଯାଆନ୍ତୁ ଦେଶର ଇଜ୍ଜତ ବଜାୟ ରହୁ । ଆପଣଙ୍କର ବି ଦୁଃଖିତ ହେବାର କିଛି ନାହିଁ । ଯେଉଁମାନଙ୍କର ସମ୍ପତ୍ତି ଆପଣ ତାଙ୍କର ଅବେଳରେ ତାଙ୍କଠାରୁ ଆଣିଥିଲେ

ସେମାନଙ୍କୁ ଆଜ ତାଙ୍କ ଦୁର୍ଦ୍ଦିନରେ ସାହାଯ୍ୟ କରିବ । ଏହାଦ୍ୱାରା ଆପଣଙ୍କର ଧର୍ମ ହେବ ।

କିନ୍ତୁ ଆପଣଙ୍କର ଅଜସ୍ର ଟଙ୍କାର ଏ ସାମାନ୍ୟ ଅଂଶଟା ଯଦି ମୋ ହାତରେ ଦେବାକୁ ଆପଣ ଅରାଜି ହୁଅନ୍ତି ତେବେ ମୁଁ ବାଧ୍ୟ ହେବି ଆପଣଙ୍କର ଅବଶିଷ୍ଟ ପରମାୟୁକୁ ସଂକ୍ଷିପ୍ତ କରି ଦେବା ପାଇଁ । ଏ ଚିଠି ପାଇବାର ଚବିଶଘଣ୍ଟା ଭିତରେ ଯଦି ମୁଁ ଆପଣଙ୍କ ଠାରୁ ଟଙ୍କା ନ ପାଏ ତେବେ ବୁଝିନେବି ଯେ ଏ ଟଙ୍କା ଦେବା ଆପଣଙ୍କର ଅଭିପ୍ରାୟ ନୁହେଁ ।

ତା ପରେ ଆପଣ ବାଧ୍ୟ କରିବେ ଆପଣଙ୍କଠାରୁ ତିନି ଲକ୍ଷ ଟଙ୍କା ମୋତେ ନେଇଯିବା ପାଇଁ ଏବଂ ତା ସଙ୍ଗେ ଏ ବିପୁଳ ଅର୍ଥର ଯେ ରକ୍ଷକ ତାର ପ୍ରାଣ ବାୟୁଟା ବି ନେଇ ଯିବା ପାଇଁ । ଆଶାକରେ ଆପଣଙ୍କ ପରି ବୁଦ୍ଧିମାନ ଲୋକ ଏଥିରେ ଆପତ୍ତି କରିବେ ନାହିଁ । ଏ ଟଙ୍କା କପରି ଭାବରେ ମୋ ପାଖକୁ ଆସିବ ତାହା ଆପଣଙ୍କୁ କହି ଦେଉଛି । ଆପଣ ଟଙ୍କାକୁ ଯେ କୌଣସି ଲୋକ ହାତରେ 'ଗେଷ୍ଟ ହାଉସ୍‌କୁ' ପଠାଇଲେ ମୁଁ ପାଇ ପାରିବି । ଯଦି ଏ ଚିଠିକୁ ଆପଣ ଏତେ ଗୁରୁତ୍ୱ ଦେଉ ନଥାନ୍ତି, ତେବେ ଦୁଃଖର ସହିତ କହୁଛି, ଆପଣ ଦୁର୍ଦ୍ଦଶାକୁ ନିଜେ ବରଣ କରି ଆଣୁଛନ୍ତି—ଧନ୍ୟବାଦ୍ !

ଇତି
ମିସ୍ ବେବି

ଚିଠିଟି ପଢ଼ି ସାରି ଚକିତ ହୋଇ ଉଠିଲେ ଶ୍ରୀକାନ୍ତବାବୁ । ରତିକାନ୍ତବାବୁ ବ୍ୟସ୍ତ ହୋଇ କହିଲେ—ଏ ଚିଠି ପାଇ ଆପଣ ତ ବେଶ୍ ଆମ ପାଖକୁ ଫୋନ କରି ପାରିଥାନ୍ତେ, ଯେହେତୁ ଦୀର୍ଘ ଚବିଶଘଣ୍ଟା ସମୟ ଆପଣଙ୍କ ହାତରେ ଥିଲା । ଆପଣ ପୋଲିସକୁ

ଖବର ନ ଦେଇ ନିଜେ ନିଜେ ଏ ବିପଦକୁ ବରଣ କରି ଆଣିଛନ୍ତି । ବର୍ତ୍ତମାନ କେବଳ ଅନୁଶୋଚନାହିଁ ଆପଣଙ୍କର ସମ୍ବଳ ।

ନିଜର ଉଦ୍‌ଗତ କୋହକୁ ସମ୍ଭାଳି ନେଇ ରମଣୀବାବୁ କହିଲେ—ମୋତେ ଏତେଟା ବୁଦ୍ଧିହୀନ ବୋଲି ଭାବିବାକୁ ଚେଷ୍ଟା କରନ୍ତୁ ନାହିଁ ! ରଞ୍ଜିତବାବୁ ବେଙ୍ଗାଠାରୁ ଚିଠି ପାଇ ମୁଁ ଯେ ଚେଷ୍ଟା ନ କରିଛି ତା ନୁହେଁ କିନ୍ତୁ ହାରି ଯାଇଛି । ମୁଁ ଫୋନ କରିବା ପୂର୍ବରୁ ସେ ସବୁ ଫୋନ ଲାଇନ୍ ମୋର କାଟି ଦେଇଥିଲା । ମୁଁ ଆପଣମାନଙ୍କ ପାଖକୁ ଯିବା ପାଇଁ ପ୍ରସ୍ତୁତ ହୋଇ ବାହାରିଲି ସମୟରେ ମୋ ଚାକର ଆଣି ଖଣ୍ଡିଏ ଚିଠି ବଢ଼ାଇ ଦେଲା— ଚିଠିଟି ପଢ଼ି ଆହୁରି ବିସ୍ମିତ ଓ ଆତଙ୍କିତ ହୋଇ ଉଠିଲି ।

କାହିଁ ସେ ଚିଠିଟି ? ଶ୍ରୀକାନ୍ତବାବୁ ଆଗ୍ରହରେ ପଚାରିଲେ—

ମୋ କୋଟ ପକେଟରେ ଅଛି ବୋଧହୁଏ ଏହା କହି କୋଟଟା ଆଣିବାକୁ ଚାକରକୁ ଆଦେଶ ଦେଲେ—

ଘର ସାରା ଦୀର୍ଘ ସମୟ ଧରି ନୀରବତା ଦେଖାଗଲା । ଶ୍ରୀକାନ୍ତବାବୁ ଭାବିଲେ—"ଗେଷ୍ଟ ହାଉସ ଓ ବେଙ୍ଗ"—କି ସମ୍ପର୍କ ଅଛି ସେଠାରେ ?

ଚାକର ଆଣି କୋଟଟା ଦେଇଗଲା—ସେଥିରୁ ଖଣ୍ଡିଏ ଚିଠି କାଢ଼ିଲେ ରମଣୀବାବୁ—ଗ୍ଲେଜ ମିଲ କାଗଜରେ ଲେଖା ଅଛି— ଚିଠିର ଉପରେ ଗ୍ଲୋବ ବନ୍ଧନାଗାରର ସଙ୍କେତ ଛପା ଅଛି ।

ପ୍ରିୟ ରମଣୀବାବୁ,

ଗତ ଚିଠିର ଶେଷରେ ଧନ୍ୟବାଦ ଦେଇଥିଲି, ବର୍ତ୍ତମାନ ଆରମ୍ଭରେ ଧନ୍ୟବାଦ ଦେଉଛି । ପୋଲିସ ସାହାଯ୍ୟ ନେଇ ବୁଦ୍ଧିହୀନତାର ପରିଚୟ ଦିଅନ୍ତୁ ନାହିଁ । ଭାବନ୍ତୁ ନାହିଁ ଯେ ମୁଁ ଏତେ ଖାରୁ ଓ ବୁଦ୍ଧିହୀନା ବୋଲି—ପୃଥିବୀର ପୁଲିସମାନେ ଯେ

ଅକର୍ମଣ୍ୟ ତା ମୋ ଅପେକ୍ଷା ଆପଣଙ୍କୁ ବେଶ୍ ଜଣା । ପୁରୀର ପୁଲିସମାନେ ଯଦି କର୍ମକ୍ଷମ ହୋଇଥାନ୍ତେ ତେବେ ଆପଣ ଆଜି ପୁରୀ ମାଟିରେ ବସି ଲୋକଙ୍କୁ ଠକି ପାରନ୍ତେ ନାହିଁ ।

ସେ ଯାହା ହେଉ ମୋ ଆଖି ଯେ ସର୍ବଦା ଆପଣଙ୍କ ଘର ପାଖରେ ଘୂରି ବୁଲୁଛି ତା ଭାବିବାକୁ ଭୁଲନ୍ତୁ ନାହିଁ ।

| ଇତି |

ଚିଠିଟି ପଢ଼ି ସାରି ବିସ୍ମୟ ବିସ୍ଫାରିତ ନେତ୍ରରେ ରତିକାନ୍ତ ବାବୁ ଚାହିଁ ରହିଲେ ଶ୍ରୀକାନ୍ତ ବାବୁଙ୍କ ମୁହଁକୁ ।

ହଠାତ୍ ସବ୍ଇନ୍ସପେକ୍ଟର ଗଜନାୟକ ବାବୁ କହିଲେ ସାର୍, ଏହାର ଆବିର୍ଭାବ ହେଲା ଦିନୁ ସମଗ୍ର ଓଡ଼ିଶାର ଲୋକେ ଶଙ୍କିତ ଓ ଆତଙ୍କିତ, ଭୟର ବିଭୀଷିକା ଘରଆଗରେ ଖେଳି ବୁଲୁଛି । ଗଲା କେତେ ଦିନ ତଳେ ବାଲେଶ୍ୱରରେ ସେ ଯେଉଁ ଅଦ୍ଭୁତ କାଣ୍ଡମାନ କଲା ଏବଂ ତାପରେ ପୁରୀରେ ପହଞ୍ଚି ଏ ଯେଉଁ ଦୁର୍ଘଟଣା ଘଟାଇଲାଣି ବର୍ତ୍ତମାନ ରାସ୍ତା ଘାଟରେ ଲୋକମାନେ ଆମକୁ କ'ଣ ଯେ ଭାବୁଥିବେ ·······

ଗଜନାୟକ ବାବୁଙ୍କ କଥା ମୁଅରେ ବାଧା ଦେଇ ଶ୍ରୀକାନ୍ତ ବାବୁ କହିଲେ, କ'ଣ ଯେ ଆପଣ ପିଲାଙ୍କ ପରି ଗପି ଯାଉଛନ୍ତି ମୁଁ ଭାବି ପାରୁନି । ଓଡ଼ିଶାର ଜଣେ ଦାୟିତ୍ୱ ସମ୍ପନ୍ନ ପୋଲିସ୍ ଅଫିସର ହୋଇ ଆପଣଙ୍କର ଦେଶ, କାଳ, ପାତ୍ରର ଖବର ନାହିଁ । ଲୋକମାନଙ୍କ କହିବାରୁ ଆମକୁ କ'ଣ ମିଳିବ ? ସେମାନଙ୍କର ସମାଲୋଚନା ଆମକୁ ପ୍ରେରଣା ଦେବ । ତାଙ୍କର ଉପହାସ ଆମ ପ୍ରତି ଆଶିର୍ବାଦ ବୋଲି ଭାବି ନେବାକୁ ହେବ । ସେମାନେ ଯଦି ଆମକୁ ସମାଲୋଚନା ନ କରନ୍ତେ ଆମେ କିଛି କରି ପାରନ୍ତେ ନାହିଁ । ନିଜ ନିଜକୁ ହସ୍ ବେଲେଟ ତଳେ ଦେଖି

ହୁଅନ୍ତୁ ନାହିଁ । ଆପଣ ନିର୍ଭୟ ହୋଇ ରହନ୍ତୁ । ମୁଁ ଖୁନୀର ସଂଧାନ ନିଶ୍ଚୟ ଆପଣଙ୍କୁ ଦେବି । ଆଜି ମୁଁ ଆପଣଙ୍କୁ ପ୍ରତିଶ୍ରୁତି ଦେଇ ଯାଉଛି ବେଶ୍ୟାର ସତ୍ତା ମୁଁ ଓଡ଼ିଶା ଭୂଇଁରୁ ଲୋପ କରି ଦେବି ।

ଏଇ ସମୟରେ ଅଶୋକକୁମାର—ରମଣୀବାବୁଙ୍କ ପୁଅ ଘର ଭିତରକୁ ବଡ଼ ଅସଂଭାଳ ହୋଇ ପଶି ଆସିଲେ । ଶ୍ରୀକାନ୍ତ ବାବୁଙ୍କର ହାତ ଦୁଇଟା ଝଟକାରେ ଧରି ପକାଇ କହି ଉଠିଲେ—ସାର୍, ଆପଣ ଟଙ୍କା ପାଇଁ ଚିନ୍ତା କରନ୍ତୁ ନାହିଁ । ଖୁନୀର ସଂଧାନ କିମ୍ବା ମୃତ୍ୟୁ ପାଇଁ ଯେତେ ଟଙ୍କା ଦରକାର ହେବ ତା ମୁଁ ଅକୁଣ୍ଠିତ ଭାବରେ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଅଛି । କିନ୍ତୁ ମୁଁ ଚାହେଁ ମୋର ମାତୃହନ୍ତାର ଉପଯୁକ୍ତ ପ୍ରତିଶୋଧ ।

ଅଶୋକଙ୍କୁ ଶାନ୍ତ୍ୱନା ଦେଇ ଦେଇ ଶ୍ରୀକାନ୍ତ ବାବୁ ଟିକେ ଗମ୍ଭୀର ହୋଇ କହିଲେ । ରମଣୀ ବାବୁ, ଆପଣ କିଛି ଭାବିବେ ନାହିଁ । କିନ୍ତୁ ଗୋଇନ୍ଦା ହିସାବରେ ମୋତେ ମୋର ବିବେକ ବିରୁଦ୍ଧରେ କେତେଗୁଡ଼ିଏ ପ୍ରଶ୍ନ ଆପଣଙ୍କୁ ପଚାରିବାକୁ ହେବ ।

ବହି ଯାଉଥିବା ନଦୀ ହଠାତ୍ ବାଧା ପ୍ରାପ୍ତ ହେଲାପରି ସମସ୍ତେ ଚମକି ଉଠିଲେ ଶ୍ରୀକାନ୍ତ ବାବୁଙ୍କର ଏ ପ୍ରକାର ଭାବ ଭଙ୍ଗୀରେ । ରତିକାନ୍ତ ଓ ଗଡ଼ନାୟକ ବାବୁ ଭାବିଥିଲେ ଆଜିକାର ଅନୁସଂଧାନ ବୋଧହୁଏ ଏତିକିରେ ଶେଷ ହେଲା ବୋଲି କିନ୍ତୁ .....

ହଁ କହିପାରିବେ କି ରମଣୀ ବାବୁ, ଘରେ ଆପଣମାନେ କେତେଜଣ ଅଛନ୍ତି ?

"ଏ ଘରେ ଆମେ ଚରିଜଣ ଅଛୁ—ମୁଁ, ଅଶୋକ, ଚାକର ଟୋକାଟି ଓ ଗୁମାସ୍ତା ନରହରି ବାବୁ ।"

"ଆଉ ଏମାନଙ୍କ ପ୍ରତି ସୁନନ୍ଦା ଦେବୀଙ୍କର ବ୍ୟବହାର କିପରି ଥିଲା ?"

ଗୁମାସ୍ତା ନରହରି ବାବୁ ଦୁଃଖରେ ଭାଙ୍ଗି ପଡ଼ିଲା ପରି କହିଲେ—

"ଆଜ୍ଞା ଜନ୍ମ କଲା ମା ତାଙ୍କୁ ପାଇବ ନାହିଁ ?"

"ଆପଣ ରୁହନ୍ତୁ—ରମଣୀବାବୁଙ୍କୁ ପ୍ରଶ୍ନ ପଚାରିଲାବେଳେ ଉତ୍ତର ରମଣୀ ବାବୁହିଁ ଦିଅନ୍ତୁ ।

ହଁ, ରମଣୀ ବାବୁ, ଆପଣଙ୍କର ଏ କାଠ ବ୍ୟବସାୟ ଓଡ଼ିଶାର କେଉଁ କେଉଁ ଅଞ୍ଚଳରେ ଚାଲେ ?

"ପ୍ରାୟ ପ୍ରତି ଜିଲାରେ ମୋର କୁପ୍ ଅଛି ।"

"ପ୍ରତି କୁପ୍‌ରେ ଜଣେ ଜଣେ ମ୍ୟାନେଜର ଥିବେ ତ ?"

"ଆଜ୍ଞା ।"

ଅଶୋକ ସୁନନ୍ଦା ଦେବୀଙ୍କର ଜନ୍ମିତ ପୁଅ ?

"ଜନ୍ମ ଯଦିଓ ନ କରିଛନ୍ତି ତେବେ ମୁଁ ତାଙ୍କ ବ୍ୟତୀତ ଆଉ କାହାକୁ ମା ବୋଲି ଡାକ ନାହିଁ—ଅଶୋକ କହିଲା—

ମାନେ ! ତାହା ହେଲେ କ'ଣ ଅଶୋକକୁ ଜନ୍ମ ଦେଇ ଆପଣଙ୍କ ପ୍ରଥମ ସ୍ତ୍ରୀ ମରିଗଲେ ?

—"ନାଇଁ ସାର୍,—ଅଶୋକର ମା ମୃତ୍ୟୁ ବେଳକୁ ଅଶୋକକୁ ୩ବର୍ଷ । ତା'ପରେ ସେ ଯାଇ ତା ମାମୁଁ ଘରେ ରହିଥିଲା । ମାମୁଁ ଘରେ ରହି ସେଇଠି ପାଠ ପଢ଼ିଲା—ମାଟ୍ରିକ ପାଶ୍ ପରେ ଏବେ କଲେଜରେ ନାଁ ଲେଖାଇବା ଦୁଇବର୍ଷ ହେବ ।"

"ଏଇ ପାଠ ପଢ଼ିଲା ବେଳେ ଅଶୋକ ବାବୁ କ'ଣ ଆଦୌ ଘରକୁ ଆସନ୍ତି ନ ?

"ହଁ ଆଜ୍ଞା ! ପ୍ରଭୁ ଛୁଟିରେ ରହେ । ସୁନନ୍ଦାଙ୍କ ସ୍ନେହ ପାଇ ସେ ଆଉ ମାମୁଁ ଘରକୁ ଯିବାକୁ ଇଚ୍ଛା କରେ ନାହିଁ । କିନ୍ତୁ ତାର ମାମୁଁମାନଙ୍କର ତା'ଠି ଏତେ ମମତା ଯେ ସେମାନେ ଅଶୋକକୁ ରଖାଇ ଦିଅନ୍ତି ନାହିଁ ।

କଥାବାର୍ତ୍ତାର ସୂଅ ଭିତରେ ବାଧା ପକାଇ ଥାନାରୁ ଏ, ଏସ୍, ଆଇ (A.S.I) ସଙ୍ଗରେ ଜଣେ କନେଷ୍ଟବଲ ଧରି ଶବକୁ ପୋଷ୍ଟମର୍ଟମ ପାଇଁ ନେବାକୁ ଆସି ପହଞ୍ଚିଲେ ।

ଅନ୍ୟଦିନ ଆସିବେ କହି ଶ୍ରୀକାନ୍ତ ବାବୁ ବିଦାୟ ନେଲେ ।

ତଦନ୍ତ ଶେଷ କରି ଗେଷ୍ଟ ହାଉସରେ ପହଞ୍ଚିଲା ବେଳକୁ ଦିନ ୧୨ଟା ବାଜିଲାଣି । ହୋଟେଲର କୋଳାହଳ ପ୍ରାୟ କମି ଆସିଲାଣି—ଶ୍ରୀକାନ୍ତ ବାବୁ ବୟକୁ ଖାଇବାକୁ ଆଣିବାକୁ କହି ନିଜର ରୁମ୍ ଫିଟାଇଲେ । ପୋଷାକ ପତ୍ର ବଦଳାଇ ସାରି ଖାଇ ବସିଲେ । ବିଲମ୍ବ ହେତୁ ସେଦିନର ଭୋଜନ ସେତେ ରୁଚିକର ହେଲା ନାହିଁ । ଖାଲି ବଂଚିବା ପାଇଁ ଖାଇବାକୁ ହେବ ଏଇ ମତରେ ସେ ଗଣ୍ଡେ ଖାଇ ଦେଇ ଟିକେ ବିଶ୍ରାମ ନେଉଛନ୍ତି ଏଇ ସମୟରେ ହୋଟେଲର ବୟ ଆସି ସମ୍ମାନ ସହ ତାଙ୍କ ହାତକୁ ଖଣ୍ଡିଏ ଚିଠି ବଢ଼ାଇ ଦେଲା । ବୟ ହାତରୁ ଚିଠିଟି ନେଇ ଶ୍ରୀକାନ୍ତ ବାବୁ ପଢ଼ି ବସିଲେ ।

ପ୍ରିୟ ଶ୍ରୀକାନ୍ତ ବାବୁ !

ବାସ୍ତବିକ ଆପଣଙ୍କୁ ଧନ୍ୟବାଦ ଦେଉଚି, ବର୍ତ୍ତମାନ ଆପଣ କିଛି ବିଚଳିତ ହୋଇ ପଡ଼ିଛନ୍ତି । ମୋତେ ଚିହ୍ନି ନପାରି ଆପଣ

ବିଶେଷ ଶକ୍ତିର । ଦେଖି ନିଶ୍ଚୟ ଗୋଟାଏ ଡକାୟତର କନ୍ୟା, କିମ୍ବା ସ୍ତ୍ରୀ ହୋଇଥିବ ଅଥବା ଗୋଟାଏ ଇତିହାସ ବିହୀନ ନୀଚ କୁଳରେ ମୋର ଜନ୍ମ ହୋଇଥିବ । ଏଇ ଧାରଣା ଆପଣଙ୍କର ହେଉଥିବ ଆପଣ କ'ଣ, ସାରା ଓଡ଼ିଶାର କେତେକ ମଧ୍ୟ ଏଇ ବିଶ୍ୱାସ ଉପରେ ଦୃଢ଼ ହୋଇଥିବେ । ମୋର ଡକାୟତି ପେଷା ବୋଲି କେତେକଙ୍କ ମନରେ ଭୁଲ ଧାରଣାର ଢେଉ ଲହଡ଼ି ମାରୁଥିବ । ଆପଣଙ୍କ ଜାଣିବା ପାଇଁ ଲେଖିଲି । ଗୋଟିଏ ଉଚ୍ଚ ସମ୍ଭ୍ରାନ୍ତ ବଂଶରେ ମୋର ଜନ୍ମ । ମୁଁ ଅଶିକ୍ଷିତା ନୁହେଁ । ବିଜ୍ଞାନରେ ଏମ୍ ଏସ୍. ସି. ପାଶ୍ କରିଛି । ବିବାହ କରି ନାହିଁ । ଏମ୍. ଏସ୍. ସି. ପାଶ କରିବା ପରେ ଦେଶରେ ଚାଲିଥିବା ଲୁଣ୍ଠନ, ଅତ୍ୟାଚାର ଓ ଉତ୍ପୀଡ଼ନ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ମୋ ମନ ଭିତରେ ଯେପରି ଗୋଟାଏ ସଂଗ୍ରାମୀ ମନୋବୃତ୍ତି ଦେଖାଦିଏ । ତା ପରେ ମୁଁ ମୋର ଅଭିଯାନ ଚଳାଇଛି । ବାଲେଶ୍ୱର ଅଭିଯାନ ସମୟରେ ସେପରି କୃତକାର୍ଯ୍ୟ ନହେଲେ ମଧ୍ୟ ଏଥର ପୁରୀରେ ଅକୃତକାର୍ଯ୍ୟ ହୋଇନି । ଆପଣଙ୍କ ପରି ଚତୁର ଓ ବୁଦ୍ଧିମାନ ଗୋଇନ୍ଦା ଅଫିସରଙ୍କ ସହିତ ଖେଳିବାକୁ ପଡ଼ୁଥିବାରୁ ମୁଁ ବିଶେଷ ଆନନ୍ଦିତ । ସେଥିପାଇଁ ଆପଣଙ୍କର ଏ ଦୃଢ଼ ପଦକ୍ଷେପକୁ ମୁଁ ସ୍ୱାଗତ କରୁଛି ।

ପର ଚିଠିରେ ପୁଣି ଆପଣଙ୍କ ସହିତ ସାକ୍ଷାତ କରିବି ଏଇ ବାସନା ନେଇ ରହିଲି । ଇତି ।

ଚିଠିଟି ପଢ଼ିସାରି ବିସ୍ମୟରେ ଶ୍ରୀକାନ୍ତ ବାବୁ ପଚାରିଲେ ତୋତେ ଏ ଚିଠିଖଣ୍ଡି କିଏ ଦେଲା ?

ଗୋଟାଏ ମଟରକାରରୁ ଜଣେ ବାବୁ ଓହ୍ଲାଇ ଟିଫିନ ରୁମରେ ଚା ପିଇସାରି ଏ ଚିଠି ଖଣ୍ଡ ଆପଣଙ୍କୁ ଦେବାକୁ କହିଲେ—

"ସେ ବାବୁ ଅଛନ୍ତି ନା ଗଲେଣି ?"

"ଯାଇ ନଥିଲେ ତ......

ତରତରରେ ଶ୍ରୀକାନ୍ତ ବାବୁ ଓହ୍ଲାଇ ଆସିଲେ ତଳକୁ ବାହାରକୁ ଆସି ଚାହିଁ ଦେଖିଲେ ଖୁବ୍ ଦୂର ଗତିରେ ଗୋଟାଏ କଳା ରଙ୍ଗର କାର ଝାଉଁ ବଣ ଭିତରେ ଅଦୃଶ୍ୟ ହୋଇ ଯାଉଛି ।

ଯୁବକ ଗୋଯେନ୍ଦା ଶ୍ରୀକାନ୍ତ ରାୟ ବିସ୍ମୟ ବିସ୍ଫାରିତ ନେତ୍ରରେ ନିର୍ବୋଧଙ୍କ ଭଳି ଚାହିଁ ରହିଲେ । ସେ ଭାବିପାରିଲେ ନି କ'ଣ ଏ ସବୁ ତାଙ୍କ ଆଖି ଆଗରେ ହୋଇ ଚାଲିଛି—ମ୍ୟାଜିକର ଭାନୁମତୀପରି ବେଶୀ କ'ଣ ତାଙ୍କର ଯିବା ଆସିବା ସବୁ ଖବର ରଖୁଛି ? ବଡ଼ ଆଶ୍ଚର୍ଯ୍ୟ !

ରୁମକୁ ପୁଣି ଫେରି ଆସିଲେ । ନିଜର କ୍ଳାନ୍ତ ଦେହଟାକୁ ଶେଯ ଉପରେ ବିଛାଇ ଦେଇ ସେ ସିଗାରେଟରେ ଅଗ୍ନିସଂଯୋଗ କଲେ । ପ୍ରାୟ ଅଧିକାଂଶ ସମୟରେ ସିଗାରେଟରେ ଧୂମ୍ର କୁଣ୍ଡଳୀ ସର୍ଜନା କଲାବେଳେ ସେ ଅନେକ ବିଷୟ ଭାବନ୍ତି । ଆଖି ଆଗରେ ତାଙ୍କର ଭାସି ଉଠିଲା ରମଣୀ ବାବୁଙ୍କ ଘର ହତ୍ୟାକାଣ୍ଡର ବିଭୀଷିକା । ବେନାମ ରମଣୀବାବୁଙ୍କ ପାଖକୁ ଲେଖିଥିବା ଚିଠି । ସର୍ବୋପରି ବର୍ତ୍ତମାନର ତାଙ୍କ ପାଖକୁ ଦେଇଥିବା ଚିଠି......

ଶ୍ରୀକାନ୍ତ ବାବୁ ଖାଲି ଭାବିବାକୁ ଲାଗିଲେ ବଡ଼ ଅସମ୍ଭବ ଧରଣର ମୃତ୍ୟୁ ସୁନନ୍ଦା ଦେବୀଙ୍କ । ଆତତାୟୀ ଆସିଛି, ଆସିବାର କିଛି ସମୟ ପୂର୍ବରୁ ସେ ବିପଦର ଘଣ୍ଟି ବି ବଜାଇ ଦେଇଛି, କିନ୍ତୁ ହତ୍ୟା ପରେ କୌଣସି ଚିହ୍ନ ଟିକିଏ ସେ ରଖି ଯାଇନି ଯାହାକୁ ସମ୍ବଳ କରି ହୁଏତ ସେ କିଛିଦୂର ଅଗ୍ରସର ହୋଇ ପାରନ୍ତେ । କିନ୍ତୁ......

ସେ ଆସିଲା କିପରି ? ସୁନନ୍ଦା ଦେବୀଙ୍କ ହାତରେ ହୋଟେଲେଜାର ଚିହ୍ନ ଅଛି ସେ ବା ଜାଣିଲା କିପରି ? ନିଶ୍ଚୟ ତାର

ସ୍ମୃତିର ସେଇ ଘର ଭିତରେ ଲୁଚିଛନ୍ତି । ସେ ପଥ ତାଙ୍କୁ ଆବିଷ୍କାର କରିବାକୁ ହେବ । ଏଇ ସମୟରେ ହୋଟେଲର ବୟ୍ କହିଲା ଆପଣଙ୍କୁ କିଏ ଫୋନରେ ଡାକୁଛନ୍ତି—

ଶ୍ରୀକାନ୍ତ ବାବୁ ଯାଇ ଫୋନ୍ ଟି ତୋଳି ଧରିଲେ—

“କିଏ ରତ୍ନି କହୁଛୁ ?”

“...............”

“ମୋର କାହିଁକି ବିଶ୍ୱାସ ହେଉନି”

“...............”

“ହଁ ଯେତେବେଳେ ତୁ କହୁଛୁ ମୁଁ ଅବିଶ୍ୱାସ କରିପାରୁନି । ତେବେ ସନ୍ଧ୍ୟାବେଳକୁ ମୁଁ ଚାଲେ ସାଙ୍ଗ ହୋଇ ବାହାରିବା । କିଛି ନ ହେଲେ ଜଗନ୍ନାଥ ଦର୍ଶନ ତ ହୋଇ ପାରିବ……

“...............”

“ଆଚ୍ଛା ନମସ୍କାର”—ହସୁ ହସୁ ଶ୍ରୀକାନ୍ତ ବାବୁ ଫୋନ ରିସିଭରଟି ଥୋଇଲେ—

ସନ୍ଧ୍ୟା—ପୁ’ର ଆସର ।

“ଦେଖୁଚି ରତ୍ନି ତୁ ତ ଆଜି ବଡ଼ ପ୍ରସନ୍ନ ଦିଶୁଛୁ ?”

“ମୁହଁ ଦେଖି ଆପଣ କ’ଣ ବୁଝିପାରୁ ନ ଥିବେ ଯେ”

“ହଁ ହଁ ତୋର ମୁହଁ ମୋର ଦଶଥର ପଢ଼ା ବହି ପୃଷ୍ଠା ପରି । ବହି ପୃଷ୍ଠା ଓଲଟାଇଲେ ଯେପରି ଜଣାପଡ଼େ ପର ପୃଷ୍ଠାରେ କ’ଣ ଅଛି ସେପରି ତୋର ମୁହଁର ଭାବ ଭଙ୍ଗୀରୁ ମୁଁ ବେଶ ଅନୁମାନ କରିପାରେ ।

"ଆପଣ ସାର କବି ହେବା ଉଚିତ ଥିଲା ।"

"ଉଚିତ ଅନୁଚିତ ସେ ପରର କଥା । କବିତ୍ୱ ନଥିଲେ ସୁଦ୍ଧା ପାଠକ କବିତାର ମାଧୁର୍ଯ୍ୟ ବେଶ୍ ଉପଲବ୍ଧି କରିପାରେ ।"

"ବଡ଼ ରୁକ୍ଷ ଆଉ ଦୁର୍ବିସହ ଏ ଗୋୟନ୍ଦା ଗିରିକର୍ମ ସାର୍ । ଏତେ କଷ୍ଟ ଜାଣିଥିଲେ ମୁଁ ମାଷ୍ଟ୍ରି କମ୍ବା କିରାଣୀ ହୋଇଥାନ୍ତି ।"

"ତୁ ବୁଝିନୁ ରତି, ଦାୟିତ୍ୱ ବିହୀନ ଜୀବନ ବା Life without risk ଗୋଟାଏ ଯେପରି ପଙ୍ଗୁର ଜୀବନ – ମଣିଷ ଦୁନିଆକୁ ଆସିଛି । ମୃତ୍ୟୁ ଜୀବନର ଶେଷ ପରିଣତି । ଏହା ବୋଲି ପଙ୍ଗୁ ହୋଇ ମୃତ୍ୟୁକୁ ଅପେକ୍ଷା କରିବା ଠାରୁ ଅଧିକ ଦଣ୍ଡ ଆଉ କ'ଣ ହୋଇ ପାରେ । ବିନା ଦାୟିତ୍ୱ ନେଇ ମଣିଷ ବଞ୍ଚିବା ଅପେକ୍ଷା ମୃତ୍ୟୁବି ଶ୍ରେୟ । ବୁଢ଼ିଆଣୀ ସୂତାରୁ ଖିଅ କାଢ଼ିବା ଭଳି ତୁ ଯେତେବେଳେ ଗୋଟିଏ କେଶ୍‌ର ଅନୁସଂଧାନ କରୁ କରୁ ତାର ଶେଷ ସିଦ୍ଧାନ୍ତରେ ପହଞ୍ଚି ଯାଉ ତୋତେ ସେତେବେଳେ କେତେ ଆନନ୍ଦ ନ ଲାଗେ କହିଲୁ ?

ହୋଟେଲର ଘଣ୍ଟା ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ରତିକାନ୍ତ ଚମକି କହି ଉଠିଲେ – ସାର୍, ବର୍ତ୍ତମାନ ସମୟ ହୋଇଗଲାଣି । ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ ।

ହୋଟେଲ ଆଗରୁ ଖଣ୍ଡିଏ ରେକ୍‌ସା ଭଡ଼ା କରି ରତିକାନ୍ତ, ଶ୍ରୀକାନ୍ତ ବାବୁଙ୍କୁ ଅପେକ୍ଷା କଲା । ଭିତରୁ ଆସୁ ଆସୁ ଶ୍ରୀକାନ୍ତ ବାବୁ କହିଲେ "ରତି, ତୁ ପ୍ରସ୍ତୁତ ତ ?"

"ଆପଣଙ୍କର ଶିଷ୍ୟ କେତେବେଳେ ତ ଅପ୍ରସ୍ତୁତ ନଥାଏ ।"

"ଆଚ୍ଛା ରତି, ତୁ କହି ପାରିବୁ ଗେଷ୍ଟ ହାଉସର ସୃଷ୍ଟି ପୃଥିବୀରେ କେତେ ଦିନୁ ହେଲାଣି ?" ରେକ୍‌ସାରେ ବସି ଶ୍ରୀକାନ୍ତ ବାବୁ ପଚାରିଲେ ।

"ମୁଁ ଶୁଣିଥିଲି ପ୍ରାୟ ସାତ, ଆଠ ବର୍ଷ ହେବ ।"

"ସାତ, ଆଠବର୍ଷ ହେବ ? ବେଶୀର ଆବିଷ୍କାର ପୂର୍ବରୁ ! ତା'ର ଗେଷ୍ଟ ହାଉସ୍ ସହିତ କିଛି ସମ୍ପର୍କ ଥିଲା ବୋଲି ତୁ ଅନୁମାନ କରି ପାରୁଛୁ କି ?"

"ନାଁ । ତ ! ସେଠାରେ କୌଣସି ଗୁଣ୍ଡା ବଦମାସ ଲୋକଙ୍କର ସେଠାରେ ଚଳାଚଳ ନଥାଏ । ବରଂ ବ୍ୟବସାୟୀ ହିସାବରେ ମାଲିକ କମ୍ପାନୀର ଲୋକମାନେ ସେଠାକୁ ଯିବାର ମୁଁ ଦେଖିବାକୁ ପାଇଛି ।"

"ହଁ ମୁଁ ତା ବୁଝିଲି ଯେ···ଆଚ୍ଛା ସେ ମାଲିକର ଗୃହଚଳନ କିପରି ?"

"କିଛି ମନ୍ଦ ନୁହେଁ ତ ।"

ହସି ହସି ଶ୍ରୀକାନ୍ତ ବାବୁ କହିଲେ, ବଡ଼ ସୁନ୍ଦର ଉତ୍ତର ତ ଦେଉଛୁ । ଏଇପରି ଏକପଦିଆ ଉତ୍ତର ମୋର ତଦନ୍ତରେ ଭଲ ସାହାଯ୍ୟ କରିବ । ଆଚ୍ଛା କହିଲୁ ବେଶୀ ଯେତେବେଳେ ତୋତେ ଫୋନ କଲା ସେତେବେଳେ ତୁ ତା ଫୋନ ନମ୍ବର ପଚାରି ବୁଝିଥିଲୁ ।"

"ପଚାରିବାକୁ ସମୟ ନଥିଲା ।"

ବିରକ୍ତିରେ ଶ୍ରୀକାନ୍ତ ବାବୁ କହିଲେ – ବୋକା କୋଉଁଠିକାର । ଆରେ ତୁ ଫୋନ ନମ୍ବର ପଚାରିଥିଲେ ସେ କ'ଣ ତୋତେ କହିଥାନ୍ତା—ଏକ୍ସଚେଞ୍ଜକୁ ପଚାରିଲୁନି ?

ପଚାରିଥିଲି—କିନ୍ତୁ ସନ୍ତୋଷ ଜନକ ଉତ୍ତର ପାଇ ପାରିଲି ନାହିଁ ।

"ତେବେ ସେ ଯେ ତୋତେ ପୁରୀ ମନ୍ଦିର ଭିତରେ ଦେଖା ଦେବ ତା ତୁ କିପରି ବିଶ୍ୱାସ କଲୁ ?"

"କିଛି ନ ହେଲେ ତ ସାର୍ ଟିକେ ବୁଲି ଆସି ପାରିବା ।"

"ବୁଲିବା ପାଇଁ ଯଦି ଇଚ୍ଛା ତେବେ ଚାଲ ଯିବା ।"

ଏହି ସମୟ ଭିତରେ ସିଂହଦ୍ୱାର ପାଖରେ ଆସି ପହଞ୍ଚିଲେ । ଟେରେସ୍‌ରୁ ଓହ୍ଲାଇ ପଡ଼ି ଭକ୍ତ ଦୁହେଁ ଚାଲିଲେ ବେଳା ଦର୍ଶନରେ । କାରଣ ପାହାଚ ଉପର ଦେଇ ଗଲାବେଳେ ଏପାଖ ଓ ସେପାଖକୁ ତାଙ୍କର ସନ୍ଦିଗ୍ଧ ଦୃଷ୍ଟି ବୁଲି ଆସୁଥାଏ । କେତେ ସୁନ୍ଦରୀ, ମିସ୍, ବାଲା, କୁମାରୀ ଆସୁଛନ୍ତି, ଯାଉଛନ୍ତି ମଧ୍ୟ । ସମସ୍ତେ ଅପ୍‌ସରା । କିଏ ବ୍ୟାଗ ଧରିଛନ୍ତି ହାତରେ, କିଏ ବା ଆନନ୍ଦ ବଜାରର ଖାଣ୍ଡି ଧରି ଆନନ୍ଦରେ ଫେରୁଛନ୍ତି । କେହି କେହି ତରୁଣୀ ଲଳିତ ଭଙ୍ଗୀରେ ଜଗନ୍ନାଥଙ୍କ ଛଡ଼ା ଫୁଲହାର ଟଳାଇ ଚାଲି ଆସୁଛନ୍ତି । ସନ୍ଧ୍ୟା ଆଳତି ଦର୍ଶନରେ ସମୟ ଯେତିକି ଯେତିକି ନିକଟରୁ ନିକଟତର ହେଉଥାଏ ଲୋକମାନଙ୍କର ଭିଡ଼ ସେତିକି ପ୍ରବଳ ହେଉଥାଏ । କିନ୍ତୁ ସମୟ ଅପେକ୍ଷା କଲା ପରେ ଶ୍ରୀକାନ୍ତ ବାବୁ କହିଲେ — ରତିକାନ୍ତ ଚାଲ୍ ଯିବା, ଏ ଭିଡ଼ରେ କେତେ ଲୋକଙ୍କର ଦର୍ଶନ ମିଳିଲା ଅଥଚ ଜଗନ୍ନାଥଙ୍କ ଦର୍ଶନ ମିଳିଲା ନାହିଁ କି ମିଳିପାରିବାର ଆଶା ନାହିଁ । ତେଣୁ ମୋ ମତରେ ସମୁଦ୍ର କୂଳ ଆଡ଼େ ଟିକିଏ ବୁଲି ଆସିଲେ ବହୁତ କିଛି ଆନନ୍ଦ ମିଳନ୍ତା ।

ରତିକାନ୍ତ ଧୋକ୍‌କା ଖାଇଛି । ମୁହଁ ଲାଜରେ ଶୁଖି ଯାଇଛି । ଶ୍ରୀକାନ୍ତ ବାବୁଙ୍କ ମୁହଁକୁ ସେ ଚାହିଁ ପାରୁ ନଥାଏ । ଏହି ସମୟରେ ସେ ଦେଖିଲା ଅରୁଣ ସ୍ତମ୍ଭ ନିକଟରୁ ଖଣ୍ଡିଏ କାର୍‌ରୁ ଜଣେ ସୁଶ୍ରୀ ଯୁବତୀ ଓ ଜଣେ ବଳିଷ୍ଠ ଯୁବକ ବାହାରି ଆସିଲେ । ତାଙ୍କର ବେଶ ଭୂଷାରୁ ଜଣା ପଡ଼ୁଥାଏ ସେମାନେ ଯେପରି ବଙ୍ଗବାସୀ । ରତିକାନ୍ତ ଯୁବତୀର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଉଠିଲା, କିନ୍ତୁ······

ଶ୍ରୀକାନ୍ତ ବାବୁଙ୍କର କୌଣସି ଆଡ଼କୁ ଲକ୍ଷ୍ୟ ନଥାଏ । ସେ କେବଳ ଯିବାକୁ ବ୍ୟସ୍ତ ହେଉଥାନ୍ତି । ଏହି ସମୟରେ ସେ ଦୁଇ

ଜଣ ତାଙ୍କ ପାଖ ଦେଇ ଯିବାବେଳେ ଯୁବକର ଶ୍ରୀକାନ୍ତ ବାବୁଙ୍କ ସହିତ ଗୋଟାଏ ଅହେତୁକ ଆକସ୍ମିକ ଧକ୍କା ହେଲା । ଶ୍ରୀକାନ୍ତ ବାବୁ ତଳେ ପଡ଼ିଯିବା ପୂର୍ବରୁ ସେ ବ୍ୟକ୍ତିଟି ଶ୍ରୀକାନ୍ତ ବାବୁଙ୍କୁ ଉଠାଇ ପକାଇ ବିନୟର ସହିତ କହିଲା—"କ୍ଷମା କରିବେ ଆଜ୍ଞା ! ଏ ଯେଉଁ ଅସଂଭବ ଭିଡ଼ ହେଉଛି......

ଟିକେ ଦୂରରେ ଯୁବତୀ ଜଣକ ଠିଆ ହୋଇ କହିଲେ—ଯା ବୋଲି ତୁମର ଅନ୍ତତଃ ଯିବା ବେଳେ ଟିକେ ସାବଧାନ ହେବା ଉଚିତ୍ । ଭଦ୍ର ଲୋକଙ୍କ ଅବସ୍ଥା ଏକ୍ଷଣି କ'ଣ ହୋଇଥାନ୍ତା ତା ଭାବି ପାରୁଛ ତ ?"

ଭଦ୍ରତା ଖାତିରରେ ଶ୍ରୀକାନ୍ତ ବାବୁ କହିଲେ, "ହେଁ—ହେଁ—କିଛି ନୁହେଁ ସେ । ଆପଣମାନେ ଯାଆନ୍ତୁ । ସାଧାରଣତଃ ତୀର୍ଥମାନଙ୍କରେ ଏହା ସ୍ୱାଭାବିକ ଘଟିଥାଏ ।"

ଯୁବକ ଓ ଯୁବତୀ ଦୁହେଁ ଆଗେଇ ଚାଲିଲେ । ରତିକାନ୍ତ ଓ ଶ୍ରୀକାନ୍ତ ବାବୁ ମଧ୍ୟ ନିଷ୍ଫଳ ହୋଇ ଫେରିବାକୁ ବସିଛନ୍ତି, ଏଇ ସମୟରେ ପଛକୁ ଫେରି ଶ୍ରୀକାନ୍ତ ବାବୁ ଦେଖିଲେ ଯୁବକ ଓ ଯୁବତୀ ଦୁହେଁ ତାଙ୍କ ଗତିପଥକୁ ଚାହିଁଛନ୍ତି । ଶ୍ରୀକାନ୍ତବାବୁଙ୍କୁ ଦେଖି ସେମାନେ ମୁହଁ ଫେରାଇଲେ । ରତିକାନ୍ତ ହସି ହସି କହିଲା—"ସାର୍ ପ୍ରାୟ ବୃଦ୍ଧ ଵୟସରେ ପ୍ରେମର ପ୍ରଥମ ସୂଚନା ଏଇପରି ହୁଏ ।"

ହସୁ ହସୁ ଶ୍ରୀକାନ୍ତ ବାବୁ କହିଲେ—"ଯୁବତୀଟି ଯଦି ବିବାହ ନକରିଥାଏ ତେବେ ତୋର ମସ୍ତକ ତାର ପାଦ ଧୂଳି ଛୁଇଁବ ନଚେତ୍ ସେ ଆଶା..... ଦୁହେଁ ହୋ ହୋ ହୋଇ ହସି ଉଠିଲେ । ଗାଡ଼ି ପାଖରେ ପହଞ୍ଚି ରତିକାନ୍ତ ଆଶ୍ଚର୍ଯ୍ୟ ହୋଇ ହଠାତ୍ କହି ଉଠିଲା—"ସାର ଏଯେ ଏସ୍. ପି. ଙ୍କ ଗାଡ଼ି ।"

"ତାହାହେଲେ ସେ ଦୁହେଁ ଯେ ଗଲେ ସେମାନେ କ'ଣ ଏସ୍.ପି, ଙ୍କ ପରିବାରର ଲୋକ ?"

"ହୋଇ ପାରନ୍ତି ସାର୍, ଇନ୍ସ ରଶ୍ମିକାନ୍ତ ରେକ୍ସାରେ ଉଠିଲେ । ଦୁହେଁ ଚାଲିଲେ ସମୁଦ୍ର ବେଳା ଉଦ୍ଦେଶ୍ୟରେ—

ଝାଉଁ ଗଛର ପରିବେଷ୍ଟନୀ ମଧ୍ୟରେ ସୁବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଉପରେ ଆକାଶରୁ ଚେନା ଚେନା ହୋଇ ଝରି ପଡ଼ୁଥାଏ ଶାରଦୀୟ ଜ୍ୟୋତ୍ସ୍ନା । ଶାରଦୀୟ ଚନ୍ଦ୍ରମାର ସ୍ପର୍ଶ ପାଇବାକୁ ସମୁଦ୍ର ସତେ ଯେପରି ପାଗଳ ହୋଇ ଉଠୁଥାଏ । ଫୁଲି ଉଠୁଥାଏ ଜୁଆର । ଉନ୍ମନା ଆଉ ଉନ୍ମାଦ ହୋଇ ବେଳାଭୂମିରେ ମଥା ପିଟୁଥାଏ । ପ୍ରକୃତିର ଏହି ସ୍ୱର୍ଗୀୟ ସୌନ୍ଦର୍ଯ୍ୟରେ ଆତ୍ମହରା ହୋଇ ଉଠୁଥାନ୍ତି ଜୀବନ ସଂଗ୍ରାମରେ କ୍ଷତ ବିକ୍ଷତ ହୋଇଥିବା କେତେ ଗୁଡ଼ିଏ ଯୁବକ, ଯୁବତୀ । ଜଞ୍ଜାଳମୟ ଜୀବନରେ ଟିକେ ଶାନ୍ତି ଆଉ ଲଘୁ ସ୍ଫୂର୍ତ୍ତି ଆଣିବା ପାଇଁ ସହରର ଯାବତୀୟ କୋଳାହଳକୁ ଦୂରରେ ଫିଙ୍ଗି ସେମାନେ ଦଣ୍ଡିକ ପାଇଁ ଏଠାକୁ ଆସିଛନ୍ତି ।

ଝଲ ଚନ୍ଦ୍ରାଳିତ ଜ୍ୟୋତ୍ସ୍ନାପରି ଠାଏ ଠାଏ ନୂତନ କିଶୋର କିଶୋରୀମାନେ ଛଳଛଳ ଚପଳ ଭଙ୍ଗୀରେ ହସର ଜୁଆର ଉଠାଇ-ଥାନ୍ତି । ସମୁଦ୍ର ପରି ସେମାନେ ଆଜି ଆବଦ୍ଧ ହେବାକୁ ଚାହାନ୍ତିନି—ସେମାନେ ମଧ୍ୟ କୂଳ ଲଙ୍ଘି ସେ ପାରିର ଦୁନିଆର ସ୍ପର୍ଶ ପାଇବା ପାଇଁ ଉନ୍ମାଦ ସମୁଦ୍ର ପରି ସଂଗ୍ରାମ କରିବେ । ତଟିନୀ ପରି କୁଳୁ କୁଳୁ ହୋଇ ବହି ଯିବେ ।

"ସାର୍—ପୁରୀରେ ସମୁଦ୍ର କୂଳରେ ବୁଲି ପ୍ରକୃତିକୁ ଯେପରି ଉପଭୋଗ କରି ହୁଏ ସେପରି ଅନ୍ୟ ସ୍ଥାନ ବଙ୍ଗୋପସାଗର କୂଳରେ ମିଳିବା ଦୁଷ୍କର ।"

ବ୍ୟଙ୍ଗରେ କହିଲେ ଶ୍ରୀକାନ୍ତ ବାବୁ—"ରତିର ଏପରି ଶିଶୁପାଳ ବେଶୀ କରିବ ବୋଲି ମୋର ବିଶ୍ୱାସ ନଥିଲା ।"

"ମୁଁ ତ ନିର୍ବୋଧ ସାର ତଥାପି ଆପଣଙ୍କୁ ନେଇ ମୁଁ ଯେଉଁ ଖେଳଖେଳି ବସିଲି ସେଥିପାଇଁ ମୋର କ'ଣ ଗର୍ବ କରିବାର କିଛି ନାହିଁ ?"

ହସୁ ହସୁ ଦୁଇ ବନ୍ଧୁ ସମୁଦ୍ର କୂଳରେ କିଛି ବାଟ ଆଗେଇ ଗ୍ଲଲେ । ସନ୍ଧ୍ୟା ସେତେବେଳକୁ ଘନେଇ ଆସିଥାଏ । ଫେନା ଫେନା ହୋଇ ଜହ୍ନ ଆଲୁଅ ବାଲିଶେଯ ଉପରେ ଝରି ପଡୁଥାଏ । ଆକାଶର ନୀଳ ବୁକୁରେ ଜହ୍ନ ପହଁରି ଗ୍ଲଥାଏ । ଉଭୟେ ଅବିବାହିତ—ସଂସାର ପ୍ରତି ଯେଉଁ ମାୟା ମମତା ଥିବାର କଥା ତା ସେ ଦୁଇଜଣଙ୍କର ନାହିଁ, ତେଣୁ ଗୋଇନ୍ଦା ବିଭାଗରେ କାମ କରିବା ପାଇଁ ସେମାନେ ତତ୍ପର ଓ ସେଥିପାଇଁ ପ୍ରଶଂସ୍ୟ ମଧ୍ୟ ।

ସୁନନ୍ଦା ଦେବୀଙ୍କର ହତ୍ୟାକାଣ୍ଡ ନେଇ ସେମାନଙ୍କର ଗଳ୍ପ ଆଗେଇ ଗ୍ଲଥାଏ । କିଛି ସଂଧାନ ନପାଇ ରତିକାନ୍ତ ଶ୍ରୀକାନ୍ତ ବାବୁଙ୍କୁ ପଚାରିଲେ—ସାର୍, ଆମର ଏତେ ଅନୁସଂଧାନ କ'ଣ ଫେଲ୍ ମାରିଯିବ ? ହତ୍ୟା ବିଷୟରେ ତ କିଛି କୂଳ କିନାରା ମିଳୁନି ।

ଟିକେ ଚିନ୍ତିତ ହୋଇ ଶ୍ରୀକାନ୍ତ ବାବୁ କହିଲେ—ଘଟଣାର ଆରମ୍ଭ କିମ୍ବା ଶେଷ କିଛି ମୁଁ ଅନୁମାନ କରି ପାରୁନି । ତଥାପି ଯେ କିଛି ନ ମିଳିବ ତା ନୁହେଁ । ତେବେ ଆତତାୟୀର ଏ କାଣ୍ଡକୁ ମୁଁ ପ୍ରଶଂସା ନକରି ରହି ପାରୁନି । ସେ ଦିନର ତଦନ୍ତ ସେତେ ସନ୍ତୋଷ ଜନକ ହୋଇ ପାରିନି, ମୁଁ ଭାବୁଛି ଆଉଥରେ ଟିକେ ଯାଇ ବୁଲି ଆସିବି, ରମଣୀ ବାବୁଙ୍କୁ ମଧ୍ୟ କିଛି ପଚାରିବି ।

ରତିକାନ୍ତ ବାବୁ କହିଲେ—ବଡ଼ ଅଦ୍ଭୁତ ଆଉ ରହସ୍ୟମୟୀ ଏ ବେଶୀ । ତାର ସବୁକାମ ଯେପରି ଇଙ୍ଗିତରେ ହେଉଛି—କିନ୍ତୁ

ପଛକୁ ଚାହିଁ ଦେଖିଲେ ଜଣେ ଦୀର୍ଘ ବଳିଷ୍ଠ ଯୁବକ ତାଙ୍କର ଅନୁସରଣ କରୁଛି । ସନ୍ଦେହରେ ପଡ଼ି ଶ୍ରୀକାନ୍ତ ବାବୁଙ୍କୁ ଟିକେ ପଛରୁ ରତ୍ନକାନ୍ତ ବାବୁ ଟାଣି ଧରିଲେ । ଯୁବକ ଜଣକ ତାଙ୍କ ପାଖ ଦେଇ ଆଗେଇ ଚାଲିଲେ । ଶ୍ରୀକାନ୍ତ ବାବୁଙ୍କ କାନ ପାଖରେ ଚୁପା ଗଳାରେ ରତ୍ନକାନ୍ତ ବାବୁ କହିଲେ — "ସାର୍ ବଡ଼ ଦେଉଳରେ ଏଇ ଲୋକଙ୍କୁ ଏସ୍ ପି ଙ୍କ ସଂପର୍କୀୟ ସହିତ ଦେଖିଲା ପର ଆପଣଙ୍କର ମନେ ହେଉନି ?"

ଭଲକରି ନିରୀକ୍ଷଣ କରି ଶ୍ରୀକାନ୍ତ ବାବୁ କହିଲେ — "ତୋର ଅନୁମାନ ପ୍ରାୟ ଭୁଲ୍ ନୁହେଁ ।

ଜନଗହଳି ସ୍ଥାନ ଅର୍ଥାତ୍ ମନ୍ଦିର ଦ୍ୱାର, ଯେଉଁଠି ଯାତ୍ରୀ ଆଉ ଭକ୍ତମାନଙ୍କର ଭିଡ଼ ସେଠା ଛାଡ଼ି ଏ ଭଦ୍ରବ୍ୟକ୍ତି ଜଣକ ଆମ ପଛରେ ସମୁଦ୍ର କୂଳରେ ଏତେ ବାଟ ଆଗେଇ ଆସିବାରେ ମୋର କାହିଁକି ଲୋକଟା ଉପରେ ସଂଦେହ ହେଉଛି, ସେକି ଆମକୁ ଅନୁସରଣ କରୁନାହିଁ ?

ଶ୍ରୀକାନ୍ତବାବୁ କହିଲେ — ଧେତ୍, ବାଜେ କଥା । ବେଶୀ ଯେପରି ତୋତେ ନିମନ୍ତ୍ରଣ କଲି ଆଉ ତୁ ତାଙ୍କୁ ବିଶ୍ୱାସ କରି ପାରିଲୁ, ସେ ଅପରିଚିତ ଲୋକଙ୍କୁ ଏସ୍ ପି ଙ୍କ ସଂପର୍କୀୟ ବୋଲି ଭାବିଲୁ, ଆଉ ସଙ୍ଗେ ସଙ୍ଗେ ମାତ୍ର ଦୁଇଘଣ୍ଟା ଭିତରେ ତୁ ତାଙ୍କୁ ଶତ୍ରୁରେ ପରିଣତ କରି ସାରିଲୁଣି । କି ଅଜବ୍ ଲୋକ ତୁ ?"

"ସେ ଯେଉଁ କାର୍ ଟାରୁ ସେମାନେ ଓହ୍ଲାଇଲେ ସେଇଟା ଏସ୍. ପି ଙ୍କ କାର୍ ପରି ଦିଶୁଥିଲା ।"

"ତାହାହେଲେ ସେଟା ଏସ୍. ପି ଙ୍କ କାର୍ ନୁହେଁ, କେବଳ ଦିଶୁଥିଲା । ତୋ ପରି ମୁଁ ଯଦି ଏତେଦିନ ଧରି ପୁରୀରେ ରହିଥାନ୍ତି ତେବେ ଏସ୍. ପି ଙ୍କ ଘରର କୁକୁର ବିରାଡ଼ିଙ୍କୁ ମଧ୍ୟ ଚିହ୍ନିବାରେ

ଭୁଲ୍ କରନ୍ତ ନାହିଁ । ଆଜ ମୋର ଅନୁମାନ ଗୁଡ଼ାକ ଏତେ ଭୁଲ ହେଉ ନଥାନ୍ତା ।

ଶ୍ରୀକାନ୍ତ ବାବୁଙ୍କ କଥାରେ ରତ୍ନକାନ୍ତ ବଡ଼ ଆଘାତ ପାଇଲା ।

ହୀତସ୍ପୃହ ନହୋଇ ସେ ଶ୍ରୀକାନ୍ତ ବାବୁଙ୍କୁ କହିଲା — ମୋର ଅନୁମାନ ସତ୍ୟ କି ମିଥ୍ୟା ଦୟାକରି ଟିକେ ପଛକୁ ଫେରି ସେ କାର୍‌କୁ ଦେଖନ୍ତୁ । ଯଦି କାର୍‌ଟା ଥିବ ତେବେ ସେଥିରେ ନମ୍ବର ତ ଥିବ, ଆପଣ ସେଇଟା ଦେଖି ଆସନ୍ତୁ । ମୁଁ ଆଗକୁ ଗ୍ଲଲି ଆପଣଙ୍କ ସତ୍ୟର ଉଦ୍‌ଘାଟନ କରିବାକୁ । ଶ୍ରୀକାନ୍ତବାବୁ ପଛକୁ ଫେରି ଆସିଲେ ।

ଯୁବକ ଜଣକ ଶ୍ରୀକାନ୍ତ ଓ ରତ୍ନକାନ୍ତ ବାବୁଙ୍କୁ ଟପି ଯାଇ ସାରିଲା ପରେ ନିର୍ଭୀକ ଭାବରେ ଆଗକୁ ଚଂଚଳ ପଦରେ ଆଗେଇ ଗ୍ଲଲା । ରତ୍ନକାନ୍ତ ମଧ୍ୟ ତାର ଅନୁସରଣ କଲେ ।

ସ୍ୱର୍ଗଦ୍ୱାର ଠାରୁ ପାୟ କିଛିଦୂର ଗଲା ପରେ ଯୁବକ ଜଣକ ଗୋଟିଏ ଲୁଣ ଗୋଦାମ ପାଖରେ ଅଟକି ରହିଲେ । ରତ୍ନକାନ୍ତବାବୁ ଇତ୍ୟବସରରେ ନିଜେ ଆତ୍ମଗୋପନ କଲେ । ଗୃହ ଦିଗକୁ ସତର୍କ ଦୃଷ୍ଟିରେ ଗ୍ଲହିଁ ଯୁବକ ଗୋଦାମ ଭିତରକୁ ପ୍ରବେଶ କଲା ।

କୌତୁହଳୀ ହୋଇ ରତ୍ନକାନ୍ତ କିଛି ସମୟ ପରେ ଗୋଦାମ ଘର ପାଖରେ ପହଞ୍ଚିଲେ । ବଡ଼ଟ ଦୁଇ ମହଲା କୋଠା । ଆଜି-କାଲିକାର ଆମେରିକାନ୍ ମଡ଼େଲ୍‌ରେ ତିଆରି । ଉପରେ ନାଲ ଓ ନାଲ ରଙ୍ଗରେ ଲେଖା ଅଛି —

"କଳିଙ୍ଗ ଲବଣ କାରଖାନା" ତା ଉପରେ ଗୋଟିଏ ଗ୍ଲଳିଶ ଓ୍ୱାଟ୍ ପାଓ୍ୱାରର ଇଲେକ୍‌ଟ୍ରିକ ବଲ୍ ଜଳୁଛି । ବଡ଼ତ ପର ଲଘୁ ପଦରେ ରତ୍ନକାନ୍ତବାବୁ ଗୋଦାମ ଭିତରକୁ ପ୍ରବେଶ କଲେ । ଘରର ସାମ୍ନାରେ ହେଉଛି ଗୋଟାଏ କୋଲାପ୍‌ସିଙ୍ଗ ଗେଟ୍ । ଭିତରୁ

ତାଲା ବନ୍ଦ । କୌଣସି ଜନ ମାନବର ଅସ୍ତିତ୍ୱ ମଧ୍ୟ ନାହିଁ । ଘର ଆଗରେ ଗୋଟିଏ ଗ୍ଲେଟ ବଗିଚା । ନାନାପ୍ରକାର ଦେଶୀ ଓ ବିଦେଶୀ ଫୁଲ ଗଛରେ ବଗିଚାଟି ମନୋରମ ଦିଶୁଛି । ଗେଟ୍ ପାଖରେ ଠିଆ ହୋଇ ରତିକାନ୍ତ ବାବୁ ଟିକେ ଚିନ୍ତା କରିବାକୁ ଲାଗିଲେ ।

ନୀଳ ଆକାଶ ବୁକୁରେ ଚନ୍ଦ୍ର ପହଁରି ପହଁରି ଚାଲିଛି । ଜ୍ୟୋତ୍ସ୍ନାର ରଜତ କିରଣରେ ସାରା ଦୁନିଆ ଚୋପା ଦିଶୁଛି । ହଠାତ୍ ଯେପରି ରତିକାନ୍ତ ବାବୁଙ୍କର ବିବେକ ଚିତ୍କାର କରି ଉଠିଲା । ଏ ନିର୍ମଳ ଜ୍ୟୋତ୍ସ୍ନା ରାତିରେ ତୋର ଅବସ୍ଥା କ'ଣ ହେବ ତୁ ଚିନ୍ତା କରି ପାରୁଛୁତ ? ଯଦି ଭିତରୁ କାହାରି ଦୃଷ୍ଟି ଆସି ତୋ ଉପରେ ପଡ଼େ···

ରତିକାନ୍ତ ବାବୁ ଆତ୍ମସ୍ଥ ହୋଇ ଗୋଟିଏ ସରୁ ରାସ୍ତା ଦେଇ କୋଠାର ଚତୁର୍ଦ୍ଦିଗ ଭ୍ରମଣ କରିବାକୁ ଇଚ୍ଛା କଲେ । କୋଠା ପୂର୍ବ ପାଖରେ ପହଞ୍ଚି ସେ ଦେଖିଲେ – ଦୋତାଲା ଉପରୁ ଗୋଟିଏ ଗ୍ଲେଟ ଆଲୋକର କ୍ଷୀଣ ଧାର ଆସି ତଳେ ପଡ଼ୁଛି । କ'ଣ ଭାବି ସେ କୋଠାର ପାଣି ପାଇପ ଧରି ଉପରକୁ ଉଠିବାକୁ ଚେଷ୍ଟା କଲେ । ପିଲା ଦିନୁ ଗଛ ଚଢ଼ିବାରେ ଅଭ୍ୟସ୍ତ ହେତୁ ଚେଷ୍ଟାରେ ବିଫଳ ହେବାର ଆଶା ରଖି 'ନଥିଲେ । ରତିକାନ୍ତ ବାବୁ ଉପର ମହଲାରେ ପହଞ୍ଚି ନିର୍ଜୀବ ଭଳି ବସି ପଡ଼ିଲେ । କିଛି ସମୟ ପରେ ଅତି ସତର୍କରେ ସେ କୋଠରୀ ପାଖରେ ଯାଇ ପହଁଞ୍ଚିଲେ । ଦୋତାଲାର ବାରଣ୍ଡାଟି ନିହାତି ଅଣ ଓସାରିଆ । ପିଣ୍ଡା ଉପରେ ବଡ଼ ବଡ଼ ଖୁଣ୍ଟ ଅଛି । ଦୁଇଟି ଖୁଣ୍ଟର ମଝିରେ ସେ ଆତ୍ମ ଗୋପନ କଲେ । ଏପରି ନିହାତି ମାରାତ୍ମକ ବିପଦର ସମ୍ମୁଖୀନ ହୋଇ ସେ ଭାବୁଥାନ୍ତି ଯଦି ନିହାତି ଭଦ୍ର ଲୋକ ଏମାନେ ହୋଇଥାନ୍ତି ତେବେ କାଲି ସକାଳୁ କିମ୍ବା ଆଜ ରାତିରେ ପରିଚୟ ପାଇ ଛାଡ଼ି ଦେଇ ଆସିବେ, ନଚେତ୍······

ନଚେତ୍ ସ୍ୱାଁ ତାର କାଳ ହେବ । ଏଇ ଆଶଙ୍କାରେ ରତ୍ନକାନ୍ତର ହୃତ୍‌ପିଣ୍ଡ ଦପ୍ ଦପ୍ ହୋଇ ଚାଲିଲା ଜୋରରେ, ଆହୁରି ଜୋର୍‌ରେ । ରୁମ୍‌ର ଝରକା ପାଖରେ କାନକୁ ଦେଇ ଉତ୍‌କର୍ଣ୍ଣ ହୋଇ ରତ୍ନକାନ୍ତ ଶୁଣିବାକୁ ଚେଷ୍ଟା କଲା । ଝରକା ଫାଙ୍କ ଦେଇ ସେ ଦେଖିଲେ ଦୁଇଜଣ ବ୍ୟକ୍ତି ସାମ୍ନା ସାମ୍ନି ହୋଇ ବସି କ'ଣ ଗପୁଛନ୍ତି ।

ରତ୍ନକାନ୍ତ ବାବୁଙ୍କ ଆଡ଼କୁ ପଛ କରି ବସିଥିବା ବ୍ୟକ୍ତି ଜଣକ ଚୁପ୍ ଚୁପ୍ କରି କହିଲେ—ବୁଝିଲୁ ତୁଷାର, ଚନ୍ଦ୍ର-ମୋହନ ବାବୁଙ୍କ କଥାରୁ ମୁଁ ଯାହା ବୁଝିବାକୁ ପାଇଲି ସେ ଯେପରି ତୋର କାମରେ ବିଶେଷ ସନ୍ତୁଷ୍ଟ ନୁହନ୍ତି ।

ଅସନ୍ତୁଷ୍ଟ ? କାହିଁକି ! ଏତେ ଦିନ ଧରି ତାଙ୍କରି ବ୍ୟବସାୟରେ ମନ ପ୍ରାଣ ଢାଳିବାରି ଶେଷ ପରିଣତି ଯଦି ଅସନ୍ତୋଷ ହୁଏ ତେବେ...

ମୁଁ ମାନୁଛି ଏ ଲବଣ ଶିଳ୍ପର ଉନ୍ନତି ପଛରେ ତୋର ଅକ୍ଳାନ୍ତ ପରିଶ୍ରମ ଅଛି । ତଥାପି ସେ ତୋର ଏଇ କେତେ ଦିନର ଚାଲି ଚଳନରେ ଟିକିଏ ସଂଦେହ ଚକ୍ଷୁରେ ଦେଖୁଛନ୍ତି ।"

କାହିଁ ! ଚାଲିଚଳନରେ ମୋର କି ସେପରି ସଂଦେହ କରିବାର କିଛି ନାହିଁ ? ମୁଁ କି ତାଙ୍କର କାମରେ ହେଳା କରୁ ନାହିଁ ?

"ନାଇଁ—ସେ କହୁଥିଲେ, ସୁଷମା ସହିତ ତୋର ଏତେ ମିଳାମିଶାଟା ସେ ପସନ୍ଦ କରୁ ନାହାନ୍ତି ।"

"ସୁଷମା ସହିତ ମୋର ମିଳା ମିଶାରେ ତାଙ୍କର ବିଚଳିତ ହେବାର କିଛି ନାହିଁ । ତା' ସହିତ ମିଳାମିଶାରେ ତାଙ୍କର ବ୍ୟବସାୟରେ ବି କିଛି ଆଞ୍ଚ ଆସିବ ନାହିଁ । ମୁଁ କହୁଛି, ମୁଁ ଆଜି

ଖବର ପାଇଲି ଚନ୍ଦ୍ରମୋହନ ବାବୁ ପୁଣି ପୁଣି ତାଙ୍କର ବ୍ୟବସାୟ ଘର ବନ୍ଦ କରି ଆସାମ ଯିବାକୁ ବାହାରିଲେଣି ? ତା କ'ଣ ସତ୍ୟ ?

ମୁଁ ତ ସେ ବିଷୟରେ କିଛି ସଠିକ୍ ଖବର ଜାଣିନି । ଫାର୍ମର ଡାଇରେକ୍ଟର ହିସାବରେ ବ୍ୟବସାୟର ଉନ୍ନତି ଦୃଷ୍ଟିରୁ ସେ ଯାହା କରୁଛନ୍ତି ସେଥିରେ ଆମର ଭାବିବାର କ'ଣ ଅଛି ? ଆମେ ଆମର ଦରମା ଗଣ୍ଡାକ ପାଇଲେ ଖୁସି ।''

ଉତ୍ତେଜିତ ହୋଇ ତୁଷାର କହି ଉଠିଲା ସେପରି ନୀଚ ମନୋଭାବ କେବଳ ତୁମପରି କେତେଟା ଅକର୍ମାଙ୍କର ହୋଇ ପାରେ । କିନ୍ତୁ ଯୁଆଁ ବେଳ ସମସ୍ତଙ୍କର ସେଇ ମନୋଭାବ ହେବ ଏହା ଭାବିବା ନିର୍ବୋଧତା । ତିଳ ତିଳ ରକ୍ତ ଦେଇ ଯେଉଁ ଅନୁଷ୍ଠାନ ଆମେ ଗଢ଼ିଲୁ ତାର ଏତେ ଟିକିଏ ଲାଭାଂଶରେ କ'ଣ ଆମର ହକ୍ ନାହିଁ । ଏ ଦେଶର ପୁଞ୍ଜି ନେଇ ସେ ଯାଇ ବାହାରେ ବ୍ୟବସାୟ କରି ପାରିବେ ନାହିଁ । ସେଥିପାଇଁ ପ୍ରବଳ ପ୍ରତିରୋଧ ଦରକାର । ତୁ ଚନ୍ଦ୍ରମୋହନ ବାବୁଙ୍କୁ କହିଦେବୁ ତୁଷାର ତାଙ୍କ ଫାର୍ମର କର୍ମଚାରୀ ହେଲେ ମଧ୍ୟ ସେ ତାର ଭବିଷ୍ୟତ କର୍ମପନ୍ଥା ନିର୍ଦ୍ଧାରଣ କରି ସାରିଲାଣି । ସୁଷମାକୁ ରକ୍ଷିତା ହିସାବରେ ରଖିବାକୁ ଚନ୍ଦ୍ରମୋହନ ବାବୁ କି କମ୍ ଚେଷ୍ଟା ନ କରିଛନ୍ତି ତା ନୁହେଁ । ସମ୍ଭବତଃ ମୁଁ କପରି ଜାଣି ଯାଇଛି ବୋଲି ମୋର ମନେ ହୁଏ - ବିରାଡ଼ି ଛପି ଛପି ଦୁଧ ପିଇଲା ବେଳେ ଭାବେ ତାକୁ ଯେପରି କେହି ଦେଖି ପାରୁ ନାହାନ୍ତି; ସେପରି ଓଡ଼ିଶା ପରି କ୍ଷୁଦ୍ର ରାଜ୍ୟରେ ବୃନ୍ଦପୁର ଯକ୍ଷ୍ମାନିବାସ, ପୁଣି ଅନାଥାଶ୍ରମ ପରି ଦୁଇ ବୃହତ୍ ଅନୁଷ୍ଠାନକୁ ସାମୟିକ ଦାନ ଦେଇ ସେ ଶସ୍ତାରେ ଦାନ ବୀର ବୋଲାଉଛନ୍ତି କିନ୍ତୁ ଏ ଦାନ ପାଇଁ ଏ ଟଙ୍କା କେଉଁଠୁ ଆସୁଛି କେହି ନ ଜାଣିଲେ ମଧ୍ୟ ତୁଷାର ଭଲକରି ଜାଣି ପାରିଛି ।

"ତୁମ ଜାଣିବା ନ ଜାଣିବାର ପ୍ରଶ୍ନ ଉଠୁନ, ସେ ଟଙ୍କା ଯେପରି ଆସୁ କିନ୍ତୁ ଆମେ ଆମର କର୍ତ୍ତବ୍ୟ କରିବା ଉଚିତ୍ ।"

"କାହିଁ ସେଥିରେ କେହି ତ ହେଳା କରୁନାହିଁ । ଗୁରୁ ଗମ୍ଭୀର କଣ୍ଠ ସ୍ୱର କେଉଁ କୋଣରୁ ଭାସି ଆସିଲା—ଭୁଲିଲ ତୁଷାର ! କର୍ତ୍ତବ୍ୟରେ ହେଳା ବା ନିଷ୍ଠାର ପ୍ରଶ୍ନ ବର୍ତ୍ତମାନ ଉଠୁ, ବିନା କାମରେ ବି ଚନ୍ଦ୍ର ମୋହନ ଲୋକଙ୍କୁ ବସାଇ ଦରମା ଦେଇ ପାରିବ, ସେଥିରେ ମଧ୍ୟ ତାର କୌଶଳ ଅଛି । ତୁମେ ଜାଣିରଖ ଯେଉଁ ନାଗକୁ ତୁମେ ବିଶ୍ୱାସ କରୁଛ ସେ ଗୋଟିଏ କାଳକୂଟ । ଦୁଧ ପିଆଇଲେ ସୁଦ୍ଧା କେବଳ ବିଷହିଁ ସେ ତାର ପ୍ରତି ବଦଳରେ ଦେବ । ଚନ୍ଦ୍ର ମୋହନ ଯେଉଁ ଧ୍ୱଂସ ପଥରେ ଧାଇଁଛି ସେ ପଥ ବଡ ସ୍ଖଳନଶୀଳ । କେତେବେଳେ ତାର ଯେ ପତନ ହେବ କିଏ ହେଉନ, କିନ୍ତୁ ଚନ୍ଦ୍ରମୋହନ ସେ ପଥରେ ଗଲାବେଳେ ତୁମଠାରୁ ବହୁତ ଚତୁର ଓ ବୁଦ୍ଧିମାନ । ଜୀବନର ଚଲା ପଥରେ ତୁମ ସହିତ କେତେ ଚନ୍ଦ୍ରମୋହନ ଆଉ ସୁଷମା ମିଳିବେ, କିନ୍ତୁ ସମସ୍ତେ ଏକ ମିନିଟ୍‌ର ସାଥୀ । ମୁଁ କିନ୍ତୁ ସେଇ ଏକ ମିନିଟର ବନ୍ଧୁତ୍ୱ ମଧ୍ୟରେ ଫାଇଦା ଉଠାଏ । ପୃଷ୍ଠରେ ଏ ଯେଉଁ ଶୃଙ୍ଖଳା ସୃଷ୍ଟି ହୋଇଛି ତା ମୂଳରେ ବେଶ୍ୟାର ଯେତିକ ହାତ ଅଛି ତା ଅପେକ୍ଷା ଚନ୍ଦ୍ରମୋହନର ବି କମ୍ ନାହିଁ । ଅଶରଣ୍ୟ ବେଶ୍ୟାର ଇଙ୍ଗିତକୁ ମୁଁ ଗ୍ରହଣ କରିଛି, କିନ୍ତୁ—

"କିନ୍ତୁ ମୋର ବିଶ୍ୱାସ ହୁଏନା ଯେ—ବେଶ୍ୟା ଯାହାର ଅଜସ୍ର ପ୍ରଶଂସାରେ ଆଜ ଯାନ ଦରିଦ୍ର ମାନେ ଓଡ଼ିଶାର ରାଜପଥକୁ ମୁଖରିତ କରନ୍ତି ସେ କେବେ ରମଣୀ ବାବୁଙ୍କ ସ୍ତ୍ରୀର ହତ୍ୟା ସହିତ ସଂପୃକ୍ତ ବୋଲି"—

"ବେଶ୍ୟା ସଂପୃକ୍ତ କି ନାହିଁ, କିମ୍ବା ତୁମର ବିଶ୍ୱାସ ଅବିଶ୍ୱାସ ସହିତ ବର୍ତ୍ତମାନ କିଛି ଦରକାର ନାହିଁ । ତୁମକୁ ମୋର ପୂର୍ବ ଆଦେଶ ମତେ ରମଣୀ ବାବୁଙ୍କ ଗ୍ରାମ ନନ୍ଦ ପୁରକୁ ଯିବାକୁ ହେବ ।

ସେଠାରେ ତୁମର ସମସ୍ତ କୌଶଳ ପ୍ରୟୋଗ କରି ସୁନନ୍ଦାଦେବୀଙ୍କ ନାମରେ ରମଣୀ ବାବୁ କରି ଦେଇଥିବା ଉଇଲ ଖଣ୍ଡିକ ଆଣିବାକୁ ହେବ । ସେଇ ଉଇଲ୍‌କୁ ଯଦି ଠିକ ଠିକ କରି ମୁଁ ପୋଡ଼ି ଦେଇ ପାରେ ତେବେ ଜୀବନରେ ମୋର ଦୁଃସାଧ୍ୟ ହୋଇ କିଛି ରହିବ ନାହିଁ । ସେ ଉଇଲ୍ ଖଣ୍ଡି ହାତରେ ପଡ଼ିଲେ ମୁଁ ଏ ପାପ ପିଚ୍ଛିଳ ପଥରୁ ହଟିଯିବି, ଦୁନିଆ ଆଜି ଯାହାକୁ ତ୍ୟାଗୀ, ସାଧୁ, ଦେଶ ପ୍ରାଣ ଚନ୍ଦ୍ରମୋହନ ବୈପ୍ଳବୀ ବୋଲି ଜାଣେ, ସେ ସବୁଦିନ ପାଇଁ ସମସ୍ତଙ୍କ ଚକ୍ଷୁର ଅନ୍ତରାଳରେ ସେମିତି ହୋଇ ରହିଯିବ । ତୁମେ ମଧ୍ୟ ତୁଷାର ଏ ସଂସାରରେ ଜଣେ ମଣିଷ ପରି ବଂଶ ରକ୍ଷିବାର ସୌଭାଗ୍ୟ ପାଇବ । ବିପଦ ନ ମୁଣ୍ଡାଇଲେ ଦୁନିଆଁରେ କେହି ବଡ଼ ହୋଇ ପାରିବେନି, ଚନ୍ଦ୍ରମୋହନ ବର୍ତ୍ତମାନ ତାର ଜୀବନକୁ ଜଳନ୍ତା ନିଆଁ ସହିତ ଧରି ଖେଳୁଛି । ଜାଣେନା ତାର ଭବିଷ୍ୟତ କ'ଣ ହେବ ? ଏ ନିଆଁରେ ଯଦି ଚନ୍ଦ୍ରମୋହନ ଧ୍ୱଂସ ନ ହୁଏ ତେବେ ଭବିଷ୍ୟତରେ ସେ ଆଉଥରେ ସୁନାଠାରୁ ଆହୁରି ଉଜ୍ଜ୍ୱଳ ଦିଶିବ, କିନ୍ତୁ ତୁଷାର ତୁମକୁ ଚାଲି ଯିବାକୁ ହେବ—

• ବନପୁରରେ ସେ ବିନମ୍ର ହୋଇ କହିଲା—ମୁଣ୍ଡ ବିକାକୁ ଯେତେବେଳେ ଯେତେବେଳେ ଯିବାକୁ ତ ପଡ଼ିବ କିନ୍ତୁ ସାରୁ ଚାଲି କିନଟା ଯଦି···

"ଯଦିର ପ୍ରଶ୍ନ ଆସେନି ନାହିଁ । ଚନ୍ଦ୍ରମୋହନର ନିଦର୍ଶନରେ ଗୁରୁତ୍ୱ ଥାଏ । ଚନ୍ଦ୍ରମୋହନ କର୍ତ୍ତବ୍ୟ ଆଗରେ ପ୍ରେମ, ପ୍ରଣୟ, ସୁଖ ଦୁଃଖକୁ ସ୍ଥାନ ଦିଏ ନାହିଁ । କର୍ତ୍ତବ୍ୟ ଆଗ ତା ପରେ ମମତା । ତୁମକୁ ଯିବାକୁ ହେବ ତୁଷାର । ହାଃ— ହାଃ— ହାଃ—ସୁଷମାର ମମତା ଛାଡ଼ିପାରି ପାରିବ ନାହିଁ ?

"ଚୁପ୍ ରହିଲ ସେ—ଯିବା ନ ଯିବାର ଦ୍ୱନ୍ଦ ମଝିରେ ପଡ଼ି ଯାଇଛ ଦେଖୁଛି । ସୁଷମା—ତୁମର କର୍ତ୍ତବ୍ୟ ଆଉ ସୁନାର

ଭବିଷ୍ୟତ । ଏଇ ଫଟୋଟିରୁ ଯେଉଁଟିକି ପସନ୍ଦ କରୁଛ ତାହା ବରଣ କରି ନିଅ । ତେଣିକି ଚନ୍ଦ୍ର ମୋହନର ଶୁଭଲାଭରୁ ତାର ସମାଧାନ କରିବ···।"

ଝୁମ୍ ଝୁମା ଝୁମ୍ ନୃତ୍ୟର ତାଳେ ତାଳେ ନାରୀ କଣ୍ଠର ଅପୂର୍ବ ସଂଗୀତ ଭାସି ଆସୁଥାଏ ଗୋଟିଏ ଦୁଇ ମହଲା କୋଠାରୁ । ନୀଳ ବିଦ୍ୟୁତ୍ ଆଲୋକରେ ସମ୍ପୂର୍ଣ୍ଣ କୋଠାଟି ଉଦ୍ଭାସିତ ହୋଇ ଉଠିଥାଏ । ଆନନ୍ଦ ଆଉ ସଂଗୀତର ଅମୃତବର୍ଷା ପରି ବାହାରୁ ଜଣା ପଡୁଥାଏ । ଗୋଟିଏ ନୀଳ ରଙ୍ଗର ସୁନ୍ଦର କାର ଖଣ୍ଡିଏ ଆସି କୋଠା ନିକଟରେ ପହଞ୍ଚିଲା । କାର୍‌ରୁ ବାହାରି ପଡ଼ିଲେ ଜଣେ ସୁଶ୍ରୀ, ସୁଦର୍ଶନ ଯୁବକ । ଭିତରୁ ଦାସୀ ଆସି ପାଛୋଟି ନେଲା – ହସ ଖୁସିର କଳ କଲ୍ଲୋଳ ଭିତରେ ଯୁବକ ଜଣକ ମିଶି ଗଲେ । ନୃତ୍ୟ ଓ ସଙ୍ଗୀତର ପରିସମାପ୍ତି ପରେ ଯେଉଁ ସୁନ୍ଦରୀ ତରୁଣୀ ଜଣକ ହସି ହସି ଭଦ୍ରବ୍ୟକ୍ତିଙ୍କୁ ଅଭିବାଦନ କଲେ ସେ ହେଉଛନ୍ତି ବିଖ୍ୟାତ ନର୍ତ୍ତକୀ—ସୁଷମା ଦେବୀ ।

ଗୋଟିଏ ସୁନ୍ଦର ସୋଫା ଉପରେ ନିଜ ଦେହକୁ ବିଛାଇ ଦେଇ ଆଗନ୍ତୁକ ପ୍ରଶ୍ନ କଲେ—"ତୁଷାର କ'ଣ ଆସିଥିଲା ?"

"ଆସିଥିଲେ—କିନ୍ତୁ ଏକ ଜରୁରୀ କାମରେ ହଠାତ୍ ବାହାରି ଚାଲିଗଲେ । ମୋର ଆଜିର ଜନ୍ମ ତିଥିରେ ଯୋଗ-ଦେବାକୁ ଯେତେ ଅନୁରୋଧ କଲି, ସେ କିନ୍ତୁ କିଛି ନଶୁଣି ଚାଲି-ଗଲେ । ବୁଝିଲେ ଚନ୍ଦ୍ରମୋହନ ବାବୁ ! ମୋର ଆଜିକାଲି କାହିଁକି ତୁଷାର ବାବୁଙ୍କ ଉପରେ ସନ୍ଦେହ ହୁଏ । ହଠାତ୍ କ'ଣ ଜରୁରୀ

କାମଥିଲା ଭଳି ସେ ସମୟେ ସମୟେ ବଡ଼ ବ୍ୟସ୍ତ ହୋଇ ପଡ଼ୁଛନ୍ତି ?" ସଂଦେହ ଭଙ୍ଗୀରେ ସୁଷମା ଦେଖି କହିଲେ—

କ୍ୟାପ୍‌ସ୍ଟେନ୍‌ର ଧୂମ୍ର କୁଣ୍ଡଳୀ ସୃଷ୍ଟି କରୁ କରୁ ଚନ୍ଦ୍ରମୋହନ ବାବୁ କହିଲେ- ହଁ ବହୁତ ଜରୁରି କାମର ଦାୟିତ୍ୱ ତା ହାତରେ ଦିଆହୋଇଛି । ସେଇ କାମ ଉପରେ ତାର ଭବିଷ୍ୟତ ନିର୍ଭର କରେ । କିନ୍ତୁ ମୋର ଯେତେ ଦୂର ଧାରଣା ସେ ଦାୟିତ୍ୱ ନେଇ ସେ କୃତକାର୍ଯ୍ୟ ହୋଇ ପାରିବ ।

ଚମକି ପଡ଼ି ସୁଷମା କହିଲା—ସେ କାମ କ'ଣ ଏତେ ଦୂର କଷ୍ଟ ସାଧ୍ୟ ? ତେବେ ଆପଣଙ୍କ ଫାର୍ମର ଅନ୍ୟ କୌଣସି ବ୍ୟକ୍ତିଙ୍କୁ ସେ ଦାୟିତ୍ୱ ଦେଲେ ନି ?"

ବିଦ୍ରୂପ ହସ ହସି ଚନ୍ଦ୍ରମୋହନ କହିଲେ—ଦେଖୁଛି ତ ଦିନ କେଇଟା ଭିତରେ ତୁଷାର ତୁମ ମନ ଭିତରେ ବେଶ୍ ଆସନ ଜମେଇ ସାରିଛି । ଖୁବ୍ ତ ଦରଦ । ଆଜ ତେବେ ଜାଣି ରଖ ସେ ସବୁର ମୂଳ କାରଣ ତୁମେ । ଉତ୍ତେଜିତ ହୋଇ ଚନ୍ଦ୍ରମୋହନ କହିଲେ—ମୋର ବ୍ୟବସାୟର ଯାହା କିଛି ଉନ୍ନତି ତା କେବଳ ତୁଷାରର ଅକ୍ଳାନ୍ତ ପରିଶ୍ରମ ପାଇଁ । ଏଇ କେତେ ଦିନ ଧରି ସେ ତୁମ ସଂସ୍ପର୍ଶରେ ଆସି ବଡ଼ ବୀତସ୍ପୃହ ହୋଇ ଉଠିଛି । ନିଜର କର୍ତ୍ତବ୍ୟ ପ୍ରତି ଏତେ ଉଦାସୀନ ହୋଇଛି ଯେ ମୋ ଫାର୍ମର କୌଣସି କାମ ଆଗେଇ ପାରୁନାହିଁ । ମୁଁ ମାନୁଛି ଯୌବନ ସମସ୍ତଙ୍କର ଆସେ । ଆଖିରେ ମାୟାର ଅଞ୍ଜନ ଲଗାଇ ଉଜ୍ଜ୍ୱଳ ରୂପର ଭେଲକି ସୃଷ୍ଟି କରେ । ଚିତ୍ତ ମଧୁବନରେ କୋଇଲି ଗୀତ ଉଠେ । ପ୍ରାଣ ଆକୁଳ ହୋଇ ଉଠେ, ଆଉ ଜଣକଙ୍କ ମୁହଁରୁ ଦି ପଦ ମିଠା କଥା ଶୁଣିବାକୁ, ପରକୁ ଆପଣାର କରିବା ପାଇଁ ମଣିଷର ସେତିକିବେଳେ ଗୋଟାଏ ପ୍ରବଳ ମୋହ ଆସେ । କି ପୁରୁଷ କି ସ୍ତ୍ରୀ, ପ୍ରକୃତି ଏକ୍ । ତୁମେ ଯୁବତୀ, ତୁମେ ସୁନ୍ଦରୀ,

ଆଖିରେ ତୁମର ଅଛି ମାଦକତା । କଥାରେ ଅଛି ମଧୁରତା, ସ୍ପର୍ଶରେ ଅଛି ଯାଦୁ କାଣ୍ଠର କାଉଁଶ କାଠିର ମୋହନ ସ୍ପର୍ଶ । ତୁମର ରୂପର ଲୋଭରେ ଯେତେବେଳେ କଳିଙ୍ଗ ଲବଣ କମ୍ପାନୀର ମାଲିକ୍ ଭିକାରୀ ସାଜି ଆସେ । ତୁମେ ତାକୁ ନିରାଶ କରିଛ । ଅଥଚ ତାର ଆଖି ଆଗରେ ତାରି ଅନ୍ନରେ ପ୍ରତିପୋଷିତ ମେନେଜରଙ୍କୁ ପ୍ରେମ କରିବାକୁ ଭୁଲିନା । ମଣିଷ ହିସାବରେ କ'ଣ ମୋର ପ୍ରତିଶୋଧ ନେବାର ଶକ୍ତି ନାହିଁ ?

ହସି ହସି ସୁଷମା କହିଲା—"ପ୍ରତିଶୋଧ ସିନା ମୋ ଉପରେ ନିଅନ୍ତେ କିନ୍ତୁ ଗୋଟିଏ ନିର୍ଦୋଷ, ନିରୀହ ଲୋକ ଉପରେ ଆପଣଙ୍କର ଏ ଅହେତୁକ କ୍ରୋଧର ତାତ୍ପର୍ଯ୍ୟ କ'ଣ ମୁଁ ବୁଝି ପାରୁନି ? ଆପଣଙ୍କୁ ଦେବତା ଆସନରେ ବସାଇ ପୂଜା କରିବାର ସୁଯୋଗ ଆପଣ ତ ମୋତେ କେବେ ଦେଇ ନାହାନ୍ତି । ରୂପ ବ୍ୟବସାୟୀ ମୁଁ । ମୋ ବୁଦ୍ଧିରେ ଧନହିଁ ମୋ ଆଖିରେ ଦୁନିଆରେ ସବୁଠାରୁ ବଡ଼ । କେବଳ ଧନ ଆଶାରେ ମୁଁ ମୋର ନୀତିହ, ଚରିତ୍ରକୁ ଜଳାଞ୍ଜଳି ଦେଇ ଦୁନିଆ ବଜାରରେ ମୋର ଦେହକୁ ନିଲାମ ଡାକୁଛି । ଯେଉଁ ଘଡ଼ିକ ଆପଣ କିଣୁଛନ୍ତି ସେ ଘଡ଼ିକ ମୁଁ ଆପଣଙ୍କର, ତା ପରେ ଅନ୍ୟର । ଆପଣଙ୍କ ପରି ବଣିକ୍ଷୁ ବ୍ୟବସାୟୀଙ୍କୁ ଚିରଦିନ ପାଇଁ ବାନ୍ଧି ରଖିବାର ଚେଷ୍ଟା କେଉଁ ନାରୀ ନ କରିବ କହିଲେ ? କିନ୍ତୁ ସୁଯୋଗ ପାଇଲେ ତେବେ ...

କହି ହସି ହସି ସୁଷମା ଚନ୍ଦ୍ରମୋହନ ମୁହଁରେ ଧରିଥିବା ସିଗାରେଟ୍‌ରେ ଅଗ୍ନି ସଂଯୋଗ କରି ଦେଲା ।

ଚନ୍ଦ୍ରମୋହନ ବାବୁ ଚମକି ଉଠିଲେ—ଦେହରେ ତାଙ୍କର ଶିହରଣ ଖେଳିଗଲା । ଦୁନିଆଁ ତାଙ୍କ ଆଖିରେ ଗୋଲପି ଦେଖା-ଗଲା । ସେ ନିଜର ଅସ୍ତିତ୍ୱ ଭୁଲି ଯିବାକୁ ଚେଷ୍ଟା କଲେ । ସୁଷମାକୁ ଖୁନ୍ କରିବାର ଯେଉଁ ସୁଦୃଢ଼ ଶପଥ କରି ସେ ଆସିଥିଲେ

କଳ୍ପ କରି ପାରିଲେ କ'ଣ ? ସୁଷମାକୁ ଶିକାର କରିବା ବଦଳରେ ସେ ଶିକାର ହୋଇ ପଡ଼ିଲେ । ତାଙ୍କୁ ଜଣାଗଲା ଯେପରି ପୃଥିବୀଟା ଆଜି ତାର ଲକ୍ଷ ହରାଇ ବସୁଛି । ଅଧୀର ହୋଇ ଚନ୍ଦ୍ରମୋହନ କହି ଉଠିଲେ ! ସୁଷମା ତୁମେ ମହତ୍, ତୁମେ କେତେ କୋମଳ, ସୁନ୍ଦର, ଶୋଭମୟ ଆଉ ଆକର୍ଷଣୀୟ ।

ସରକାରୀ ଡାକ ବଙ୍ଗଳା···

ଗୋଟିଏ ପ୍ରକୋଷ୍ଠ ଭିତରେ ଗୋଇନ୍ଦା ଶ୍ରୀକାନ୍ତବାବୁ ଚିନ୍ତିତ ହୋଇବସିଛନ୍ତି । ରତିକାନ୍ତ କାଲି ସମୁଦ୍ର ବେଳାରୁ ଗଲାପରେ ଆଉ ଫେରି ଆସି ନାହିଁ । ଆସି ଦୁଇ ଦିନ ହେବା ଉପରେ । ପୁରୀରେ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିଲାଣି । ଗୁଣ୍ଡା କଉର ପାନ ଦୋକାନୀ ଓ ପୋଲିସ୍‌କୁ ଉପହାସ କରିବାକୁ ପଛଉ ନାହାନ୍ତି । ଏଣିକି ଆଉ ବିଳମ୍ବ କଲେ ଚଳିବ ନାହିଁ । ଗୋଟାଏ ଦୀର୍ଘ ନିଃଶ୍ୱାସ ଛାଡ଼ି ଶ୍ରୀକାନ୍ତ ବାବୁ ଘର ସାରା ପଦଚାରଣ କରିବାକୁ ଲାଗିଲେ । କିଛି ସମୟ ପରେ ରେକ୍‌ସା ଖଣ୍ଡିଏ ଧରି ରମଣୀ ବାବୁଙ୍କ ଘରକୁ ବାହାରିଲେ···

ପୁରୀର ରାଜପଥରେ ରିକ୍‌ସା ଖଣ୍ଡି ଆଗେଇ ଚାଲିଲା । ମନରେ କେତେ ନା କେତେ ଚିନ୍ତା ଧରି ଶ୍ରୀକାନ୍ତ ବାବୁ ଚାଲିଛନ୍ତି । ବେବୀର ସନ୍ଧାନ କିମ୍ବା ସୁନନ୍ଦା ଦେବୀଙ୍କର ଖୁନ୍ ବିଷୟରେ ସେ କିଛି ନିଷ୍ପତ୍ତି କରି ପାରୁ ନାହାନ୍ତି । ସିଗାରେଟ୍ ଖଣ୍ଡିଏ ମୁହଁରେ ଗୁଞ୍ଜି ସେ ଚିନ୍ତିତ ଭାବରେ ବସି ରହିଥାନ୍ତି । ରିକ୍‌ସା ଆଗେଇ ଚାଲିଛି । କେତେ ଦୂର ଅତିକ୍ରମ କରିବା ପରେ ହଠାତ୍ ଜଣେ ଭଦ୍ରଲୋକ ପଛଆଡ଼ୁ ଆସି ସାଇକେଲ୍‌ରୁ ଓହ୍ଲାଇ ପଡ଼ି ନମସ୍କାର କରି

କହିଲେ ସାର୍ ! ଆପଣଙ୍କ ରିକ୍ସାରୁ ବ୍ୟାଗ୍‌ଟା ପଛରେ ପଡ଼ି ଯାଇଛି, ବୋଧହୁଏ ଆପଣଙ୍କର ଖିଆଲ ନାହିଁ ।

"ଧନ୍ୟବାଦ" କହି ଶ୍ରୀକାନ୍ତ ବାବୁ ଭଦ୍ରବ୍ୟକ୍ତିଙ୍କ ହାତରୁ ବ୍ୟାଗ୍‌ଟି ଆଣି ପକେଟ୍‌ରେ ରଖିଲେ ।

ଅଭିନମ୍ର ଭଙ୍ଗୀରେ ପ୍ରତି ନମସ୍କାର ଜଣାଇଁ ଭଦ୍ରବ୍ୟକ୍ତି ଜଣକ ସାଇକେଲରେ ଉଠି ଚାଲିଗଲେ ।

ଶ୍ରୀକାନ୍ତ ବାବୁ ଭାବୁଥାନ୍ତି—ସୁନନ୍ଦା ଦେବୀଙ୍କ ମୃତ୍ୟୁ ପରେ ରମଣୀ ବାବୁ ପ୍ରାୟ ଏକକକମ ଅର୍ଦ୍ଧ ପାଗଳ ହୋଇ ଉଠିଛନ୍ତି । ସଠିକ୍ ତାଙ୍କ କଥାରୁ କିଛି ମିଳି ପାରୁ ନ । ପୁଅ ଅଶୋକ ଯଦିଓ ମା'ର ମୃତ୍ୟୁରେ ବ୍ୟଥିତ ହେଲାପରି ଜଣା ପଡୁଛି କିନ୍ତୁ ତାର ସେ ବ୍ୟଥାରେ ସେତେଟା ଆନ୍ତରିକତା ଥିଲା ପରି ଜଣାପଡୁନାହିଁ । ତାହା ନ ହେବା ମଧ୍ୟ ଅସ୍ୱାଭାବିକ ନୁହେଁ, ଯେହେତୁ ସୁନନ୍ଦା ଦେବୀ ତାର ସାବତ ମାଆ ।

ରିକ୍ସା ଖଣ୍ଡି ଇତି ମଧ୍ୟରେ ଆସି ରମଣୀ ବାବୁଙ୍କ ଦୁଆରେ ପହଞ୍ଚି ଯାଇଛି । ସେ ଓହ୍ଲାଇ ପଡ଼ି ଦେଖିଲେ, ଗେଟ୍‌ରେ ତାଲା ବନ୍ଦ । ରିକ୍ସା ବାଲାକୁ ବିଦାୟ ଦେଇ ସେ ଆଜି ଖଣ୍ଡିଏ ସିଗାରେଟ୍‌ରେ ନିଆଁ ଧରାଇବାକୁ ଯାଇ ଦେଖନ୍ତି ପକେଟ୍‌ରୁ ଦୁଇ ଗୋଟି ବ୍ୟାଗ୍‌ ବାହାରୁଛି । ହୁଏତ ଭୁଲରେ ଦୁଇଟା ବ୍ୟାଗ୍‌ ରହି ଯାଇଛି ଭାବି ସେ ସେ ବିଷୟରେ ସେତେ ଗୁରୁତ୍ୱ ଦେଲେ ନାହିଁ । ବ୍ୟାଗ୍‌ଟି ଖୋଲି ସେ ଦେଖିଲେ ଖଣ୍ଡିଏ କାଗଜ ଚାରି ଭାଙ୍ଗ ହୋଇ ମୋଡ଼ା ହୋଇ ତା ଭିତରେ ଅଛି । ବ୍ୟାଗ୍‌ ଭିତରେ ସେ ତ କୌଣସି ଦିନ କାଗଜ ରଖନ୍ତି ନାହିଁ । ତେଣୁ ବିସ୍ମୟରେ ସେ ସେଖଣ୍ଡି ଖୋଲିଲେ । ସେଥିରେ ଲେଖାଥିଲା .—

ଶ୍ରୀକାନ୍ତ ବାବୁ;

ନମସ୍କାର ନେବେ । ଆପଣ ମୋ ପାଇଁ ବିଶେଷ ଚିନ୍ତିତ ଥିଲାପରି ଜଣା ପଡ଼ୁଛନ୍ତି । ସୁନନ୍ଦା ଦେବୀଙ୍କ ମୃତ୍ୟୁରେ ମୋତେ ସନ୍ଦେହ କରୁଛନ୍ତି । କିନ୍ତୁ ଜାଣି ରଖନ୍ତୁ ବେଶୀ ଏ ପର୍ଯ୍ୟନ୍ତ କୌଣସି ନରହତ୍ୟା କରି ନାହିଁ । ଜୀବନରେ ନରହତ୍ୟା କରିବି ନାହିଁ ଏ ପ୍ରତିଜ୍ଞା ମୁଁ ଆରମ୍ଭରୁ କରି ନେଇଛି । ସୁନନ୍ଦା ଦେବୀଙ୍କ ମୃତ୍ୟୁରେ ତୃତୀୟ ପକ୍ଷର ହାତ ଅଛି । ଆପଣ ଜଣେ ଚତୁର ଓ ଦକ୍ଷ ଡିଟେକ୍ଟିଭ୍ ସ୍ୱଭାବରେ ନିଶ୍ଚୟ ହତ୍ୟାକାରୀର ସନ୍ଧାନ ପାଇ ପାରିବେ । ହତ୍ୟାକାରୀର ସନ୍ଧାନ ପାଇଲେ ଆପେ ଆପେ ମୋର ସନ୍ଧାନ ଜାଣି ପାରିବେ । ପୁଣି ଭଲ ଧର୍ମ କ୍ଷେତ୍ରରେ ଅମାତର ପନ୍ଥା ଧରି ନାହିଁ । କିନ୍ତୁ କରି କରାଉଥାଏ ମୁହିଁ ।

ଫେରେ କେବେ ସାକ୍ଷାତ ।

। ଇତି ।

ଆଶ୍ଚର୍ଯ୍ୟ ହୋଇ ଶ୍ରୀକାନ୍ତ ବାବୁ ଭାବିବାକୁ ଲାଗିଲେ । ବେଶୀ ତାଙ୍କର ଗତି ବିଧି ପ୍ରତି ବେଶତ ଲକ୍ଷ୍ୟ ରଖି ପାରିଛି । ମନେ ମନେ ସ୍ଥିର କଲେ ନିଜର ବିଦ୍ୟା ବୁଦ୍ଧି ନେଇ ଯେତେଦୂର ପାରନ୍ତି ସେ ଖେଳି ବସିବେ । ହାରିଗଲେ ଦୁଃଖ ନାହିଁ ।

ଚାକର ଆସି ଦ୍ୱାର ଖୋଲିଲା । ରମଣୀ ବାବୁ ଆସି ପହଞ୍ଚି ଗଲେ ।

ନୀରବ ବାତାବରଣ ଭିତରେ ଶ୍ରୀକାନ୍ତ ବାବୁ ଓ ରମଣୀବାବୁ ଦୁହେଁ ବୈଠକ ଖାନା ଭିତରେ ବସି ରହିଲେ । କିଛି ସମୟ ପରେ ଶ୍ରୀକାନ୍ତ ବାବୁ ପ୍ରଶ୍ନ କଲେ – କହିପାରିବେକି ସୁନନ୍ଦା ଦେବୀଙ୍କ ମୃତ୍ୟୁରେ ଆପଣ କାହାକୁ ସନ୍ଦେହ କରୁଛନ୍ତି ?”

"ସନ୍ଦେହ ହେବ କଣ । ଏତ ପରିଷ୍କାର କଥା ବେଶୀ ବ୍ୟକ୍ତିଗତ ଏକାନ୍ତ କେହି କରି ନାହିଁ । କାରଣ ତାଙ୍କର (ସୁନନ୍ଦା ଦେବୀଙ୍କର) ମୃତ୍ୟୁପୂର୍ବରୁ ଚଠିହିଁ ତାର ପ୍ରମାଣ ଦିଏ ।"

ହୁଁ, ଏ ଘରେ ଆପଣଙ୍କର ଯେତେ ଜଣ କର୍ମଚାରୀ ଅଛନ୍ତି, ସୁନନ୍ଦା ଦେବୀଙ୍କ ପ୍ରତି କାହାର ବ୍ୟବହାରରେ ଆପଣ କେବେ କିଛି ସନ୍ଦେହ କରିବା ଭଳି କିଛି ଦେଖିଛନ୍ତି କି ?

ହଠାତ ଘରକୁ ପଶି ଆସିଲେ ଗୁମାସ୍ତା ନରହରି ମହାନ୍ତି । ବାଁ ହାତରେ ମୁଣ୍ଡ କୁଣ୍ଡାଉ କୁଣ୍ଡାଉ ସେ ବିନମ୍ର ସହିତ କହିଲେ – ଆଜ୍ଞା, ସାକ୍ଷାତ ଅନ୍ନପୂର୍ଣ୍ଣା ମା ଥିଲେ । ସେ ଗଲା ଦିନଠାରୁ ଏ ଘରର ଯେଉଁ ଚାକର ଦୁଇ ଚାକରଟା ଅଛନ୍ତି ସେମାନେ ଖାଇ ମଲା ସଙ୍ଗେ ସମାନ ।

ବଡ଼ କୁଟିଳ ଓ ସନ୍ଦେହ ଦୃଷ୍ଟିରେ ଶ୍ରୀକାନ୍ତବାବୁ କହିଲେ – ଆମ ଦୁହିଁଙ୍କ କଥା ଭିତରେ ଆପଣଙ୍କର ବଳି ପଡ଼ି କିଛି କହିବାର ନଥିଲା । ଏ ରୁମକୁ ତ ଆପଣଙ୍କୁ ଡକା ହୋଇ ନାହିଁ, ବୋଧହୁଏ ବିନା ଅନୁମତିରେ ପ୍ରବେଶ କରିବା ଓ ବିନା ପ୍ରଶ୍ନରେ କଥା କହିବା ଆପଣଙ୍କର ଜନ୍ମଗତ ଅଭ୍ୟାସ । ବର୍ତ୍ତମାନ ଆପଣ ବାହାରକୁ ଯାଇପାରନ୍ତି ।

ନିରାଶ ହୋଇ ଗୁମାସ୍ତା ନର ମହାନ୍ତି ଚାଲିଗଲେ । ଯିବାପୂର୍ବରୁ ତାଙ୍କର ସନ୍ଦେହୀ ଆଖି ଦୁଇଟା ସେ ଘର ସାରା ବୁଲି ଯାଇଥିଲା ।

"ଆପଣଙ୍କର ଏ ଯେଉଁ କାଠ ବ୍ୟବସାୟ କରିଛନ୍ତି ତାର ମାଲିକ ଆପଣ ଏକା ନା ଅନ୍ୟ କେହି ଅଂଶୀଦାର ଅଛନ୍ତି ?

"ଅଂଶୀଦାର କେହି ନାହାନ୍ତି । ଏହାର ମାଲିକ, ପରିଚାଳକ ମୁଁ ନିଜେ ।"

"ଏତେ ବଡ଼ ବ୍ୟବସାୟ ତ ଆପଣ ନିଜେ ତଦାରଖ କରି ପାରୁ ନଥିବେ। କାରଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ଡିପୋ ସବୁ ଅଛି।"

"ପ୍ରତି ଡିପୋରେ ମୋର ଜଣେ ଜଣେ ମ୍ୟାନେଜର ଅଛନ୍ତି। ସେମାନେ କାମ ଚଳାନ୍ତି, ମୁଁ ସାମୟିକ ଯାଇ ତଦାରଖ କରି ଆସେ।

"ମ୍ୟାନେଜରମାନେ ବୋଧହୁଏ ଆପଣଙ୍କର ଆତ୍ମୀୟ ହୋଇଥିବେ ?"

"ନିଜର ଲୋକ ରଖିଲେ ସେମାନଙ୍କ ଠାରୁ ଭଲ ରୂପେ କାମ ଆଦାୟ କରି ପାରିବି ନାହିଁ ଏବଂ ତଦୁପରି ଟଙ୍କା ପଇସା ହିସାବରେ ଗଣ୍ଡଗୋଳ ସୃଷ୍ଟି ହୋଇପାରେ, ଏହି ଆଶଙ୍କାରେ ମୋର ସବୁ ମ୍ୟାନେଜର ବାହାରର ଲୋକ।"

"ଅଶୋକ ବାବୁ ଓ ଆପଣ ଦୁହେଁ ତାହେଲେ ବ୍ୟବସାୟ ଖବର ବୁଝନ୍ତି ଓ ସୁନନ୍ଦା ଦେବୀ ବୋଧହୁଏ କ୍ୟାସ (Cash) ରଖନ୍ତି।

"ହଁ ଟଙ୍କା ସୁନନ୍ଦା ଦେବୀଙ୍କ ପାଖରେ ଜମା ରହେ। ଅଶୋକ ତ ପିଲାଲୋକ, ଏବେ କଲେଜ ପଢୁଛି, ତେଣୁ ମୁଁ ଏ ଦାୟିତ୍ୱରେ ତାକୁ ପୁରାଇ ନାହିଁ। ପିଲା ଲୋକ — ଦନାକେତେ ଶାନ୍ତିରେ ରହୁ।"

'ହୁଁ' କହି ସିଗାରେଟର ଶେଷ ଖଣ୍ଡ ଶ୍ରୀକାନ୍ତ ବାବୁ ବାହାରକୁ ଫୋପାଡ଼ି ଦେଲେ।

ଆଚ୍ଛା ରମଣୀ ବାବୁ ! ଆପଣ କହିପାରିବେ କି ଅଶୋକର ଭବିଷ୍ୟତ ନେଇ କିମ୍ବା ସ୍ୱାର୍ଥର ଉନ୍ନତି ପାଇଁ ଅଶୋକର ମାମୁଁ ଘର ତରଫରୁ କୌଣସି ପ୍ରକାରର ପ୍ରଶ୍ନ କେବେ ଉଠିଥିଲା କି ? ଯେଉଁ ପ୍ରଶ୍ନ କି ସ୍ୱାଭାବିକ ସାବତ ମା ଥିବା ସ୍ଥଳେ ସାଧାରଣତଃ ଉଠିଥାଏ।

ଏ ପ୍ରଶ୍ନରେ ରମଣୀ ବାବୁ ଟିକେ ସ୍ତମ୍ଭିତ ହୋଇ କହିଲେ ଅବଶ୍ୟ ଯେ ମଝିରେ ମଝିରେ ସେ ପ୍ରକାର ପ୍ରଶ୍ନ ନ ଉଠିଛି ତା ନୁହେଁ ମାତ୍ର ମୁଁ ସେ ସବୁ ଅଭିଯୋଗ ଉପରେ ସେତେଟା ଗୁରୁତ୍ୱ ଦେଇ ନାହିଁ । ତା ପରେ ସୁନନ୍ଦା ଦେବୀ ତ ତାଙ୍କୁ ନିଜର ପୁଅ ଠାରୁ ବେଶୀ ସ୍ନେହ କରୁଥିଲେ, ତେଣୁ ଏ ପ୍ରକାର ବାଜେ କଥା ଉପରେ ମୁଁ ଆସ୍ଥା ରଖି ନ ଥିଲି ।

"ଆପଣ ମ ରେ କିଛି ଭାବନେବେ ନାହିଁ ବୋଲି ମୁଁ ଆଗରୁ କ୍ଷମା ମାଗି ନେଉଛି । କହିପାରିବେ କି ଯଦି ଅଶୋକକୁ ସୁନନ୍ଦା ଦେବୀ ଏତେ ସ୍ନେହ କରୁଥିଲେ ତେବେ ଅଶୋକ ଏତେଦିନ ଧରି ମାମୁଁ ଘରେ ରହିବାକୁ କିପରି ଭଲ ପାଉଥିଲେ ।

"ନିଜର ଭଉଣୀ ମରିଯିବା ପରେ ଅଶୋକର ମାମୁଁ ଚାହିଁଲେ ଯେ ନିଜର ଭଉଣୀ ବିୟୋଗ ଜନିତ ଦୁଃଖକୁ ଲାଘବ କରିବା ପାଇଁ ସେମାନେ ଅଶୋକକୁ ନେଇ ପାଖରେ ରଖିବାକୁ । ସେତେବେଳେ ମୋର ମନର ଅବସ୍ଥା ଆଦୌ ଭଲ ନଥାଏ । ସୁନନ୍ଦା ଦେବୀ ବି ମୋ ଘରକୁ ଆସି ନଥାନ୍ତି, ତେଣୁ ମୁଁ ଅନୁମତି ଦେଲି । ତାପରେ ଅଶୋକ ମାମୁଁ ଘରେ ରହି ପାଠପଢ଼ିବା ଆରମ୍ଭ କଲା । ଇତଃସ୍ତତଃ ହେଲେ ପ ଠପଢ଼ାରେ କ୍ଷତି ହେବ ଭାବି ମୁଁ ଅଶୋକକୁ ଆଣିବାକୁ ଇଚ୍ଛା କଲି ନାହିଁ ।

ଚାକର ଇତି ମଧ୍ୟରେ ଦୁଇକପ୍ ଚା ଆଣି ଦେଇଗଲା ।

ଚା କପ୍‌ରୁ ଚା ତକ ନିଃଶେଷ କରି ଶ୍ରୀକାନ୍ତ ବାବୁ ସୁନନ୍ଦା ଦେବୀଙ୍କର ଶୋଇବା ଘରକୁ ଗଲେ । ଘରଟିର ପ୍ରତ୍ୟେକ ଦରଜା ଓ ଝରକାକୁ ତନ୍ନ ତନ୍ନ କରି ପରୀକ୍ଷା କଲେ । ଝରକାର ଲୁହା ରେଲିଂ ଗୁଡ଼ିକ ଶକ୍ତ ଅଛି । ଛାତ କିମ୍ବା କାନ୍ଥ କୌଣସି ଠାରେ କୌଣସି ପ୍ରକାର ବ୍ୟତିକ୍ରମ ଦେଖିବାକୁ ପାଇଲେ ନାହିଁ । ସେ ଖାଲି ଭାବିବାକୁ ଲାଗିଲେ — ତେବେ ଆତତାୟୀ ଏ ଘରେ କିପରି

ପ୍ରବେଶ କଲ ? ଝରକା ତଳକୁ ଚାହିଁ ସେ ଦେଖିଲେ — ଗୋଟିଏ ସୁନ୍ଦର ବଗିଚା ଅଛି । ନାନା ଜାତିର ଦେଶୀ ବିଦେଶୀ ଫୁଲରେ ବଗିଚାଟି ଅବର୍ଣ୍ଣନୀୟ ଶୋଭାଶ୍ରୀ ଧାରଣ କରିଛି । ନିହାତି ଅରସିକ ଲୋକ ମନରେ ସୁଦ୍ଧା ମୁହୂର୍ତ୍ତକ ପାଇଁ ବଗିଚାର ସୌନ୍ଦର୍ଯ୍ୟ ଝଙ୍କାର ତୋଳିବ । ଶ୍ରୀକାନ୍ତ ବାବୁ ସିଡ଼ି ଦେଇ ବଗିଚାକୁ ଓହ୍ଲାଇ ଗଲେ । ବଗିଚା ଭିତରେ ଆନମନା ହୋଇ ବୁଲୁ ବୁଲୁ ସେ ବଗିଚାର ସୌନ୍ଦର୍ଯ୍ୟରେ ଆତ୍ମହରା ହୋଇ ଉଠିଲା ପରି ଜଣା ପଡ଼ୁଥାନ୍ତି । ଲୋଭ ସମ୍ଭାଳି ନ ପାରି ସେ ଗୋଟିଏ ରକ୍ତ ଗୋଲାପ ଫୁଲ ତୋଳିଲେ । ଗୋଟିଏ ସୂର୍ଯ୍ୟମୁଖୀ ଫୁଲକୁ ତୋଳିବା ପାଇଁ ହାତ ଉଠାଉଛନ୍ତି ଏ ସମୟରେ କିଏ ପଛରୁ କହି ଉଠିଲା — କେତେ ସ୍ନେହରେ ସୁନନ୍ଦା ଦେବୀ ସେ ଗଛଟିକୁ ଲଗାଇ ଥିଲେ । ପ୍ରତିଦିନ ପାଣି ଢାଳି ତା ମୂଳରେ ନ ଦେଲେ ତାଙ୍କ ମନ ସ୍ଥିର ହୁଏ ନାହିଁ ।

ଚମକି ପଡ଼ି ଶ୍ରୀକାନ୍ତ ବାବୁ ପଛକୁ ଫେରି ଦେଖିଲେ — ବୃଦ୍ଧ ରମଣୀ ବାବୁ ମଧ୍ୟ ତାଙ୍କ ପଛରେ ଚାଲିଛନ୍ତି । ଚୋର ଧରା ପଡ଼ିଲା ପରେ ତାର ଅବସ୍ଥା ଯାହା ହୁଏ ଅବିକଳ ସେପରି ଅବସ୍ଥା ଶ୍ରୀକାନ୍ତ ବାବୁଙ୍କର ହେଲା । ନିଜର ଅନଧିକାର ଚର୍ଚ୍ଚା ପାଇଁ ସେ ଯେପରି ଲଜ୍ଜିତ ହେଲେ । ଶ୍ରୀକାନ୍ତ ବାବୁ ନିଜର ଆତ୍ମମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ପାଇଁ କହିଲେ — ତା ହେଲେ ସୁନନ୍ଦା ଦେବୀ ବଡ଼ ସୌନ୍ଦର୍ଯ୍ୟ ପିପାସୁ ଥିଲେ ।

ଶରତର ଜ୍ୟୋତ୍ସ୍ନା ଚାନ୍ଦ ଆକାଶ ଉପରକୁ ଉଠି ଆସିଥାଏ । ଛୁପି ଛୁପି ଜହ୍ନ ଆଲୁଅରେ ଶ୍ରୀକାନ୍ତ ବାବୁ ରମଣୀ ବାବୁଙ୍କୁ ଧରି ଗୋଟିଏ ବେଞ୍ଚରେ ବସି ଆଳାପ ଆରମ୍ଭ କଲେ । ସେ ଆଳାପର ବିଷୟ ବସ୍ତୁ ରମଣୀ ବାବୁଙ୍କର ମୃଣାଳ ଦେବୀଙ୍କ ସହିତ କଟିଥିବା ଯୌବନର ମଧୁମୟ କାହାଣୀ । ସିମେଣ୍ଟ ବେଞ୍ଚ ନିକଟରେ

ଅଳ୍ପ ଜହ୍ନ ଆଲୋକରେ ଚକ୍ ଚକ୍ କରୁଥିବା ଗୋଟାଏ ଦଉଡ଼ିକୁ ଦେଖି ଚମକି ପଡ଼ିଲେ ଶ୍ରୀକାନ୍ତ ବାବୁ ! ତାଙ୍କର ମନରେ ସେଇଟା ସାପ ବୋଲି ବିଶ୍ୱାସ ହେଲା । ସେ ତା ପାଖକୁ ଅଗେଇ ଯାଇ ନିଜର ଭୁଲ୍ ବୁଝି ପାରିଲେ । ତା ପରେ କୌତୁହଳୀ ହୋଇ ସେ ଦଉଡ଼ି ଖଣ୍ଡି ଧରି ପକେଟରେ ପୁରାଇ ପୁଣି ରମଣୀ ବାବୁଙ୍କ ପାଖକୁ ଫେରି ଆସିଲେ ।

ରମଣି ବାବୁ ଏ ଭିତରେ ବିଭିନ୍ନ ପ୍ରକାରର ଗୁଡ଼ିଏ ଫୁଲ ତୋଳି ସାରିଥାନ୍ତି । ସବୁ ଫୁଲକୁ ଏକାଠି କରି ଗୋଟିଏ ସୁନ୍ଦର ତୋଡ଼ା ତିଆରି କରି ସେ ଶ୍ରୀକାନ୍ତ ବାବୁଙ୍କ ହାତକୁ ବଢ଼ାଇ ଦେଇ ଦେଇ କହିଲେ — ଆପଣଙ୍କ ପରି ସୁନନ୍ଦା ଦେବୀଙ୍କର ମଧ୍ୟ ଫୁଲ ପ୍ରତି ଖୁବ୍ ସଉକ୍ ଥିଲା । ତାଙ୍କ ମୃତ୍ୟୁ ପରେ ତାଙ୍କର ଫଟୋ ଉପରେ ମୁଁ ଏପର୍ଯ୍ୟନ୍ତ ମଧ୍ୟ ଗୋଟିଏ ଫୁଲ ଖୋସି ଦେଇ ପାରିନି । କିନ୍ତୁ ବନ୍ଧୁ ହିସାବରେ ଆଜିର ସ୍ମୃତିକୁ ସ୍ମରଣ କରିବା ପାଇଁ ଆପଣଙ୍କୁ ମୋର ଏ ସାମାନ୍ୟ ଉପହାର ।

ହସି ହସି ଶ୍ରୀକାନ୍ତ ବାବୁ ଶୁଭରାତ୍ରି ଜଣାଇ ବିଦାୟ ନେଇ ବାହାରିଲେ :

ବ୍ରହ୍ମପୁର ଷ୍ଟେସନରେ ରତିକାନ୍ତ ପହଞ୍ଚିଲା ସମୟକୁ ଘଣ୍ଟା ପ୍ରାୟ ୧୦ଟା ହେବ । ଷ୍ଟେସନ ପାଖ ହୋଟେଲରେ ମୁଠାଏ ଅନ୍ନ ସଂସ୍ଥାନର ଯୋଗାଡ଼ କରିବାକୁ ଯାଇ ସେ ସେଠାରେ ଖବର ସଂଗ୍ରହ କରିବାକୁ ଚେଷ୍ଟା କଲେ । ରତିକାଂତ ବାବୁ କ'ଣ ଗୋଇନ୍ଦା ବିଭାଗର ପ୍ରତ୍ୟେକ କର୍ମଚାରୀଙ୍କର ଏ ଅଭ୍ୟାସ ଅଛି ଯେ

ସେମାନେ ଶୀଘ୍ର ଗୋଟିଏ ଅପରିଚିତ ସ୍ଥାନରେ ଖୁବ୍ ପରିଚିତ ହୋଇ ପାରନ୍ତି । ହୋଟେଲର ମାଲିକଙ୍କୁ ରତିକାନ୍ତ ବାବୁଙ୍କର ପ୍ରଥମ ପ୍ରଶ୍ନ ହେଲା ନନ୍ଦପୁର ଗାମ ଏଠାରୁ କେତେ ଦୂର ? ସେହି ଗ୍ରାମକୁ ଏ ଅସମୟରେ ଯିବାର ପ୍ରଶ୍ନ ଶୁଣି ହୋଟେଲ ମାଲିକ ଟିକେ ବିସ୍ମିତ ହେଲେ । ପ୍ରଶ୍ନ କଲେ—କାହିଁକି ନନ୍ଦପୁର ଗ୍ରାମକୁ ଆସିଛନ୍ତି ?

"ଆଜକାଲି ଚାକିରି ବାକିରିର ଯେପରି ଅବସ୍ଥା ଆଉ ବେକାର ସମସ୍ୟା ଯେପରି ପ୍ରବଳ ହୋଇ ଉଠୁଛି, ଶୁଣିବାକୁ ପାଇଲି ନନ୍ଦ ଗ୍ରାମରେ ରମଣୀବାବୁଙ୍କର ଗୋଟିଏ ବଡ଼ କାଠ ଗୋଦାମ ଅଛି । ତାଙ୍କ ଗୋଦାମରେ ଜଣେ ମିସ୍ତ୍ରୀ ଆବଶ୍ୟକ । ଏ କଥା ଶୁଣି ଚାକିରି ଆଶାରେ ଆସିଛି ।" ନିହାତି ସରଳ ଆଉ ନିରୀହ ଭାବରେ ରତିକାନ୍ତ ବାବୁ କହିଲେ ।

"ସେଃ—ରମଣୀ କାନଗୋଇ ଯେପରି ଚରିତ୍ର ଭ୍ରଷ୍ଟ, ତା ପାଖରେ ଚାକିରି ମିଳିବା ସେମିତି ସେମିତି । କିନ୍ତୁ ରମଣୀ କାନଗୋଇ ତ ଏଠାରେ ନାହିଁ, ଗୋଟାଏ ବର୍ମା ମାଇକିନାକୁ ରଖି ସେ ତ ପୁରୀରେ ଅଛି । ଏଠାରେ କେବଳ ତାର ଗାଁର ସମ୍ପତ୍ତି ବାଡ଼ି ଥାଏ ଆଉ ନାମ ମାତ୍ରକୁ ଗୋଟାଏ ବ୍ୟବସାୟ ଭଳି ସେ ଏଠାରେ ରଖିଛି ବୋଲି ବାହାରେ ପ୍ରଚାର କରାଇଥାଏ । ଏଠାରେ ବ୍ୟବସାୟ ପତ୍ର ତାର କିଛି ନଥାଏ, ତୁମେ କଣ ଏକା । ତୁମ ପରି କେତେ ଲୋକ ଏଇ ହୋଟେଲରେ ଖାଇ ପିଇ ଏଇବାଟେ ନିରାଶରେ ଫେରିଛନ୍ତି ।"

"ତାହେଲେ ଏଠାରେ ରମଣୀ ବାବୁଙ୍କର କିଏ ଥାଏ ?"

"ଗୁମାସ୍ତା ଭଳି ଜଣେ ଲୋକ ରହେ । ଖାଇ ପିଇ ପଡ଼ିଥାଏ ?"

ରମଣୀ ବାବୁ ମିଛରେ ଏପରି ଗୋଟାଏ କାହାଣୀ କରିଛନ୍ତି । ମୋର ତ କପରି ଧାରଣା ହୁଏ ଲୋକଟା ଆଦୌ ଭଲ ନୁହେଁ । ସେ ବିଭବଶାଳୀ ହୋଇପାରେ କିନ୍ତୁ ସଚ୍ଚରିତ୍ର ନୁହେଁ । ରମଣୀ ବାବୁଙ୍କୁ ତାର ନିଜର ଲୋକ ଗଡ଼ାନ୍ତି । ଏପରି କି ଏତେ ଗୁଡ଼ାଏ ସମ୍ପତ୍ତି ମାଗଣାରେ ପାଇ ସେଥିରେ ସେ ତାର ମୁଅଳୁ ପୂରାଇ ନାହିଁ ।

ବିସ୍ମୟରେ ରତିକାନ୍ତ ବାବୁଙ୍କ ମୁହଁରୁ ବାହାରି ପଡ଼ିଲା— "ମାଗଣାରେ ! ! ଆଜିକାଲି ତ ବିନା ସ୍ୱାର୍ଥରେ କେହି କାହାକୁ ଫୁଟା ପଇସାଟିଏ ଦେଉନ । ସେଥିରେ ......"

ହସି ହସି ହୋଟେଲ ବାଲା କହିଲା—ଏ ସମ୍ପତ୍ତି କିଏ ତାକୁ ମାଗଣାରେ ଦାନ ଦେଇ ନାହିଁ । ସେ ମଉକା ଦେଖି ମାରି ଆଣିଛି । ରମଣୀ କାନଗୋଇର ଦଶ ପନ୍ଦର ବର୍ଷ ତଳ ଅବସ୍ଥା ମୋ ଆଖି ଆଗରେ ନାଚୁଛି । ପ୍ରଥମ ସ୍ତ୍ରୀ ମରିବା ପୂର୍ବରୁ ସେ ନନ୍ଦଗ୍ରାମରେ ବଡ଼ ଦୁଃଖରେ ଚଳୁଥିଲା, ଏପରି କି ବର୍ଷ କର ଖାଇବା ଗଣ୍ଡାକ ତା ଘରେ ନଥିଲା । ପ୍ରଥମ ସ୍ତ୍ରୀର ମୃତ୍ୟୁ ପରେ ତାର ଶୁଦ୍ଧି ଘର ପାଇଁ ସେ ଟଙ୍କା କରଜ ନେଲା । ତା ପରେ ଦେଶରେ ଅକାଳ ପଡ଼ିଲା, ସେ ଟଙ୍କା ପରିଶୋଧ କରି ପାରିଲା ନାହିଁ । ତେଣୁ ଗାଁର ଭିଟା ମାଟି ବିକି ସେ ଦେଶାନ୍ତରୀ ହେଲା । ବର୍ମାରେ ପହଞ୍ଚି ସେ ଗୋଟାଏ କାରଖାନାରେ କୁଲି ସର୍ଦ୍ଦାର ହେଲା । ଆମ ଗାଁକୁ ଛୁଟିରେ ଆସିଲେ କୁଲି ପ୍ରଭୃତି ସଂଗ୍ରହ କରି ସେଠାକୁ ନେଇ ଯୋଗାଏ । ମୁଁ ମଧ୍ୟ ତାର ସଙ୍ଗରେ ଯାଇ ବର୍ମାରେ କୁଲି ହୋଇ-ଥିଲି । ପ୍ରତି ସାତ ଦିନରେ ଆମକୁ ସେତେବେଳେ ମଜୁରି ମିଳୁଥାଏ । ତାର ଅଧୀନରେ ବହୁତ କୁଲି ଥାନ୍ତି । ସପ୍ତାହ ଶେଷରେ ସେମାନଙ୍କ ଦରମା ରମଣୀ କାନଗୋଇ ବାଣ୍ଟେ । ହଠାତ୍ ବର୍ମା ଜାପାନ୍ସ ସୈନ୍ୟ ଓ ଆଜାଦହିନ୍ଦ ଫୌଜର ପ୍ରତିରୋଧ ପାଇ ଇଂରେଜ

ସ୍ବଭାବର ବର୍ମାରେ ଏକତ୍ର ଚଗଳନ୍ତି । ପ୍ରାଣର ଶିକଳିରେ ନିଜ
ସ୍ବାମୀଙ୍କୁ ବାନ୍ଧିବା ପାଇଁ । ସେ ଯୁଆଡ଼େ ଗଲେ ସେଆଡ଼େ ଛିନ୍ନ
ଭିନ୍ନ ହୋଇ ଚାଲିଗଲେ । ସେତେବେଳକୁ ରମଣୀ କାନ୍ଦିଗଲି
ପାଖରେ ବିଗ୍ରାହିଏ ସଦ୍ଭାବର ମଜଲ ବାବୁଙ୍କରେ ପ୍ରତିଟି ଟଙ୍କା
ମିଳିଥାଏ । ସେ ମଧ୍ୟ ଜୀବନ ବଞ୍ଚାଇ ସେହି ଟଙ୍କାକୁ ଧରି ଶୁଣି
ଚାଲି ଆସ ପୁରୀରେ ପହଞ୍ଚିଲ । ବାଟରେ ଭାରି ହୁଏତ ସେହି
ସ୍ତ୍ରୀ ଲୋକକୁ ପ୍ରସିଦ୍ଧ ସାକ୍ଷାତ ହୋଇଥିବ, ସେ ତ ହୁଏତ ଜୀବନ
ତାଙ୍କ ଲଙ୍କରେ ଦେଖାଦେଇ ହେଉଥିବ । ସେଇ ସ୍ତ୍ରୀ ଲୋକକୁ ଧରି
ନିଜର ବିବାହିତା ସ୍ତ୍ରୀ ବୋଲି ଚିହ୍ନାଇ ପରିଚୟ କରାଇ ପୁରୀ
ପୁରୀରେ ବ୍ୟବସାୟ ଆରମ୍ଭ କରିଦେଲା । [illegible]
[illegible] ଏହିପରି ଭାବରେ ଅପଥ ଶିକ୍ଷା ନିନ୍ଦାରେ ରକ୍ଷା ପାଇଲେ ବୋଲି
ରତ୍ନକାନ୍ତ ବାବୁ ତାଙ୍କର ପ୍ରାଣର ଗଭୀରତମ ପ୍ରଦେଶରୁ କୃତଜ୍ଞତା
ଜଣାଇ ହୋଟେଲ ଛାଡ଼ିଲେ । [illegible]
[illegible] ହୋଟେଲ ଛାଡ଼ି କିଛି ଦୂରରେ ପହଞ୍ଚି ରତ୍ନକାନ୍ତ ବାବୁ
ଗୋଟିଏ ଗାଡ଼ି ଭଡ଼ା କରି ରମଣୀ ବାବୁଙ୍କ ଘର ଉଦ୍ଦେଶ୍ୟରେ
ବାହାରିଲେ । ରାସ୍ତା ଦୁଇପାଖର ଗଛ ଉପରେ କଣା ଚଢ଼େଇଗୁଡ଼ିକ ଘୁମାଇ
ପଡ଼ିଥାନ୍ତି । ରତ୍ନକାନ୍ତ ବାବୁ ବାହାରକୁ ଏକଦୃଷ୍ଟିରେ ଚାହିଁ ରହି
ଭାବିବାକୁ ଲାଗିଲେ । ସୁନନ୍ଦା ଦେବୀ ରମଣୀ ବାବୁଙ୍କର ବିବାହିତା
ସ୍ତ୍ରୀ ନୁହନ୍ତି ? ତାହେଲେ ଉପରୋକ୍ତ ଘଟଣା ସାଙ୍ଗରେ କେମିତି ଜଡ଼ିତ
ହେଲା ? ତାଙ୍କ ନିଜର ଲୋକମାନେ ରଖି ସେ ପୁରୁଣା ଲୋକଙ୍କୁ ଦେଖିବା
ପାଇଁ ରଖିଛନ୍ତି କାହିଁକି ? [illegible]
[illegible] କିଛି ସମୟ ଏପରି ଗଲା ପରେ କ୍ଳାନ୍ତ ରତ୍ନକାନ୍ତ ବାବୁ ଗାଡ଼ି
ଭିତରେ ଶୋଇ ପଡ଼ିଲେ । ନନ୍ଦ ଗ୍ରାମରେ ଗାଡ଼ି ଛକି ବାରଟା
ବେଳକୁ ଯାଇ ପହଞ୍ଚିଲା । ରତ୍ନକାନ୍ତ ବାବୁଙ୍କୁ ଗାଡ଼ିବାଲା ଉଠାଇ
ଦେଇ କହିଲା ଆପଣ ଘର ଏଇଠିକି ପିଲେ [illegible]

ହଠାତ୍ ନିଜ ମଲ୍ଲମଲ ଆଖିରେ ରତିକାନ୍ତ ବାବୁ ଗାଡ଼ିରୁ ଓହ୍ଲାଇ ପଡ଼ିଲେ । ରମଣୀ ବାବୁଙ୍କ ଘରଟିକୁ ଗାଡ଼ିବାଲା ରତିକାନ୍ତ ବାବୁଙ୍କୁ ଦେଖାଇ ଦେଲା । [illegible]

ଘର ନିକଟରେ ଯାଇ ରତିକାନ୍ତ ବାବୁ ପ୍ରଥମେ ଦେଖିଲେ ଘର ଆଗରେ ଗୋଟିଏ ଗ୍ରେଟ୍ ବଗିଚା ଅଛି । ବଗିଚାଟିକୁ ଦେଖିଲେ ମାଲିକର ସୌନ୍ଦର୍ଯ୍ୟବୋଧ ଉପରେ ଗୋଟାଏ ଧାରଣା କରି ହୁଏ । ରାତ୍ରି ବାରଟାରେ ଗାଁର ସମସ୍ତେ ଶୋଇ ପଡ଼ିଲେଣି । ଚାରିଆଡ଼ ନୀରବ — ରତିକାନ୍ତବାବୁ ଭାବିଲେ, ଏତିକିବେଳେ ଯଦି ସେ ଘରର ଚତୁର୍ଦ୍ଦିଗ ଦେଖି ନପାରିବେ ତାହେଲେ କାଲି ସକାଳୁ ଦେଖିବା ଅସମ୍ଭବ ହେବ । ପୁଣି ଭାବିଲେ ଯଦି ଏପରି ବୁଲି ବୁଲି କିଏ ଚୋର ବୋଲି ସନ୍ଦେହ କରେ ବେଶ୍ ଉତ୍ତମ ମଧ୍ୟମ ଦେବ ।

ଘର ଚାରିପାଖରେ ବଡ଼ଟ ପାଚେରୀ, ପାଚେରୀ ଭିତରେ ଖଣ୍ଡେ ଦୂରରେ ଗୋଟିଏ ପୋଖରୀ ଦିଶୁଛି — ବାଡ଼ି ଭିତରେ ଧାନ କଟା ହୋଇ ଗଦା ମରା ହୋଇଛି । ହୁଏତ ଅମଳ ହେବ — ଆଉ ବିଳମ୍ବ କରିବା ଉଚିତ ହେବ ନାହିଁ ଭାବି ରତିକାନ୍ତ ବାବୁ ପାଚେରୀ ଡେଇଁ ଭିତରେ ପ୍ରବେଶ କଲେ । ଗୋପନ ଭାବରେ ସେ ବାଡ଼ି ପାଖର ବଗିଚା ଭିତରେ ବୁଲିବାକୁ ଲାଗିଲେ — କୌଣସି ଲୋକର ସନ୍ଧାନ ପାଇ ପାରିଲେ ନାହିଁ । ତା ପରେ ଆସ୍ତେ ଆସ୍ତେ ସେ କୋଠା ଆଡ଼କୁ ଅଗ୍ରସର ହେଲେ । କୋଠାର ଚତୁର୍ଦ୍ଦିଗ ଦେଖିଲେ, କିନ୍ତୁ କୌଣସି ସନ୍ଧାନ ମିଳିଲା ନାହିଁ । ନୀରବ ନିସ୍ତବ୍ଧ ପୁରୀ ତାଙ୍କୁ ଗୁରୁଆଡ଼ ଜଣାଗଲା । ମନେ ମନେ ରତିକାନ୍ତ ବାବୁ ନିଜକୁ ଧିକ୍କାରିବାକୁ ଲାଗିଲେ — ଭାବିଲେ ତେବେ କଣ ଉଷାର ଏଠାକୁ ଆସି ନାହିଁ ? ଚନ୍ଦ୍ରମୋହନର ଅବାଧ ହୋଇ ଉଷାର କଣ ନିଜ ଜୀବନକୁ ବିପଦ ମୁହଁକୁ ଠେଲି ଦେଇଛି । କୋଠାର ବାରଣ୍ଡା ଉପରକୁ ସେ ନିଃସଙ୍କୋଚରେ ଉଠି ବୁଲିବାକୁ ସ୍ଥିର କଲେ ।

ଭାରଣ୍ଡାରେ ବୁଲୁ ବୁଲୁ ସେ ଦେଖିଲେ ଗୋଟିଏ ଛୋଟ କୋଠରୀରୁ ଗୋଟିଏ ଲଣ୍ଠନର ମିଞ୍ଜି ମିଞ୍ଜି ଆଲୋକ ଦିଶୁଛି । ରତିକାନ୍ତ ବାବୁଙ୍କର କୌତୁହଳ ବଢ଼ିଲା, ସେ ଆଗ୍ରହୀ ହୋଇ ସେ କୋଠରୀର ଝରକା ପାଖରେ ଖୁବ ସତର୍କରେ ଠିଆ ହୋଇ ରହିଲେ ।

ଅନୁଚ୍ଚ କଣ୍ଠରେ ସେ କେବଳ ଶୁଣିବାକୁ ପାଇଲେ—ବୁଝିଲେ ତୁଷାର ବାବୁ ପର ଦରଣ, ପର ନଅଣ—ସେଥିରେ ଆମର କ'ଣ ଅଛି ? ତେବେ ଆପଣ ଯେଉଁ ପ୍ରଶ୍ନ ପଚାରୁଛନ୍ତି ଚନ୍ଦ୍ରମୋହନ ବାବୁଙ୍କ ନିର୍ଦ୍ଦେଶ ମତେ ମୁଁ କାଗଜଟା ଦେଇଦେବି ।

ତା ମୁଁ ମାନୁଛି । ହେଲେ ସେ କାଗଜ ମୋ ପାଖରେ ନାହିଁ । ଚନ୍ଦ୍ରମୋହନ ବାବୁ ବୋଧହୁଏ ଭୁଲ ବୁଝିଛନ୍ତି ।

ତୁଷାର ଟିକେ ବିରକ୍ତ କଣ୍ଠରେ କହି ଉଠିଲା । ବୁଝିଲେ ସନ୍ତୋଷ ବାବୁ, ନିଆଁ ସହିତ ଖେଳିବାକୁ କାହିଁକି ଏ ଆଗ୍ରହ । କରୁଛନ୍ତି ? ଚନ୍ଦ୍ରମୋହନ ଯେପରି ଲୋକ ତାକୁ ଦୁନିଆର କୌଣସି ଜିନିଷ ଅଛପା ରହେନି, ଆଜି ମୋ କଥା······ଧାଈ ଆଗରେ ପେଟ ଲୁଚାଇବା ଯାହା ମୋ ଆଗରେ ଆପଣଙ୍କର ଏ ସାଧୁତା ସେଇଆ ।

"ଚନ୍ଦ୍ରମୋହନ ବାବୁ ଯେପରି ଆପଣଙ୍କର ଖାମିଦ ରମଣୀ ବାବୁ ସେପରି ମୋର ମାଲିକ । ଆପଣ ଯେପରି ନିମକ ହାରାମ ହେବାକୁ ଇଚ୍ଛା କରୁ ନାହାନ୍ତି—ଏଠାରେ ମୋର ନିମକ ସଚ୍ଚା ହେବାଟା କ'ଣ ଅନ୍ୟାୟ ହେବ ? ତା ପରେ ମୁଁ ରମଣୀ ବାବୁଙ୍କ ତରଫରୁ ଯଦି ପ୍ରଶ୍ନ କରେ ଯେ ଚନ୍ଦ୍ରମୋହନ ବାବୁ ଜଣେ ଲୁଣ ବ୍ୟବସାୟୀ—ରମଣୀ ବାବୁଙ୍କ ସହିତ. ତାଙ୍କର ସମ୍ପର୍କ କଣ ? ସେ ରମଣୀ ବାବୁଙ୍କ ଉଇଲ ନେଇ ବା କ'ଣ କରିବେ ? ଅନ୍ତତଃ ତୁମ ଆମ ଦୁହିଁଙ୍କ ଭିତରେ ଏ ବିଷୟରେ ଟିକେ ବୁଝିବା ଉଚିତ ନୁହେଁ କି ?

"ସମ୍ପର୍କ, ସଂଯୋଗ ! ଏ ସଙ୍ଗେ ମୋର ସମ୍ବନ୍ଧ ଅଳ୍ପ—କାହିଁକି ସେ ଉଇଲ ମାଗିଛନ୍ତି ସେ ବିଷୟରେ ମୁଁ ସମ୍ପୂର୍ଣ୍ଣ ଅନଭିଜ୍ଞ । ତେବେ ରମଣୀ ବାବୁ ଓ ଚନ୍ଦ୍ରମୋହନ ବାବୁ ଦୁହେଁ ଦୁଇଜଣ ବ୍ୟବସାୟୀ ହିସାବରେ ଧନ କେତେଟା ହେବ ବ୍ୟବସାୟ କରିଛନ୍ତି । ସେମାନଙ୍କର ଭିତର ସମ୍ପର୍କ କିଛି ଥାଇପାରେ, ସେ ଉଇଲରେ କ'ଣ ଥିବ ତା ତ ଆପଣଙ୍କୁ ଅନ୍ତତଃ ଜଣାଥିବ···"

ମୁଁ ସେ ଉଇଲ ପଢ଼ି ନାହିଁ । ତେବେ ଯେତିକି ଜାଣେ ଅଶୋକ ନାଁରେ ସେ ସମସ୍ତ ସମ୍ପତ୍ତି ଉଇଲ ନକରି ନିଜର ଦ୍ୱିତୀୟା ସ୍ତ୍ରୀ ନାମରେ ଉଇଲ କରି ଦେଇଛନ୍ତି ।

ଅଶୋକ ନାମରେ ଉଇଲ କରି ନଦେବାର ମତଲବ ?

"ମତଲବ କ'ଣ ଅଶୋକର ମା'ର ମୃତ୍ୟୁ ପରେ ରମଣୀ ବାବୁଙ୍କୁ ଅବଶ୍ୟ ଟିକେ ବୟସ ହୋଇ ଯାଇଥିଲା । କିନ୍ତୁ ଏ ସମ୍ପତ୍ତି ଛଡ଼ି ନେବାକୁ ସେ ଯେତେବେଳେ ଦ୍ୱିତୀୟବାର ପାଣିଗ୍ରହଣ କରିବାର ଇଚ୍ଛା କରନ୍ତି ସେତେବେଳେ ଅଶୋକର ଭବିଷ୍ୟତ ନେଇ ତାର ମାମୁଁ ଓ ରମଣୀ ବାବୁଙ୍କ ଭିତରେ ତୁମୁଳ ଅଶାନ୍ତିର ଝଡ଼ ଉଠେ—ରମଣୀ ବାବୁ ଶେଷରେ ତାଙ୍କର ବିବାହରେ ପ୍ରତିବନ୍ଧକ ହେଉଥିବା ପକ୍ଷମାନଙ୍କ ଉପରେ ରାଗି ଉଠି ସମସ୍ତ ସମ୍ପତ୍ତିର ସତ୍ତ୍ୱ ସୁନନ୍ଦା ଦେବୀଙ୍କ ନାମରେ ଉଇଲ କରି ଦେଇଥିବେ ବୋଲି ମୋର ଧାରଣା ।

କିନ୍ତୁ ସତୀଶ ବାବୁ, ଆଜିକାଲି ଅଶୋକ ତ ତାର ବାପାଙ୍କ ପାଖରେ ଅଛି, ଆଜି ମା'ର ମୃତ୍ୟୁରେ ସେ ବିଶେଷ ମର୍ମାହତ ।

"ତାହା ତ ସ୍ୱାଭାବିକ ହେବାର କଥା । ଅଶୋକ ଭଲ ପିଲାର କିଛି ଦୋଷ ନାହିଁ; ସେ ଜାଣେ ଯେ ଏ ବିଶାଳ ସମ୍ପତ୍ତିରେ ତାର ହକ ଅଛି ଏବଂ ଧନେ ନା ଧନେ ସେ ମଧ୍ୟ ଏ ସମ୍ପତ୍ତିର

ମାଲକ୍କାଙ୍କ ଉତ୍ତରଟି ଶୁଣି କେବଳ ମାଁ ମାନଙ୍କୁ ସ୍ୱାଭାବିକ ଭାବରେ ପଚାରିଲେ, “ଅଶୋକ କାହିଁ ଏ ଗାଁକୁ ଆସି ନାହାନ୍ତି ?” “କଟକରେ ପଢୁଥିଲା ସିଏ, ମିଳିଗଲା ପରେ ଆସେ ନାହିଁ ଓଡ଼ିଶା ଗୁଜୁରାଟ ।”

“ସେ ଉଇଲଟାରେ ଯାହା ବଡ଼ ... ଆପଣଙ୍କୁ ସେଠା ଦେବାକୁ କହିଛନ୍ତି ।”

ହସୁ ହସୁ ସନ୍ତୋଷ ବାବୁ କହି ଉଠିଲେ, “ଦେଖନ୍ତୁ ତ ଆପଣ ବଡ଼ ଧୂର୍ତ୍ତ ଅଛନ୍ତି — କଥାବାର୍ତ୍ତା ଭିତରେ ମୁଁ ଭାବିଥିଲି ଆପଣ ବୋଧହୁଏ ଲକ୍ଷ୍ୟ ଭୁଲି ସାରିଲେଣି ବୋଲି ? କିନ୍ତୁ ଲକ୍ଷ୍ୟ ତ ଠିକ୍ ରଖିଛନ୍ତି ।

ହଁ, ଲକ୍ଷ୍ୟ ଠିକ୍ ନ ରଖିବାର ହୋଇଥିଲେ ମୁଁ ଏତେ ପରିଶ୍ରମ କରି ଏଠାକୁ କାହିଁକି ଆସିଥାନ୍ତି ।

ମୁଁ ଯଦି ଉଇଲଟା ଆପଣଙ୍କୁ ନଦିଏ ?

“ନ ଦେବାର କାରଣ ସେପରି କିଛି ନାହିଁ । ବନ୍ଧୁ ହିସାବରେ ମୁଁ ମାଗୁଛି, ସେଥିରେ ତ କେବଳ ଅଶୋକଙ୍କୁ ତ୍ୟାଜ୍ୟ ପୁତ୍ର କରିବାର ଲେଖା ଅଛି — ତେଣୁ ସେଇଟା ପ୍ରତି ଆପଣଙ୍କର ଏତେ ମାୟା ଆସିବାର କାରଣ ନାହିଁ । ତା'ପରେ ବର୍ତ୍ତମାନ ତ ସୁନନ୍ଦା ଦେବୀ ଆଉ ଜୀବିତ ନାହାନ୍ତି ।

“ମୋର ମାୟା ମମତାର ପ୍ରଶ୍ନ ତ ଅଲଗା ପ୍ରଶ୍ନ ଯେ କିନ୍ତୁ ମୁଁ ଭାବୁଛି ଚନ୍ଦ୍ରମୋହନ ବାବୁ ଏ ବଂଶର ନିଏ ଟ୍ରଷ୍ଟି ହୋଇ ତାଙ୍କର ଏ ଉଇଲ ପ୍ରତି କାହିଁକି ବା ମାୟା ମମତା ? ମୋତେ ଏତେଟା ନବୋଧ ବୋଲି ଆପଣ ଭାବନ୍ତୁ ନାହିଁ — ଆପଣ କଏ ? ଆପଣଙ୍କର ବ୍ୟବସାୟ ... ଜଣାଅଛି — ତେଣୁ ଏହି ବିଷୟରେ ବିଶେଷ ଆଗ୍ରହ ଦେଖାଇଲେ ଭଲ ...

ପାଣିବେ ମାଙ୍କ ଅନ୍ଧକାର ଏ ନିରଙ୍କାର କୋଠରୀ ମଧ୍ୟରେ ଅନ୍ଧାର ଖୋଲିକୁ ଭିଜିଲି କୁରଣ୍ଡି ଯିବେ । ସଙ୍ଗରେ 'ଗଜିଗଠ ଭୂଷାରି କିବ ଉଠିଲ—ମୋତେ ଏତେଟା ନିର୍ବୋଧ ବୋଲି ବିଶ୍ୱାସ କରୁଛ ମଧ୍ୟ ପ୍ରସ୍ତୁତ ହୋଇ ଆସିଛୁ କହ ପକେଟରୁ ଅଟୋମେଟିକ ରିଭଲବର ଟିକି କାଢ଼ି ସିଙ୍ଗଶର୍ମା ବାବୁଙ୍କ ଆଡ଼କୁ ଲକ୍ଷ କରି ହସି ଉଠିଲ—କ ଶବରେ ସେ ହସ! ହସ୍ ହସି ସେ କହିଲ—ତୁମେଣି ବାବୁ କେତେ ଦିନ ଧରି ଏହି ପୁଞ୍ଜି ଦେଇ ଏ ହୋଟେଲ ଖେଳି ବସିବେ ? ନିଜର ରକ୍ତସମ୍ପର୍କକୁ ଦୂରରେ ରଖି ଭୁମଣ୍ଡଳ କୁକୁରଙ୍କ ବାନ୍ଧି ଘୁରୁଥିଲେ ଆସ୍ତୁ ନେବେ ? ଚୁପ୍ କର ରଭଲଠ। ମୋ ହାତକୁ ବଢ଼ାଇ ଦେଖନ୍ତୁ—ନିଅନ୍ତି ତୁମେ ରିଭଲଭର ତାରୁ ଉଠିଲେ ପୁରସ୍କାର ହେବ—ମିଶିଛି ଜୀବନ ସହିତ ଏ ମୋର ପ୍ରିୟ ବନ୍ଧୁଙ୍କ ବେଶ୍ରୁତ ଥର ହୋଇ ଖେଳନ୍ତୁ—ମୋର ଏ ଜୀବନ ସାଥୀ କବ୍ ରଭଲଭର ଉପରେ ଗୋଟିଏ ସସ୍ନେହ ଚୁମ୍ବନ ଆଙ୍କି ଦେଲେ—ହଠାତ୍ ଝମ୍ପ ମାରି ଭିତରୁ ଶ୍ରୀକାନ୍ତ ବାବୁ ମିଶ୍ରଙ୍କର ପିସ୍ତଲ କାଢ଼ି ଧରିଲେ—

ଛୋଟିଆ ପ୍ରକୋଷ୍ଠ ଭିତରେ ଦୁଇଟି ପ୍ରାଣୀଙ୍କ ଭିତରେ ଏ ସଂଘର୍ଷ ଦେଖି ରଭକାନ୍ତବାବୁ ବ୍ୟସ୍ତ ହୋଇ ଉଠୁଥାନ୍ତି—କିନ୍ତୁ ସେ ନିରୁପାୟ......

ପୂର୍ବର ଦୁଇ ବନ୍ଧୁ—ରଶ୍ମାନାଥ ଶନ୍ ସାଙ୍ଗ ଶ୍ରୀକାନ୍ତ ଭୂଷଣଙ୍କୁ ପ୍ରତ୍ୟକ୍ଷ ସଂଗ୍ରାମ କରିବାପାଇଁ ଆଟୋମେ ଆସିବା ପୂର୍ବରୁ ଗଡ଼ନ୍ତ ଝଣଙ୍କା ଶୁଣି ହଠାତ୍ ଝୋଳି ଗଲ ବାହାରେ ଭିତରେ ଆଘାତରେ । ଘର ଭିତରେ ଜଳୁଥିବା ଲଣ୍ଠନଟି ମଧ୍ୟ ଲିଭିଗଲା ଗୋଟାଏ ଭୀଷ୍ମ ଶବ୍ଦ ସହିତ ଶ୍ରୀ ଆସିଲ—"ଦୁଇ ବଚ୍ଚଜ ବସି କାହାଁକ କାଳ କିଛୁ ? ଜଭିଲ ... ତା ସଙ୍ଗ—ବାବୁ

ଜାଣେନା—ଉଇଲ ବର୍ତ୍ତମାନ ଏ କୋଠା ଗୁଡ଼ ଖୋଳଯାଇଛି— ଉଇଲ ପଛରେ ଦୌଡ଼ିଲେ ତୁମ ଦୁହିଁଙ୍କର କେବଳ ପରିଶ୍ରମ ସାର ହେବ, କିନ୍ତୁ ସନ୍ଧାନ ପାଇପାରିବ ନାହିଁ ।" ତା ଅପେକ୍ଷା ଯଦି ଶକ୍ତି ଅଛି ତୁମ ପଛରେ ଥିବା ଗୋଇନ୍ଦା ପ୍ରବର କନ୍ଦର୍ପଙ୍କ ସାକ୍ଷାତ୍ କର । ଏବେ ବହୁତ ସମସ୍ୟାଧର ମଶା ଡାଁଶଙ୍କ ଦୌରାତ୍ମ୍ୟରେ ବହୁତ କଷ୍ଟ ପାଉଛନ୍ତି, କହି ଗୋଟାଏ ତୀକ୍ଷ୍ଣ ନୀଳ ଆଲୋକ ଜାଳେଇ ଛାୟା ମୂର୍ତ୍ତିଟି ଅଦୃଶ୍ୟ ହୋଇଗଲା—ଅଦୃଶ୍ୟ ହେବା ପୂର୍ବରୁ କେବଳ କହିଗଲା, ମୁଁ ଦେବୀ—ନାରୀ ହେଲେ ସୁଦ୍ଧା ମୁଁ ଦୂରଦର୍ଶୀ—ଦୁହେଁ ମନେରଖ ସୁନନ୍ଦା ଦେବୀଙ୍କର ମୃତ୍ୟୁର କାରଣ……

ରଞ୍ଜକାନ୍ତ ବାବୁ ଏ ଅହେତୁକ ବ୍ୟାପାରରେ ଯେତିକି ଲଜ୍ଜିତ ହେଲେ ତାଠାରୁ ବରଂ ବେଶୀ ଆତଙ୍କିତ ହୋଇ ଉଠିଲେ । ତାଙ୍କର ପ୍ରିୟ ପ୍ରାଣ ପ୍ରତି କପଟ ତାଙ୍କର ମାୟା ମମତା ଜାଗି ଉଠିଲା—

ସେ କୋଠା ଗୁଡ଼ିବା ପୂର୍ବରୁ ଶୁଣିଲେ ଦୁଇଟା ଶଭଲଭର ଭୂଇଁରେ ଖଡ଼୍‌ଖଡ଼ ଶବ୍ଦ ହୋଇ ଖସିପଡ଼ିଲା ।

କଳିଙ୍ଗ ଲବଣ କାରଖାନାର ଅନ୍ଧକାରମୟ କୋଠରୀଟି ମଧ୍ୟରେ ଯେଉଁ ଶ୍ରେଷ୍ଠ ଆଲୋଚନା ଚଳନ୍ତି ସୃଷ୍ଟି ହୋଇଥାଏ ସେଥିରେ ସମସ୍ତେ ଚମତ୍କୃତ ଓ ଆତଙ୍କିତ ଥିଲାପରି ଜଣାପଡୁଥାନ୍ତି— ହଠାତ୍ ନୀରବତାକୁ ଭଙ୍ଗ କରି ଲବଣ ଶିଳ୍ପ କମ୍ପାନୀର ମାଲିକ କହି ଉଠିଲେ, ବଡ଼ ଆଶ୍ଚର୍ଯ୍ୟ ତ ଲାଗିଲା ତୁମ କଥା ଶୁଣି ତୁଷାର ବାବୁ—ବେଶୀ ଯେ କିପରି ଏତେ ଖବର ରଖୁଛି ତା ଦେଖି ମୁଁ

ଚକିତ ହୋଇ ପଡୁଛି । ରତିକାନ୍ତ ଭଳି ସୁଦକ୍ଷ ଗୋଇନ୍ଦା ଅଫିସର, ତୁମଭଳି ଚତୁର ସାହାସୀ କର୍ମୀ, ଆଜି ସଙ୍ଗିଶପଣ ପ୍ରଭୁଭକ୍ତ ଶ୍ୱାନ ଆଖିରେ ଧୂଳି ଦେଇ ସେ କିପରି ଏ କାଣ୍ଡ କରି ବସିଲା ? ଭାବିଲେ ଯେତିକି ଆଶ୍ଚର୍ଯ୍ୟ ଲାଗେ ବରଂ ବେଶୀ ତାର ଏ ସାହାସ ପାଇଁ ଧନ୍ୟବାଦ ଦେବାକୁ ଇଚ୍ଛା ହୁଏ । ତୁମ୍ଭେ କହିପାରିବ ତୁମର ବାଲେଶ୍ୱର ଗସ୍ତ ଭିତରେ . ତୁ- ବେବୀ ସନ୍ଧାନ କରି ସେଠାରେ ପାଇଥିଲ ?

ବାଲେଶ୍ୱର ରହଣି ଭିତରେ ଖିଲିପାନ ଦୋକାନୀଠାରୁ ଆରମ୍ଭ କରି ହୋଟେଲ ମାଲିକ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ତା'ର ଉଚ୍ଛ୍ୱସିତ ପ୍ରଶଂସା ଶୁଣିବାକୁ ପାଇଛି । ତାର ରୂପ ଦର୍ଶନ କରିବାକୁ ବହୁତ ଚେଷ୍ଟା କରି ବିଫଳ ହୋଇଛି ।

କଣ୍ଠରେ ଗମ୍ଭୀରତା ଆଣି ଚନ୍ଦ୍ରମୋହନ ବାବୁ କହିଲେ, ସୁଷମା କହୁଥିଲା ଯେ ତୁମ ସହିତ ତାର ବାଲେଶ୍ୱରରୁ ପରିଚୟ ହୋଇଛି । ବାଲେଶ୍ୱରଠାରେ ତାର ଜରିଆରେ ବେବୀର ସନ୍ଧାନ ନେଇ ପାରିଲ ନାହିଁ ?

"ଜାଣିବାକୁ ଚେଷ୍ଟା କରିଥାନ୍ତି ସାର, କିନ୍ତୁ ଆପଣଙ୍କ ଟେଲିଗ୍ରାମ ସେ ଚେଷ୍ଟା କରିବାପାଇଁ ମୋତେ ସୁଯୋଗ ଦେଲା-ନାହିଁ, ମୁଁ ଚାଲି ଆସିଲି, ତେବେ ବର୍ତ୍ତମାନ ଯେପରି ଅବସ୍ଥା ଆସି ପହଞ୍ଚିଲାଣି ସେଥିରେ ତାର ସନ୍ଧାନ ନେବା ଆମର କର୍ତ୍ତବ୍ୟର ପ୍ରଥମ ସୋପାନ ହେବା ଉଚିତ ।"

"ପ୍ରଥମ ସୋପାନ ହେବା ଉଚିତ ତ, କିନ୍ତୁ ହେଉଛି କାହିଁ ? ତୁମେ ତ ସନ୍ଧ୍ୟା ପୂର୍ବରୁ ସୁଷମା···ହଁ, ଅବିନାଶ ଆସିଲେ ମୋତେ ସମ୍ବାଦ ଦେବ" କହି ଚନ୍ଦ୍ରମୋହନ ଅଦୃଶ୍ୟ ହେଲେ —

ସଂଧ୍ୟା ବେଳ । ଚ୍ଚ ଟେବୁଲ ପାଖରେ ଗୋଇନ୍ଦା ଶ୍ରୀକାନ୍ତ ବାବୁ ବଡ଼ ଚିନ୍ତାକୁଳ ହୋଇ ବସିଥାନ୍ତି । ଗରମ ଚ୍ଚ'ରୁ ବାଷ୍ପକୁଣ୍ଡଳୀ ଉଠୁଥାଏ, ସେ ଆଡ଼କୁ ତାଙ୍କର ଲକ୍ଷ୍ୟ ନଥାଏ । ସମ୍ମୁଖସ୍ଥ ପ୍ରାସାଦରୁ କୌଣସି ଗୋଟିଏ ଅପରିଚିତା କଣ୍ଠରୁ ଶାସ୍ତ୍ରୀୟ ସଙ୍ଗୀତର ଧ୍ୱନି ଲହରି ଭାସି ଆସୁଥାଏ । ଗତାୟୁ ସୂର୍ଯ୍ୟଙ୍କର ଶେଷ କିରଣରୁ ଝଲକାଏ ଆସି ଘର ସାରା ବିସ୍ତୃତ ହୋଇ ପଡ଼ିଥାଏ । ଏସବୁ ପରିସ୍ଥିତି କୌଣସିଟି ହେଲେ ଶ୍ରୀକାନ୍ତ ବାବୁଙ୍କ ପ୍ରାଣରେ ଝଙ୍କାର ତୋଳୁ ନଥିଲା । ସେ ଖାଲି ଭାବୁଥିଲେ, ରତିକାନ୍ତ — ତାଙ୍କର ପ୍ରିୟ ରତି କଥା । ରତିକାନ୍ତ ଗଲା ଯେ ଏ ପର୍ଯ୍ୟନ୍ତ ଫେରିଲା ନାହିଁ । ଫେରିବାର ଯଦି ଅସୁବିଧା ହେଲା ଖବର ବି ଦେଲାନାହିଁ । ସେ ରତିକାନ୍ତ ବିଷୟରେ ଭାବିବେ କି କେଶ୍ ବିଷୟରେ ମୁଣ୍ଡ ଖେଳାଇବେ ? ରତିକାନ୍ତ ଯେ ଜଣେ ଦାୟିତ୍ୱ ସଂପନ୍ନ ଅଫିସର ହୋଇ ଏତେ ଦାୟିତ୍ୱହୀନତାର ପରିଚୟ ଦେବ ତା ସେ କଳ୍ପନା କରି ନଥିଲେ । ରତିକାନ୍ତ ଉପରେ ବିରକ୍ତ ହୋଇ ଉଠୁଥିଲେ ମଧ୍ୟ ତାର ଅସୁବିଧା କିମ୍ବା କୌଣସି ଦୁର୍ଯୋଗ ପରିସ୍ଥିତି ନେଇ ପ୍ରାଣ ତାଙ୍କର ଆକୁଳିତ ହୋଇ ଉଠୁଥିଲା—ଚ୍ଚ କପ୍‌ଟି ଟେବୁଲ ଉପରୁ ନେଇ ସେ କପ୍‌ରେ ଚୁମୁକ ଦେବାକୁ ଆରମ୍ଭ କରୁଛନ୍ତି । ଏଇ ସମୟରେ ହଠାତ୍ ଝଡ଼ଭଳି ଭିତରକୁ ରତିକାନ୍ତ ବାବୁ ପଶି ଆସିଲେ—

"ଦୀର୍ଘାୟୁ ହୁଅ" କହି ଶ୍ରୀକାନ୍ତ ବାବୁଙ୍କ ମୁହଁରୁ ଝଲକାଏ ହସ ଉଚ୍ଛୁଳି ପଡ଼ିଲା । ଏ ହସରେ ରାଗ ନାହିଁ, ଅଭିମାନ ନାହିଁ, ଅଛି ଅନ୍ତର ନିଗିଡ଼ା ଗୋଟାଏ ମମତାର ହସ । ରତିକାନ୍ତ ବାବୁଙ୍କ

ମୁହଁକୁ ଚାହିଁ ଶ୍ରୀକାନ୍ତ ବାବୁ କହିଉଠିଲେ— କରେ ଭୁତ ଶିବଙ୍କ ଭଳି ଦିଶୁଛ ? କ'ଣ ତାଣ୍ଡବ ଲୀଳା କେଉଁଠି କରିଆସିଛ କି ?

ବଡ଼ କ୍ଳାନ୍ତ ହୋଇ ପଡ଼ିଥିଲା ରତିକାନ୍ତ । ନିଜର ଦେହଟାକୁ ସିମେଣ୍ଟ ଭୂଇଁରେ ଚଗ୍ଭିଇ ଦେଇ କହିଲା, ସାର ଶିବଙ୍କୁ ଦୁଧ ପରିବର୍ତ୍ତେ ଦୁଇ କପ୍ ଗରମ ଚା ଦେଇ ସନ୍ତୁଷ୍ଟ କରନ୍ତୁ । ଇଂଜିନ ବର୍ତ୍ତମାନ ଅଚଳ, ଅନ୍ତତଃ କୋଇଲା କେତେ ଖଣ୍ଡ ଆଉ କିଛି ପାଣି ପଡ଼ିଲେ ଇଂଜିନ ଅନର୍ଗଳ ଗର୍ଜ୍ଜି ଉଠିବ ତାର କୃତ କାର୍ଯ୍ୟ ବିଷୟରେ—

ଶ୍ରୀକାନ୍ତ ବାବୁ ବ୍ୟସ୍ତ ହୋଇ ଉଠିଲେ । ଟିଫିନ୍ କେରିଅରରୁ କିଛି ଜଳଖିଆ ଦେଇ ସେ ଇଲେକ୍‌ଟ୍ରିକ୍ ହିଟ୍‌ରରେ ଚା ବସେଇଲେ—

ଗତ ରାତିରୁ ନନ୍ଦଗ୍ରାମ ଛାଡ଼ି ନିଜ ଜୀବନକୁ ନିରାପଦରେ ରଖିବାପାଇଁ ସେ ଏକ ନିଶ୍ୱାସରେ ଚାଲି ଆସିଛି । ସକାଳୁ ଏପର୍ଯ୍ୟନ୍ତ ସୁଦ୍ଧା ତା ପେଟରେ ପାଣି ମୁନ୍ଦେ ପଡ଼ିନାହିଁ—

ଚା ପ୍ରସ୍ତୁତ କରି ସାରି ସେ ଆଣି ରତିକାନ୍ତକୁ ଦେଲେ । ସେ ଚା ଓ ଜଳଖିଆ ଖାଇସାରି ଆଶ୍ୱସ୍ତ ହେଲା । ନୀରସ ଜୀବନରେ ଟିକେ ସରସତା ଆଣିବା ପାଇଁ କହିଲା । ସାର୍ ଗୁରୁପତ୍ନୀଙ୍କ ହାତରୁ ଚା କପେ ପାଇବାର ଗୌରବ କ'ଣ ଏ ଅଧମ ଶିଷ୍ୟ ଭାଗ୍ୟରେ ଜୁଟିବ ନାହିଁ ।

ହସି ହସି ଶ୍ରୀକାନ୍ତ ବାବୁ କହିଲେ, ଏତେ ଦୁଃଖରେ ସୁଦ୍ଧା ତୋ ଭିତରେ ଅମୃତର ଝରଣା ଦେଖି ମୁଁ ବିସ୍ମିତ ନ ହୋଇ ରହି ପାରୁନି ।

ଏଇ ସମୟରେ ପୁରୀ ରାଜପଥ ଉପରୁ ଶ୍ରୀ ୪୨୦ ଶବ୍ଦର ରେକର୍ଡ଼ ଇଥରରେ ଭାସି ଆସି ପହଞ୍ଚିଲା······ଦିଲ୍‌କା ହାଲ୍ ସୁନୋ ଦିଲ୍‌ବାଲା······

ଶ୍ରୀକାନ୍ତ ବାବୁ ପ୍ରସ୍ତାବ କଲେ ଟିକେ ଲଘୁ ସ୍ଫୁର୍ତ୍ତି ପାଇଁ ଶ୍ରୀକୃଷ୍ଣ ସିନେମାରେ ବସି ଆସିବା ପାଇଁ ।

ପ୍ରସ୍ତାବକୁ ସମର୍ଥନ କରି ସଙ୍ଗେ ସଙ୍ଗେ ରତିକାନ୍ତ ବାବୁ ପ୍ରସ୍ତୁତ ହେବା ପାଇଁ ଭିତରକୁ ଚାଲିଗଲେ—

× × ×

ସିନେମାର ଇଣ୍ଟରଭାଲରେ ବାହାରକୁ ଚାଲି ଆସିଲେ ଶ୍ରୀକାନ୍ତ ଓ ରତିକାନ୍ତ ବାବୁ ବାହାରେ ସେମାନେ ପଦଚାରଣ କରୁ କରୁ ହଠାତ୍ ଶ୍ରୀକାନ୍ତ ବାବୁ ଚମକି ଉଠି ରତିକାନ୍ତ କାନରେ କ'ଣ କହିବାର ଉପକ୍ରମ କଲେ—

ରତିକାନ୍ତ କିଛି ସମୟ ନିରୀକ୍ଷଣ କରି କହି ଉଠିଲା, "ହଁ ସାର୍, ଅବିନାଶ ବାବୁ ସେଇ ଜଣକ ।" ଜନ ଗହଳିଠାରୁ ଟିକେ ଦୂରକୁ ଯାଇ ଶ୍ରୀକାନ୍ତ ବାବୁ ପଚାରିଲେ—କହି ପାରିବୁ ରତି ! ଏ ଲୋକଟା କାହାକୁ ଖୋଜିଲାପରି ଜଣାପଡ଼ୁ ନାହିଁ ? ମୋର କାହିଁକି ଏ ଲୋକର ଚାଲିଚଳନ ଉପରେ ସଂଦେହ ହେଉଛି । ତୁ ତ ବଡ଼ କ୍ଳାନ୍ତ ହୋଇ ପଡ଼ିଛୁ । ତୁ ଟିକେ ମନକୁ ଲଘୁ କରିବା ପାଇଁ ଏ ସୋ ଟା ଦେଖି ନେ । ମୁଁ ଏ ଲୋକର ଅନୁସରଣ କରେ । ଯଦି କିଛି ଅନୁସଂଧାନ ମିଳି ପାରିଲା ତ ଭଲ କଥା ।"

ହସି ହସି ରତିକାନ୍ତ କହିଲେ—"ସାର୍, ଜଗତରେ ମଣିଷ ଚେଷ୍ଟା କରେ । ଫଳ ଦେବ ହାତରେ ।"

"ଆଚ୍ଛା ମୁଁ ଯାଉଛି । ତୁ ଚୁପଚାପ ରହିନେ କହି, ଶ୍ରୀକାନ୍ତ ବାବୁ ରତିକାନ୍ତଠାରୁ ଦୂରେଇ ଗଲେ । ସିନେମାର ଇଣ୍ଟରଭାଲର ବେଲ୍ ବାଜି ଉଠିଲା । ସମସ୍ତଙ୍କ ସଙ୍ଗରେ ରତିକାନ୍ତ ବାବୁ ମଧ୍ୟ ହଲ ଭିତରେ ପଶିଲେ । ଶ୍ରୀ ୪୨୦ର ପରଦାରେ ରାଜ କପୁରର ଆକ୍ଟିଂ ଦେଖି ରତିକାନ୍ତ ବାବୁ ମନେ ମନେ କହି ଉଠିଲେ—ଏଇ ତ ଜୀବନ—ଏଥିପାଇଁ ଏତେ କଷ୍ଟ ! ! ...

ଶ୍ରୀକାନ୍ତ ବାବୁ ଏ ଭିତରେ ଖଣ୍ଡିଏ ଟେକ୍‌ସିର ବନ୍ଦୋବସ୍ତ କରି ନେଇଥାନ୍ତି । ଇଣ୍ଟରଭ୍ୟୁ ପରେ ନିରାଶ ହୋଇ ଅବିନାଶ ବାବୁ ବାଧ ହୋଇ ଡ୍ରାଇଭରକୁ କହିଲେ—ଗାଡ଼ି ଷ୍ଟାର୍ଟ କରିବାକୁ ।

କିଛି ସମୟ ପରେ ଅବିନାଶର ଗାଡ଼ି ପଛେ ପଛେ ଶ୍ରୀକାନ୍ତ ବାବୁଙ୍କ ଟ୍ୟାକ୍‌ସି ଗଡ଼ି ଚାଲିଲା । ଗାଡ଼ିଟି ଯାଇଁ କଳିଙ୍ଗ ଲବଣ ଶିଳ୍ପ ପାଖଠାରୁ କିଛି ଦୂରରେ ଅଟକି ଗଲା । ଅବିନାଶ ବାବୁ ସେଠାରୁ ଚାଲି କରି ଗଲେ । ଶ୍ରୀକାନ୍ତ ବାବୁ କିଛି ସମୟ ଅପେକ୍ଷା କରି ଟ୍ୟାକ୍‌ସିକୁ ବିଦା କରି ପ୍ରାୟ ଅନ୍ଧକାରରେ ଅବିନାଶ ବାବୁଙ୍କର ଅନୁସରଣ କଲେ । ଯିବା ପଥରେ ଗାଡ଼ି ଭିତରେ ଡ୍ରାଇଭର ସ୍ଥାନରେ ଯାହାକୁ ଦେଖିଲେ ତାକୁ ଦେଖି ଚମକି ଉଠିଲେ । ସେ ପରିଷ୍କାର ମନେ କରି ପାରିଲେ ରାସ୍ତାରେ ଏଇ ଲୋକ ଡ଼ିଆସିଲା ଝୋଳ ଭିତରେ ବେକାର ଚିଠି ତାଙ୍କ ହାତକୁ ବଢ଼ାଇ ଦେଇଥିଲା । ପରିସ୍ଥିତି ତାଙ୍କୁ କପରି ସନ୍ଦେହ ଜନକ ଜଣାଗଲା । ସେ ଅଗ୍ରସର ହେଲେ—ବଡ଼ ସନ୍ତର୍ପଣରେ ସେ ଲବଣ ଶିଳ୍ପର କୋଠା ପାଖରେ ପହଞ୍ଚିଲେ । କୋଠାର ତଳ ମହଲାର ଗୋଟିଏ କୋଠରିରୁ ବାହାରିଲା ଅଳ୍ପ ନୀଳ ବିଦ୍ୟୁତାଲୋକ ବିଚ୍ଛୁରିତ ହୋଇ ପଡ଼ିଥାଏ ବାରଣ୍ଡାରେ—ଶ୍ରୀକାନ୍ତ ବାବୁ ନିଜର ଆତ୍ମଗୋପନର ଉପାୟ ସ୍ଥିର କଲେ । ତା ପରେ ସେ ଦେଖିଲେ ସେ ଘରେ କେବଳ ଦୁଇଜଣ ବ୍ୟକ୍ତି ବସିଛନ୍ତି । ତନ୍ମଧ୍ୟରୁ ଜଣେ ଅବିନାଶ ବାବୁ ଅନ୍ୟ ଯୁବକ ଜଣକ ତାଙ୍କର ଅପରିଚିତ ।

ଶମିତ ସୁଦର୍ଶନ ଯୁବକ ଜଣକ କହିଲେ—"ବେକା ନାଁ ଶୁଣିଲେ ମୋର ହୃତ୍‌କମ୍ପ ହେଉଛି । କପରି ଯେ ସେ ଆମର ସବୁ ଖବର ଜାଣି ପାରୁଛି ତା ମୁଁ ବୁଝି ପାରୁ ନାହିଁ । ପ୍ରତି ପଦେ ପଦେ ସେ ଆମକୁ ସତର୍କ କରି ଦେଉଛି ।"

ଦୀର୍ଘ ନିଃଶ୍ୱାସ ଟାଣି ଅବିନାଶ ବାବୁ କହିଲେ—ତୁଷାର ବାବୁ ଭଳି ଚତୁର ଲୋକ ଯଦି ଟିକିଏ ଏ ବିଷୟରେ ମନ ଦିଅନ୍ତେ ତେବେ ତାର କୌଶଳ ଆମକୁ ବିଚଳିତ କରି ପାରନ୍ତା ନାହିଁ । ତାର ଠିକଣା ଜବାବ ଏକା ତୁଷାର ବାବୁ ଦେଇ ପାରନ୍ତା । ବାଲେଶ୍ୱର ଭଳି ଉନ୍ନାସୃତ ସ୍ଥାନରେ ସେ ଯେତେବେଳେ କୃତିତ୍ୱର ସହିତ ପୋଲିସ ଆଖିରେ ଧୂଳି ପକାଇ ଦେଇ ଆସି ପାରିଛନ୍ତି ସେତେବେଳେ ବେଶୀର ଗୁରୁତ୍ୱ ତାଙ୍କ ଆଖିରୁ ବାଦ୍ ଯାଅନ୍ତା ନାହିଁ ।

କିନ୍ତୁ କ'ଣ କରିବା ସାର୍—ସେ ଆମର ଭାଗ୍ୟ ଦୋଷ । ତୁଷାର ବାବୁ ଭଳି ଜଣେ ଶିକ୍ଷିତ ବ୍ୟକ୍ତି ଯେ ଗୋଟାଏ ରୂପ ବ୍ୟବସାୟୀ ନିକଟରେ ଆତ୍ମ ସମର୍ପଣ କରିବେ ଏକଥା ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନଥିଲି । ଦିନ ରାତି ସେ ସୁଷମା ଘରେ ପଡ଼ି ରହିଲେ—ସେଇ ତୁଷାର ବାବୁ କେତେ ଗୁରୁତ୍ୱ ଖେଳି ଶେଷରେ ସୁନନ୍ଦା ଦେବୀଙ୍କର ପ୍ରାଣ ଆର୍ସେନିକ ଗ୍ୟାସ ସାହାଯ୍ୟରେ ନିଃଶେଷ କରି ଦେଲେ । ସୁଯୋଗ ଦେଖି ବେଶୀ ନାମରେ ସବୁ କଳଙ୍କ ଲେପି ଦେଲେ । ଠିକ୍ ସେଇ ସମୟକୁ ସାର୍ ବେଶୀ ବି ପୃଷ୍ଠରେ ଆବିର୍ଭାବ ହୋଇଛନ୍ତି ।

ସେ ଦୁହିଁଙ୍କର କଥା ଶୁଣି ଶ୍ରୀକାନ୍ତ ବାବୁ ଉପରେ ଶିହରି ଉଠିଲେ । ତାହାହେଲେ ସୁନନ୍ଦା ଦେବୀଙ୍କର ମୃତ୍ୟୁର କାରଣ ତୁଷାର !

ଆର୍ସେନିକ ଗ୍ୟାସ ସାହାଯ୍ୟରେ ତାଙ୍କର ମୃତ୍ୟୁ ହୋଇଛି ! ତାଙ୍କୁ ଯେପରି ଏକଥା ଆଶ୍ଚର୍ଯ୍ୟ ବୋଧ ହେଲା । ପରକ୍ଷଣରେ ମନେ ପଡ଼ିଲା କଲିକତାରୁ କେମିକାଲ ଆନାଲିଟିକ ହୋଇଥିବା ରିପୋର୍ଟ ଅନୁଯାୟୀ ପୁଣି ସିଭିଲ ସର୍ଜନଙ୍କର ରିପୋର୍ଟ କଥା । ସେଥିରେ ସେମାନେ ତ ସ୍ପଷ୍ଟ ଲେଖିଛନ୍ତି ବିଷାକ୍ତ ଗ୍ୟାସ ଦ୍ୱାରା ମୃତ୍ୟୁ । ବିସ୍ମୟରେ ଶ୍ରୀକାନ୍ତ ବାବୁ କେବଳ ଆଖି ବନ୍ଦକରି ଠିଆ

ହୋଇ ରହିଲେ । ମନେ ମନେ ଭାବିଲେ ଆର୍ସେନିକ ଗ୍ୟାସ ଭଳି ବିଷାକ୍ତ ଗ୍ୟାସ୍ କେବଳ ଉଚ୍ଚ ଶିକ୍ଷିତ ବୈଜ୍ଞାନିକ ହାତରେ ସମ୍ଭବ ହୋଇ ପାରିବ — ଆଶା ହେଉଛି ତୁଷାର ବୋଧହୁଏ ଉଚ୍ଚ ଶିକ୍ଷିତ ଏବଂ ବିଜ୍ଞାନର ଛାତ୍ର ଥିଲା ।

ବହୁ ସମୟର ନୀରବତାକୁ ଭଙ୍ଗି ଗୋଟାଏ ଦୀର୍ଘ ନିଶ୍ୱାସ ଟାଣି ପ୍ରତିଷ୍ଠାନର ପ୍ରତିଷ୍ଠାତା କହି ଉଠିଲେ—ତୁଷାରକୁ ମୁଁ ଅବଶ୍ୟ ଏଥି ପାଇଁ ଧନ୍ୟବାଦ ଦେଉଛି । ସେ ବଡ ଦୁଃସାହସିକ କାମ କରିଛି । ତୁଷାର ଉପରେ ବିରକ୍ତ ହୋଇ ମୁଁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ କରିପାରୁ ନାହିଁ, ତାର କାରଣ ସେ ଆମ ଅନୁଷ୍ଠାନର ପ୍ରତି ଧୂଳି କଣା ସହିତ ପରିଚିତ — ତା ପ୍ରତି କୌଣସି ଶାସ୍ତି ବିଧାନ କଲେ ସେ ଆମ ସମସ୍ତଙ୍କୁ ପଦାରେ ପକାଇ ଦେବ । ମୁଁ ମଧ୍ୟ ସ୍ପଷ୍ଟ ଦେଖି ପାରିଲିଣି ଯେ ଦିନ କେତୋଟା ପରେ ଆମର ଗଣ୍ଠିବନ୍ଧି, କୌଶଳ ସବୁ ଧରା ପଡ଼ିଯିବ । କାରଣ ବିଖ୍ୟାତ ଡିଟେକ୍ଟିଭ ଶ୍ରୀକାନ୍ତ ବାବୁ ସୁନନ୍ଦା ଦେବୀଙ୍କ ମୃତ୍ୟୁ ରହସ୍ୟ ଉଦ୍‌ଘାଟନ କରିବାକୁ ଯାଇ ଆମର ସନ୍ଧାନ ବି ନେଇ ସାରିଲେଣି । ସେଦିନ ରତିକାନ୍ତର ରମଣୀ ବାବୁଙ୍କ ଠାରେ ପହଞ୍ଚିବାର ଉଦ୍ଦେଶ୍ୟ କଣ ଥାଇପାରେ ? ସେ ଯାହା ହେଉ ବର୍ତ୍ତମାନ ଯେପରି ପରିସ୍ଥିତି ଆସିଲାଣି ସେଥିରୁ ରକ୍ଷା ପାଇବାକୁ ହେଲେ ଦୁଇଟି ଲୋକଙ୍କୁ ଆମକୁ ଚିରଦିନ ପାଇଁ ଦୁନିଆରୁ ବିଦାୟ ଦେବାକୁ ପଡିବ । ସେହି ଦୁଇଜଣ ଭିତରୁ ପ୍ରଥମ ଜଣଙ୍କ ସୁଷମା ଓ ଦ୍ୱିତୀୟରେ ତୁଷାର ।

ଭୟରେ ଶିହରି ଉଠିଲେ ଶ୍ରୀକାନ୍ତ ବାବୁ । ଆଖି ଆଗରେ ପୁଣି ତାଙ୍କର ଭାସି ଉଠିଲା ହତ୍ୟାର ବୀଭତ୍ସଲୀଳା, ପୁଣି ଓଡ଼ିଶା ସାରା ଆତଙ୍କର ଚିହ୍ନ । ଆକାଶ ପାତାଳ ସେ ଭାବିବାକୁ ଲାଗିଲେ । ଭାବନାରେ ମଗ୍ନ ରହି ସେ ନିଜର ଅବସ୍ଥା ପ୍ରତି ବି ଦୃଷ୍ଟି ଦେଇ

ମାହାନ୍ତି । ଏହି ସମୟରେ ହଠାତ୍ ଏକ ଶକ୍ତ ଆଘାତ ପାଇ ସେ 'ଉଃ' ବୋଲି ଚିତ୍କାର କରି ଥରି ଥରି ତଳେ ପଡ଼ିଗଲେ ।

ରତିକାନ୍ତ ବାବୁ ବଡ଼ ବିଚଳିତ ହୋଇ ଉଠିଲେ । ଶ୍ରୀକାନ୍ତ ବାବୁ ଫେରିଲେ ନାହିଁ । ଯଦିଓ ସେପରି କିଛି ଗୋଟାଏ ଭୟର ଆଶଙ୍କା ସେ କରୁ ନଥିଲେ ତଥାପି କପଟ ତାଙ୍କର ହୃଦୟର ପ୍ରତି ଭଙ୍ଗୀରେ ଆତଙ୍କର ଚିହ୍ନ ଦେଖାଯାଉଥିଲା । ସେ ମନେ ମନେ ସ୍ଥିର କଲେ ଏପରି ପରିସ୍ଥିତିରେ ନିଜକୁ କଠୋର ଆଉ ଶକ୍ତ ହେବାକୁ ପଡ଼ିବ । ନଚେତ୍ ସେ ଅବସ୍ଥା ସହିତ ପାଦ ମିଳାଇ ଚାଲି ପାରିବେ ନାହିଁ ।

ବର୍ତ୍ତମାନ ଶ୍ରୀକାନ୍ତ ବାବୁଙ୍କ ଅନୁପସ୍ଥିତିରେ ରତିକାନ୍ତ ବାବୁ ଆଉ ଅଗ୍ରସର ହେବାକୁ ଉଚିତ ମନେ ନ କରି ତୁଷାର ଓ ସୁଷମା ପ୍ରତି ତାଙ୍କର ଦୃଷ୍ଟି ରଖିବାକୁ ସ୍ଥିର କଲେ ।

ବାସନ୍ତୀ ସନ୍ଧ୍ୟାରେ ପୁରୀର ରାଜପଥ ପ୍ରାୟ ଶୋଭମୟ ଓ ଲୋଭମୟ ହୋଇ ଉଠେ । ମନରେ ଟିକେ ଲଘୁ ସ୍ଫୁର୍ତ୍ତି ଆଣିବା ପାଇଁ ରତିକାନ୍ତ ବାବୁ ସମୁଦ୍ର କୂଳକୁ ଯିବାକୁ ସ୍ଥିର କଲେ । ହଠାତ୍ କିଛି ବାଟ ଯିବା ପରେ ନିତିଦିନିଆ ସମୁଦ୍ର କୂଳକୁ ଯିବାକୁ ତାଙ୍କର ମନ ଟେକିଲା ନାହିଁ । ବାଟରେ ଲକ୍ଷହୀନ ଭାବରେ ଫେରୁ ଫେରୁ ମନରେ ଗୋଟାଏ ଖିଆଲ ଜାଗି ଉଠିଲା । ସେ ଭାବିଲେ ଏ ସନ୍ଧ୍ୟାଟି ଯଦି ସୁଷମାର ଘରେ କଟାଯାଇ ପାରନ୍ତା ତେବେ ତଥ୍ୟ ମିଳୁ କି ନମିଳୁ ଅନ୍ତତଃ ଟିକେ ଆମୋଦ ତ ମିଳିପାରନ୍ତା । ରୂପ ବ୍ୟବସାୟୀ ହିସାବରେ ସେ ଅର୍ଥର ପ୍ରଲୋଭନ ପାଇଲେ ସବୁ କିଛି କରି ପାରିବ । ଏ ଧାରଣା ତାଙ୍କ ମନରେ ଜନ୍ମିଲା ।

ଘୋଡ଼ା ଗାଡ଼ି ଖଣ୍ଡିଏ ଧରି ସୁଷମାର ଘର ଉଦ୍ଦେଶ୍ୟରେ ରତିକାନ୍ତ ବାବୁ ବାହାରି ପଡ଼ିଲେ ।

ସେହି ନିର୍ଦ୍ଦିଷ୍ଟ ଗଳିରେ ଗୋଟିଏ ଏକ ତାଲା କୋଠା ନିକଟରେ ଗାଡ଼ିଟି ପହଞ୍ଚିଲା । ରତିକାନ୍ତ ବାବୁ ଗାଡ଼ିଆନ୍‌କୁ ବିଦା କରି ଗେଟ ଖୋଲି ଭିତରେ ପ୍ରବେଶ କଲେ । ଭିତରୁ, ଜଣେ ଦାସୀ ଆସି ତାଙ୍କୁ ପାଛୋଟି ନେଲା । ବାହାର ଘର କୁସୁନ ଚେୟାର ଉପରେ ରତିକାନ୍ତ ବାବୁ ବସି ରହିଲେ, କିଛି ସମୟ ପରେ ଭିତରୁ ତାଙ୍କୁ ନିମନ୍ତ୍ରଣ ଆସିଲା । ଗୋଟିଏ ସୁସଜ୍ଜିତ ନୀଳ ବିଦ୍ୟୁତାଲୋକରେ ଉଦ୍‌ଭାସିତ ପଲଙ୍କ ଉପରେ ଅର୍ଦ୍ଧ ଶାୟିତା ଅବସ୍ଥାରେ ସେ ସୁଷମାକୁ ଦେଖିଲେ । ବେଶ ଓ ସୌନ୍ଦର୍ଯ୍ୟ ଦେଖି ସେ ମନେ ମନେ ଭାବିଲେ ସେ କେବଳ ସୁଷମା ନୁହେଁ, ସୁକାନ୍ତ ମଧ୍ୟ । ଘରର ସାଜସଜା ପ୍ରତି ଦୃଷ୍ଟି ଫେରାଇ ସେ ବିସ୍ମିତ ହୋଇ ଉଠିଲେ । ଗୋଟାଏ ଆଧୁନିକ ଅଭିଜାତ୍ୟ ପରିବାରର ଘର ପରି ତାଙ୍କୁ ବୋଧ ହେଲା ।

ରତିକାନ୍ତ ବାବୁଙ୍କୁ ଦେଖି ସୁଷମା ହଠାତ୍ ବସି ପଡ଼ିଲା । ହସ ହସ ହୋଇ ତାଙ୍କୁ ସ୍ୱାଗତ ଜଣାଇ ବସିବାକୁ ଆସନ ଦେଇ ବିଷର୍ଣ୍ଣ ବଦନରେ ସେ କହିଲା, ଆପଣଙ୍କୁ ଦେବାକୁ ମୋ ଘରେ ବିଲାତି କିମ୍ବା ଦେଶୀ କୌଣସି ପାନୀୟର ବ୍ୟବସ୍ଥା ନାହିଁ । ମୁଁ ମୋର ଅତିଥିଙ୍କୁ ଆମ ସାଧାରଣ ଗରମ ପାନୀୟ ଟି’ରେ, ଅଥବା ଲେମ୍ବୁ ଦହି ମିଶ୍ରିତ ସରବତ୍ ଗ୍ଲାସରେ ଆପ୍ୟାୟିତ କରିପାରେ । ଆପଣଙ୍କର ଏ ଦୁଇଟା ଭିତରୁ କେଉଁଟି ଦରକାର ?

କିଛି ନହେଲେ ଚଳିବ, ତଥାପି ଯଦି କହୁଛନ୍ତି ତେବେ କଫେ ଟି’ର ବନ୍ଦୋବସ୍ତ ହେଲେ ମନ୍ଦ ହୁଅନ୍ତା ନାହିଁ···କଣ୍ଠରେ ରସିକତା ଫୁଟାଇ ରତିକାନ୍ତ ବାବୁ କହିଲେ ।

ଣ୍ଣ ପାଇଁ ବଗ୍ରଦ ଦେଇ ସାର କରୁଣ କଣ୍ଠରେ ସୁଷମା କହିଲା—ରତ୍ନକାନ୍ତ ବାବୁ ଆପଣ ମୋତେ ଭୁଲ ବୁଝିବେ ନାହିଁ । ରୂପ ବ୍ୟବସାୟୀ ଖାତାରେ ନାମ ଲେଖାଇଲେ ସୁଦ୍ଧା ମୁଁ ସେ କୁତ୍ସିତ କାମ କରପାରେନ । ଯେ ମୋର ଅତିଥି ହୁଏ ମୁଁ ତାକୁ ଆଦର କରେ, ଗୋଟିଏ କମ୍ବା ଦୁଇଟି ଶାସ୍ତ୍ରୀୟ ସଙ୍ଗୀତରେ ତାଙ୍କୁ ଆପ୍ୟାୟିତ କରେ ।

ସୁଷମା ମୁହଁରୁ ନିଜର ନାମର ସଂବୋଧନ ଶୁଣି ରତ୍ନକାନ୍ତ ବାବୁ ଟିକେ ବିଚଳିତ ହୋଇ ଉଠିଲେ ।

ହସୁ ହସୁ ସୁଷମା କହିଲା ଏଥିରେ ବ୍ୟସ୍ତ ହେବାର କିଛି ନାହିଁ । ଏ ବ୍ୟବସାୟର ଆରମ୍ଭରୁ ପ୍ରଥମେ ଆମକୁ ପୋଲିସ, ସି. ଆଇ. ଡି, ଏମାନଙ୍କର ନାମ ଜାଣି ରଖିବା ଦରକାର ହୁଏ ।

ସେଦିନ ସନ୍ଧ୍ୟାକୁ ମଧୁମୟ କରି ଦେଲା ସୁଷମାର ଦୁଇଟି କଣ୍ଠ ସଙ୍ଗୀତ । ସଙ୍ଗୀତର ଅପୂର୍ବ ସ୍ୱର ଯୋଜନାରେ ଆତ୍ମହରା ହୋଇ ଉଠିଲେ ରତ୍ନକାନ୍ତ ବାବୁ ।

ଘରର ମଧୁମୟ ପରିବେଶକୁ ଭଙ୍ଗ କରି ପରିଚାରିକା ଖଣ୍ଡିଏ ନେଳୀ ଲଫାପା ଆଣି ସୁଷମା ହାତରେ ଗୁଞ୍ଜି ଦେଲା । ଲଫାପାଟିରେ ଆଖି ବୁଲାଇ ଆଣି ସେ ଘର ବାହାରକୁ କିଛି ସମୟ ପାଇଁ ବାହାରି ଗଲା । ରତ୍ନକାନ୍ତବାବୁ ସ୍ଥିର ହୋଇ ବସି ରହିଲେ । ହଠାତ୍ ତାଙ୍କର କୁତୁହଳୀ ମନରେ ସନ୍ଦେହ ଜାଗି ଉଠିଲା । ସେ ନିଜ ଆସନ ଛାଡ଼ି ଘର ସାରା ବୁଲିଲେ । ବୁଲୁ ବୁଲୁ ଅନପେକ୍ଷିତ ଭାବରେ ସେ ସୁଷମାଙ୍କର ତକିଆଟା ଓଲଟାଇ ଦେଲେ । ଦେଖିଲେ ତକିଆ ତଳେ ଗୋଟାଏ ରିଭଲଭର ଅଛି । ସୁଷମା ଫେରି ପଡ଼ିଲେ ଅବସ୍ଥା ନିହାତି ସାଙ୍ଘାତିକ ହୋଇ ଉଠିବ ଭାବି ସେ ପିସ୍ତଲର ନମ୍ବରଟି ମନେ ମନେ ଟିପି ରଖିଲେ । ଏହି ସମୟରେ ସୁଷମା ବ୍ୟସ୍ତ ହୋଇ ଘର ଭିତରକୁ ପଶି ଆସିଲା । ରତ୍ନକାନ୍ତ

ବାବୁ ଆତ୍ମସ୍ଥ ହୋଇ ଉଠିଲେ । ବଡ ବିନୟସ୍ୱରେ ସେ କହି ଉଠିଲା, କ୍ଷମା କରିବେ ରତିକାନ୍ତ ବାବୁ, ମୋର ଜଣେ ମାମୁଁ ପୁଅ ଭାଇ ଷ୍ଟେସନରୁ ଆସିବେ ମୁଁ ଟିକେ ଯାଉଛି । ଆପଣଙ୍କୁ ସନ୍ତୁଷ୍ଟ କରି ନପାରି ବିଶେଷ ଦୁଃଖିତ । ତେବେ ମୋର ପ୍ରାର୍ଥନା ମୋତେ ଯେପରି ଆପଣ ଭୁଲି ନ ଯାଆନ୍ତୁ । କେବେ ସମୟ ହେଲେ ବୁଲି ଆସିବେ । ଅଭିମାନରେ କଣ୍ଠ ଥରି ଉଠିଲା ସୁଷମାର । ସେ କହିଲା ଆପଣ ନଆସିଲେ ମୁଁ ଜାଣିବି ଯେ ଆପଣ ମୋ ଉପରେ ରାଗିଛନ୍ତି । ଆପଣ ନ ଆସିଲେ ମୁଁ ଜବରଦସ୍ତି ଯାଇ ଆପଣଙ୍କୁ ନିମନ୍ତ୍ରଣ କରି ଆଣିବି । ଆପଣଙ୍କ ଉପରେ ଜୋର କରିବାର ଅଧିକାର କ'ଣ ମୋର ନାହିଁ ?

ରତିକାନ୍ତ ବାବୁ ସେତେବେଳକୁ ଯିବାପାଇଁ ପ୍ରସ୍ତୁତ ହୋଇ ସାରିଥିଲେ । ହସି ହସି ସେ ପକେଟରୁ ଖଣ୍ଡିଏ ଦଶ ଟଙ୍କିଆ ନୋଟ ବାହାର କରି ସୁଷମାର ହାତକୁ ବଢାଇ ଦେଲେ ।

ହଠାତ୍ ସୁଷମାର ମୁହଁର ରଙ୍ଗ ବଦଳି ଗଲା । ସେ ଯେପରି ବହୁତ ଦିନର ପରିଚିତ ଭଳି ଅଭିମାନରେ ତାଙ୍କ ପକେଟରେ ଟଙ୍କା ଗୁଞ୍ଜି ଦେଇ କହିଲା, ଏହାଠାରୁ ବୋଧହୁଏ ଚରମ ଶାସ୍ତି ଆପଣ ଦେଇପାରନ୍ତେ ନାହିଁ ରତିକାନ୍ତ ବାବୁ ।

ରତିକାନ୍ତ ବାବୁ ଏପରି ଶୁଣି ନୀରବ ଓ ନିର୍ବାକ୍ ହୋଇଗଲେ । ସେ ଘରୁ ବିଦାୟ ନେଇ ଆସୁ ଆସୁ ବାଟରେ ଖାଲି ଭାବୁଥାନ୍ତି କି ରହସ୍ୟମୟୀ ଏ ନାରୀ ?

ଶ୍ରୀକାନ୍ତ ବାବୁଙ୍କର ଯେତେବେଳକୁ ହୋସ ଫେରିଲା । ସେତେବେଳକୁ ସକାଳର ସୂର୍ଯ୍ୟ ଆକାଶରେ ବହୁତ ଉଚ୍ଚକୁ ଉଠି ଗଲେଣି । ସେ କିନ୍ତୁ ପୁରୀର କଳିଙ୍ଗ ଲବଣ କାରଖାନା ପାଖରେ ନାହାନ୍ତି, ଅଛନ୍ତି କେତେ ଗୁଡ଼ାଏ ନୋଳିଆ ସ୍ତ୍ରୀ ଓ ପୁରୁଷଙ୍କ ମେଳରେ ।

ଘଟଣା କ'ଣ ବୁଝିବାକୁ ଶ୍ରୀକାନ୍ତ ବାବୁ ଯେତେବେଳେ ଉଦ୍‌ଗ୍ରୀବ ହୋଇ ଉଠନ୍ତି । ସେତେବେଳେ ଜଣେ ନୋଳିଆ ତରୁଣୀ କହି ଉଠିଲା, ବାବୁ ତୁ କାହିଁକି ବୁଡ଼ି ମରୁଥିଲୁରେ ।

ଏତେ କଷ୍ଟରେ ସୁଦ୍ଧା ଶ୍ରୀକାନ୍ତ ବାବୁଙ୍କ ମୁହଁରୁ ଝଲକାଏ ହସ ଫିକ୍ କରି ଉଚ୍ଛୁଳି ପଡ଼ିଲା । ମନେ ମନେ ସେ ଭାବିଲେ, ଚନ୍ଦ୍ରମୋହନ ତାକୁ ଚିରଦିନ ପାଇଁ ଦୁନିଆରୁ ବିଦାୟ କରି ଦେବାକୁ କି ଚକ୍ରାନ୍ତ କରି ନଥିଲା ?

× × × ×

ରତିକାନ୍ତ ବାବୁ ଟାଉନର କାମ ସାରି ବସାକୁ ଫେରି ରୋଷାଇ ଘରକୁ ବାହାରିଥାନ୍ତି । ହାତରେ ରୋଷାଇ କରି ଖାଇବାକୁ ତାଙ୍କୁ ଭଲ ଲାଗେ । ନିଜେ ଗୋଟିଏ କୋଇଲା କୁକ୍‌କରରେ ରୋଷାଇ କରି ଖାଆନ୍ତି । ଏଇ କୁକ୍‌କର ଖିଆ ଖାଇ ଦିନେ ଶ୍ରୀକାନ୍ତ ବାବୁ କହିଥିଲେ ବୁଝିଲୁ ରତି, ଏ କୁକର୍ ଯାହା ଘରେ ଅଛି ତାର ସ୍ତ୍ରୀର ପ୍ରୟୋଜନ ନାହିଁ । ତୁ ତ ବେଶ ସୁଖରେ ଅଛୁ । ଶ୍ରୀକାନ୍ତ ବାବୁଙ୍କ କଥା ମନରେ ଉଠିବାରୁ ରତିକାନ୍ତ ବାବୁଙ୍କ ମନ ଦୁଃଖିତ ହୋଇ ଉଠିଲା । ତେବେ ଏତିକି ଆତ୍ମବିଶ୍ୱାସ ତାଙ୍କର ଥାଏ ଯେ ସାର୍ କେବେ ଅହ୍ୱାତ ବିପଦରେ ପଡ଼ିବେ ନାହିଁ । କୁକର୍

ଫିଟାଇ ଖାଇବାର ଜିନଷ ବାଢ଼ୁ ବାଢ଼ୁ ହଠାତ୍ ଘର ଭିତରକୁ ପଶି ଆସିଲେ ଶ୍ରୀକାନ୍ତ ବାବୁ । ସାଙ୍ଗରେ ତାଙ୍କର ଦୁଇଟି ନୋଳିଆ ଥାଆନ୍ତି ।

ରତିକାନ୍ତ ବାବୁ ଏ ଆକସ୍ମିକ ପରିସ୍ଥିତିରୁ କିଛି ବୁଝି ପାରିଲେ ନାହିଁ । ମନେ ମନେ ଭାବିବାକୁ ଲାଗିଲେ ଏ ସବୁ କଣ ? ଶ୍ରୀକାନ୍ତ ବାବୁ କହିଲେ ଭିଡ, ଘୋଡ଼ା ଗାଡ଼ିକୁ ପଇସା ଦେ ।

ରତିକାନ୍ତ ଘୋଡ଼ାଗାଡ଼ିକୁ ବିଦାୟ ଦେଲେ । ନୋଳିଆ ଦୁହେଁ ମଧ୍ୟ ସେଇ ଗାଡ଼ିରେ ଫେରି ଚଲେ । ରତିକାନ୍ତ ବାବୁ ଶ୍ରୀକାନ୍ତ ବାବୁଙ୍କ ପାଖକୁ ଫେରି ଆସି ପଚାରିଲେ—ସାର୍, ଆପଣଙ୍କର କ'ଣ ହେଲା ?

ଶ୍ରୀକାନ୍ତ ବାବୁ ନିଜର ପେଟକୁ ଦେଖାଇ କହିଲେ ଭୋକ ହେଉଚି ।

ରତିକାନ୍ତ ବାବୁ ତରତରରେ ଆସି କୁକ୍ କରିର ଚନ୍ଦା ତାଙ୍କୁ ଖୁଆଇବାରେ ଲାଗିଲେ । ଖାଇ ସାରି ଶ୍ରୀକାନ୍ତବାବୁ ବିଶ୍ରାମ ନେଲେ । ରତିକାନ୍ତ ବାବୁ ନିଜ ଦେହରେ ସାର୍ଟ ଖଣ୍ଡିକ ଗଳାଇ ହୋଟେଲ ଉଦ୍ଦେଶ୍ୟରେ ବାହାରି ପଡ଼ିଲେ ।

× × × ×

ସନ୍ଧ୍ୟା ୯ ଟାର ବୈଠକ—

ଖଟରେ ନିଜ ଅଳସ ଦେହକୁ ବିଛାଇ ଖଣ୍ଡିଏ ଚକିଆ ଜାକି ଧରି ଶ୍ରୀକାନ୍ତ ବାବୁ ତାଙ୍କର ଅଙ୍ଗେ ନିଭେଇଥିବା ପ୍ରତ୍ୟେକ ଘଟଣା ଗୁଡ଼ିକ ଗପି ଚାଲିଥାନ୍ତି ।

ରତିକାନ୍ତ ମନ ଦେଇ ସବୁ ଶୁଣୁ ଶୁଣୁ ପ୍ରଶ୍ନ କଲା—ସାର୍ ମୋର ଯେତେ ଦୂର ସନ୍ଦେହ ହେଉଛି ଚନ୍ଦ୍ରମୋହ ସୁନନ୍ଦା ଦେବୀଙ୍କ ମୃତ୍ୟୁର କାରଣ ।

ଲୁ ଯାହା କହିଲୁ ମୁଁ ବୁଝିଲି ଯେ କିନ୍ତୁ ବେଙ୍ଗ କଥା କ'ଣ ହେବ ? ଚନ୍ଦ୍ରମୋହନଙ୍କୁ ଇଚ୍ଛା କଲେ ଆରେଷ୍ଟ କରି ପାରିବା ।

"ତାଙ୍କୁ ଆରେଷ୍ଟ କରି ପକାଇଲେ ସବୁ ତଥ୍ୟ ବାହାରି ପଡ଼ିବ ।"

ହୋ ହୋ ହୋଇ ହସି ଉଠିଲେ ଶ୍ରୀକାନ୍ତ ବାବୁ । କହିଲେ, ଆରେ ବୋକା, ତାଙ୍କୁ ହଠାତ ଆରେଷ୍ଟ କଲେ ସବୁ ବିଗିଡ଼ିଯିବ । ଆମର ଅସଲ ଲକ୍ଷ୍ୟ ବେଙ୍ଗ, ତାହା ଆମେ ଭୁଲିଯିବା । ଚନ୍ଦ୍ରମୋହନ ଓ ଲୁଷାରର ସେଦିନ କଥାରୁ ସ୍ପଷ୍ଟ ପରିଲକ୍ଷିତ ହୁଏ ଯେ ସେ ଦୁହେଁ ଏଥିରେ ଲିପ୍ତ ଅଛନ୍ତି । କିନ୍ତୁ ଭାବିଲେ ଯେତେ ଆଶ୍ଚର୍ଯ୍ୟ ଲାଗୁ ନାହିଁ ଯେ ବେଙ୍ଗର ଅଦୃଶ୍ୟ ଇଙ୍ଗିତ ଏମାନଙ୍କ ପଛରେ ଅଛି । କାରଣ ଏ କେଶରେ ପ୍ରତି ପଦେ ପଦେ ଆମେ ତା ଠାରୁ ସତର୍କ ସୂଚନା ପାଇଛେ । ସେ ମଧ୍ୟ ଆମର ଗତିବିଧି ପ୍ରତି ବେଶ ଲକ୍ଷ୍ୟ ରଖି ପାରିଛି ।

"ହଁ ସାର୍, ନଚେତ୍ ନନ୍ଦ ଗ୍ରାମରୁ ଉଇଲ ଖଣ୍ଡେ କିପରି ହରଣଗୃହ କରି ନେଲା ଶୁଣିଲେ ନାହିଁ । କେବଳ ତାର ଅଲୌକିକ କାଣ୍ଡ ପାଇଁ ମୁଁ ଉପରେ ମୋର ସାଲ୍ ଖଣ୍ଡିକ ଛାଡ଼ି ଆସିଲି ।"

"ତୋର ପଚିଶ ଟଙ୍କାର ସାଲ କଥା ମୁଁ ଭାବୁନି । ମୁଁ ଭାବୁଛି ପାଞ୍ଚଶହଜାର ଲୋକଙ୍କ ଆତଙ୍କ କଥା । ଯଦି ଚନ୍ଦ୍ରମୋହନଙ୍କୁ ଆରେଷ୍ଟ କରିବା ତେବେ ବେଙ୍ଗର ଉପଦ୍ରବ ଆହୁରି ଭୟାବହ ହୋଇ ଉଠିବ । ସେ ସମୟର ପରିସ୍ଥିତିକୁ ସମ୍ଭାଳିବା ଅସମ୍ଭବ ହୋଇ ଉଠିବ ।"

"ନିଆଁ ସଙ୍ଗେ ଖେଳିବସିଛେ ଯେତେବେଳେ କିଏ କହି ପାରିବ କେତେବେଳେ ସେ ନିଆଁ ଆମକୁ ନ ପୋଡ଼ିବ ?"

ପୋଡ଼ିବ କ'ଣ ? କେତେଥର ଘରପୋଡ଼ା କରି ଗୃହ ସାରିଲଣି । ଏଥର ମୁଁ ବଂଶ କରି ଆସିଥାନ୍ତି ଏହା କେବେ କଣ ମୁଁ ଭାବିଥିଲି ? ଏପୁ ! ବୋଲି ବନାନ୍ତ ଖେଳାଳୀ କ'ଣ ନିଆଁ ସଙ୍ଗେ ଖେଳିବାକୁ ଭୁଲିଯିବ ?

"ଆପଣଙ୍କର ଅଦ୍ଭୁତ ସାହସ ଓ ଧୈର୍ଯ୍ୟ ଦେଖି ମୁଁ ବିସ୍ମିତ ହେଉଛି ସାର୍ ।"

"ହବାର କଥା" ଥଟ୍ଟା କରି ଶ୍ରୀକାନ୍ତ ବାବୁ କହିଲେ ।

ସରମ ପାଇ ରତିକାନ୍ତ କହିଲେ । ବର୍ତ୍ତମାନ ଆମର କର୍ତ୍ତବ୍ୟ କ'ଣ ? ହଁ ସାର୍ କହିବାକୁ ମୁ ଭୁଲି ଯାଉଛି ସେ ସୁଷମା ଘରକୁ ମୁଁ କାଲି ସନ୍ଧ୍ୟାରେ ଯାଇଥିଲି ।

ବଡ଼ ଉତ୍କଣ୍ଠିତ ହୋଇ ଶ୍ରୀକାନ୍ତ ବାବୁ କହିଲେ—ତାହାଲେ ତୁ ଯାଇଥିଲୁ । ମୁଁ ଯାହା ଦେଖୁଛି ତୁ ସୁଖରେ ନଷ୍ଟ ହୋଇଯିବୁ । ମୁଁ ଆଜ ମଉସାଙ୍କ ପାଖକୁ ଚିଠି ଲେଖୁଛି । ସେ ତୋର ବାହାଘର ଯୋଗାଡ଼ କରନ୍ତୁ ।

ହସୁ ହସୁ ରତିକାନ୍ତ କହିଲେ—ସାର୍ ଆପଣ ତ କାଲି ଥଟ୍ଟା କରିବେ ?

"ଆଗୁ କଣ ହେଲା କହିଲ୍ ।"

"ହବ କ'ଣ ? ତା ସଙ୍ଗେ କଥା ହେଲି । ସେ ଦୁଇଟା ଶାସ୍ତ୍ରୀୟ ସଙ୍ଗୀତ ମୋତେ ଶୁଣାଇଲା । ବଡ଼ ମଧୁର ଆଉ ଭଦ୍ର ବ୍ୟବହାର ତାର । କ୍ଷଣକରେ ପରକୁ ଆପଣାର କରି ପକାଇବ । ହେଲେ ସାର ମୁଁ ତା ପାଖରେ ସେପରି ସନ୍ଦେହ କରିବାର କୌଣସି କାରଣ ଦେଖି ପାରିଲି ନାହିଁ ।"

"ତୁ ପିଲା ଲୋକ ବୁଝିବୁ କ'ଣ ? ସନ୍ଦେହ କ'ଣ ସବୁଥିରେ ଥାଏ ? ସନ୍ଦେହ କରୁ କରୁ ସତ୍ୟ ତା ଆପଣା ଛୁଏଁ ବାହାରି ପଡ଼େ । ସୁଷମା ଯେତେବେଳେ ଚନ୍ଦ୍ରମୋହନ ଓ ତୁଷାର ସହିତ ସମ୍ପର୍କ

ରଖିଛୁ ଓ କେବଳ ତାର ଲାଗି ଦୁଇଜଣ ଙ୍କଭିତରେ ମନାନ୍ତର ସୃଷ୍ଟି ହୋଇ ସାରିଲାଣି, ସେଠାରେ ତା ପ୍ରତି ସନ୍ଦେହ ନ କରିବା ଆମରି ଭୁଲ ହେବ ।”

“ସେ ମୋତେ ଦିନେ ନିମଂନ୍ତ୍ରଣ କରିବ ବୋଲି କହିଛି ।”

ହସି ହସି ଶ୍ରୀକାନ୍ତ ବାବୁ କହିଲେ ମୋତେ ଟିକେ ସଙ୍ଗରେ ନେବୁ ନାହିଁ ?

ଅଭିନୟ ଭଙ୍ଗିରେ ଗମ୍ଭୀରତା ସୃଷ୍ଟି କରି ରତିକାନ୍ତ କହିଲେ—ଏକ ସମୟରେ ଗୁରୁଶିଷ୍ୟ······

ହସି ହସି ଶ୍ରୀକାନ୍ତ ବାବୁ ଓ ରତିକାନ୍ତ ବାବୁ ବେଦମ ହୋଇଗଲେ ।

ରତିକାନ୍ତ ବାବୁଙ୍କର ମୁଣ୍ଡ ଗରମ । କ'ଣ କରିବେ ସେ ! କିଛି ସନ୍ଧାନ ପାଇ ପାରୁ ନାହାନ୍ତି । ଥରକୁ ଦୁଇଥର ରମଣୀ ବାବୁଙ୍କ ଘରକୁ ଯାଇ ସ୍ପଟ (Spot) ଇନକ୍ୱାରି କରି ଆସିଲେଣି । କିନ୍ତୁ ଫଳ ଏକ ପ୍ରକାରର । କୌଣସି ତଥ୍ୟ ବି ମିଳିପାରୁ ନାହିଁ । ଶ୍ରୀକାନ୍ତ ବାବୁ ମଧ ତାଙ୍କର ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଛନ୍ତି ଓ କରୁଛନ୍ତି । ବେଣୀର ସନ୍ଧାନ ତ ବହୁତ ଦୂରର କଥା ଦର୍ଶନ ବି ମିଳିପାରିଲା ନାହିଁ । ସକାଳୁ ଦାନ୍ତ ଘଷୁ ଘଷୁ ସେ ଭାବୁଥାନ୍ତି— ଚନ୍ଦ୍ରମୋହନର ସେ ଚାଇଲ ସହିତ କି ସମ୍ପର୍କ ? ଚନ୍ଦ୍ରମୋହନ ଓ ରମଣୀ ବାବୁ ଦୁହେଁ ବ୍ୟବସାୟ କ୍ଷେତ୍ରରେ ବନ୍ଧୁ ହୋଇ ପାରନ୍ତି । କିନ୍ତୁ ରମଣୀ ବାବୁଙ୍କ ଘରୋଇ ସମ୍ପତ୍ତି ଉପରେ ଆଖି ପକାଇଲେ ଚନ୍ଦ୍ରମୋହନର କ'ଣ ଲାଭ ହେବ ?

ନ୍ୟାୟତଃ ସେ ସମ୍ପତ୍ତିରେ ସୁନନ୍ଦା ଦେବୀଙ୍କର ହକ୍ ଥିଲା । କିନ୍ତୁ ବର୍ତ୍ତମାନ ଅଶୋକର ସେଥିରେ ସମ୍ପୂର୍ଣ୍ଣ ଅଧିକାର । ସେଥିପାଇଁ ଏମାନଙ୍କର ଏତେ ଲାଳାୟିତ ହେବାର କାରଣ କ'ଣ ଥାଇ ପାରେ ? ସେ ପୁଣି ଶୁଣିଛନ୍ତି ଆର୍ସେନିକ୍ ଗ୍ୟାସ୍ ଦେଇ ତୁଷାର ସୁନନ୍ଦା ଦେବୀଙ୍କୁ ମାରିଛି । କିନ୍ତୁ ସୁନନ୍ଦା ଦେବୀଙ୍କର ମୃତ୍ୟୁର କିଛି ସମୟ ପୂର୍ବରୁ ବେବୀ ରମଣୀ ବାବୁଙ୍କ ପାଖକୁ ଚିଠି ଦେଇଛି । କେବଳ ଯେ ଚିଠି ଦେଇ ସେ ସନ୍ତୁଷ୍ଟ ରହିଛି ତା ନୁହେଁ, ବାହାର ଜଗତ ସହିତ ତାଙ୍କ ଘରର ସମ୍ପର୍କ ଛିନ୍ନ କରିଛି । ତାହାଲେ କ'ଣ ବେବୀ ସହିତ ତୁଷାରର ନିଗୂଢ଼ ସମ୍ପର୍କ ଅଛି ? ବେବୀ ସହିତ ତୁଷାରର ନିଗୂଢ଼ ସମ୍ପର୍କ ଥିଲେ ନନ୍ଦ ଗ୍ରାମରେ ଯେତେବେଳେ ବେବୀ ଉଇଲ ହରଣଚାଳ କରି ନେଲା ସେତେ-ବେଳେ ତୁଷାର ନିର୍ବୋଧଙ୍କ ଭଳି ବୃଦ୍ଧି ରହିଥାନ୍ତା କାହିଁକି ? ସେ ତ ବରଂ ଆନନ୍ଦିତ ହୋଇଥାନ୍ତା । ଏଥିରୁ କ'ଣ ଜଣା ପଡୁ ନାହିଁ ଯେ ତୁଷାର ବେବୀକୁ ଆଦୌ ଚିହ୍ନି ପାରି ନାହିଁ—ଏତେ ପରସ୍ପର ବିରୋଧୀ କଳ୍ପନା ଯେ କିପରି ସମ୍ଭବ ହେବ, ତାହାହିଁ ସେ ଭାବୁଛନ୍ତି । ଏ ବୁଢ଼ୀଆଣୀ ଜାଲ ଭିତରୁ ସୂତା କାଢ଼ି ସତ୍ୟକୁ ପ୍ରକାଶ କରିବା ବଡ଼ ଗହନ ବ୍ୟାପାର । ସାର କହୁଥିଲେ ଚନ୍ଦ୍ର-ମୋହନ କିମ୍ବା ତୁଷାରକୁ ଆରେଷ୍ଟ କରି କିଛି ଲାଭ ହେବ ନାହିଁ ବରଂ ଆମେ ବେବୀକୁ ପ୍ରଶ୍ରୟ ଦେବା । ତା ଯଥାର୍ଥରେ ଠିକ—

ଏହି ସମୟରେ ଶ୍ରୀକାନ୍ତ ବାବୁ ଅଳସ ଭାଙ୍ଗି ଡାକ ଛାଡ଼ିଲେ । ରଣ ଉଠିଲୁଣି କି ?

ବାରଣ୍ଡାରୁ ଉତ୍ତର ଆସିଲା "ସାର୍ ଅନେକ ବେଳୁ ।"

ବାହାରକୁ ଆସି ଶ୍ରୀକାନ୍ତ ବାବୁ ଦେଖିଲେ ସକାଳ ଆଠଟା ବାଜିଲାଣି । ନିଜର ନିତ୍ୟ କର୍ମ ସାରି ବଜାର ସଉଦା ପାଇଁ ବ୍ୟାଗ୍ ଟା ଧରି ଶ୍ରୀକାନ୍ତ ବାବୁ ବାହାରି ପଡ଼ିଲେ ।

କଚ୍ଛ ଦୂର ଗଲା ପରେ ଶ୍ରୀକାନ୍ତ ବାବୁ ଠିକ କଲେ ଅନେକ ଦିନୁ ଗେଷ୍ଟ ହାଉସକୁ ଯାଇ ନାହାନ୍ତି । ତେଣୁ ସେଆଡେ ଟିକେ ବୁଲି ଆସିଲେ ଭଲ ହୁଅନ୍ତା । ବୁଲି ବୁଲି କଚ୍ଛ ସମୟ ପରେ ସେ ସେଠାରେ ପହଞ୍ଚିଲେ । ଟିକେ ବିଶ୍ରାମ ନେଇ କପେ ଚା'ର ବରାଦ କଲେ । ଭାବିଲେ ଏଇ ଗେଷ୍ଟ ହାଉସରେ ପ୍ରଥମ ପାଦ ଦେବା ଦିନୁ ସେ ଧୂଆଁ ଗୁଡ଼ ଯାଇ ପାରି ନାହାନ୍ତି । ରହସ୍ୟର ଆରମ୍ଭ ହୋଇଛି ଏଇଠାରୁ । ଚା କପ୍‌ରେ ଚୁମକ ଦେଇ ଶ୍ରୀକାନ୍ତବାବୁ ଭାବିଲେ, ତୁଷାରର ବିଦ୍ୟାବୁଦ୍ଧି ବିଷୟରେ ସନ୍ଧାନ ନେଇ ସେ ଯାହା ବୁଝିଲେ ସେଥିରେ ତୁଷାର ବିଜ୍ଞାନର ଧାର ଧାରି ନାହିଁ । ସେ କପରି ଅବା ଆର୍ସେନିକ ଗ୍ୟାସ ତିଆରି କରି ପାରିବ ? ସେ କୌଣସି ଉଚ୍ଚ ଶିକ୍ଷିତ ଲୋକର ଆଶ୍ରୟ ନେଇଛି । ଯେଉଁ ବ୍ୟକ୍ତି ତାକୁ ସାହାଯ୍ୟ କରିଛି ସେ ହୁଏତ ପ୍ରଚୁର ଅର୍ଥ ଉତ୍କୋଚ ପାଇଛି କିମ୍ବା ତୁଷାରର ବନ୍ଧୁ ହୋଇ ପାରିଥାଏ । ସେ ଯଦି ତୁଷାରର ସେ ଘୃଣିତ ବନ୍ଧୁଟିର ସନ୍ଧାନ ପାଇ ପାରନ୍ତା ଅନ୍ତତଃ କେସ୍ ବିଷୟରେ କଚ୍ଛ ଆଗେଇ ପାରନ୍ତା । ଚା'ତକ ନିଃଶେଷ କରି ଶ୍ରୀକାନ୍ତ ବାବୁ ପକେଟରୁ ଖଣ୍ଡିଏ ସିଗାରେଟ କାଢ଼ି ସେଥିରେ ଅଗ୍ନି ସଂଯୋଗ କଲେ—

ଏଇ ସମୟରେ ଗୋଟିଏ ସୁନ୍ଦର ନେଳି ରଙ୍ଗର କାର ଆସି ହୋଟେଲ ଆଗରେ ଠିଆହେଲା । ଦୁଇଜଣ ଭଦ୍ରବ୍ୟକ୍ତି ହୋଟେଲ ଭିତରକୁ ପଶିଆସି ଦୁଇକପ୍ ଚା'ର ବରାଦ କଲେ । ଶ୍ରୀକାନ୍ତ ବାବୁ ଟିକେ ଅପସରି ଯାଇ ସେ ଦିନର ଦୈନିକ ପ୍ରଜାତନ୍ତ୍ରରେ ଆଖି ବୁଲାଇଲେ । ଏଇ ସମୟରେ ଦୁଇଙ୍କ ଭିତରୁ ଜଣେ କହିଲା— ବୁଝିଲେ ସଞ୍ଜୀବ ବାବୁ, ମୁଁ ସେଇ କଥା ରମଣୀ ବାବୁଙ୍କୁ କହିଲି ।"

ରମଣୀ ବାବୁଙ୍କ ନାଁ ଶୁଣି ଶ୍ରୀକାନ୍ତବାବୁ ଟିକେ ଉତ୍କଣ୍ଠ ହୋଇ ଶୁଣିବାକୁ ଚେଷ୍ଟାକରି ଖବର କାଗଜ ପଢ଼ିବାର ଛଳନା କଲେ ।

ଅନ୍ୟ ଭଦ୍ର ବ୍ୟକ୍ତି ଜଣକ କହିଲେ "ସେ କଣ କହିଲେ ?"

"ପ୍ରଥମେ ତ ଘଟଣାକୁ ଅବିଶ୍ୱାସ କଲେ । ତା ପରେ ଯେତେବେଳେ ଦେଖି ଉଇଲ ଖଣ୍ଡ ନେଇ ଯାଇଛି ଶୁଣିଲେ ସେତେବେଳେ ବିଶ୍ୱାସ କଲେ ।"

"ଚନ୍ଦ୍ରମୋହନ ବିଷୟରେ କଣ କହିଲେ ?"

"ଚନ୍ଦ୍ରମୋହନ କିଏ ବୋଲି ତାଙ୍କର ପ୍ରଥମ ପ୍ରଶ୍ନ ମୋତେ ହେଲା । ସେପରି କୌଣସି ଲୋକକୁ ଚିହ୍ନି ନାହାନ୍ତି ବୋଲି ସେ ମୋତେ କହିଲେ ।"

"କ'ଣ କହୁଛନ୍ତି ! ସନ୍ତୋଷ ବାବୁ ! ! !"

ଚନ୍ଦ୍ରମୋହନ ଯେ ରମଣୀ ବାବୁଙ୍କର ଦଲିଲ ଖଣ୍ଡି ନେଇ କ'ଣ କରିଥାନ୍ତା ସେ ବି ଏକ ପ୍ରଶ୍ନ ।

"ଏ ସବୁ ଭିତରେ କିଛି ଗୂଢ଼ ତଥ୍ୟ ରହିଲା ପରି ଜଣା ପଡ଼ୁଛି ।"

"ଆଜିପାରେ, ଆମର କ'ଣ ଅଛି ? ମୁଁ ରମଣୀ ବାବୁଙ୍କୁ ତାଙ୍କର ଏବର୍ଷର ଆୟବ୍ୟୟର ହିସାବ ବୁଝାଇ ଦେଇ ଛୁଟି ନେଇ ଯିବି ବୋଲି ଠିକ କରିଛି ।"

ଦୁଇ ବନ୍ଧୁ ପ୍ରସ୍ଥାନ ପାଇଁ ଉଦ୍ୟତ ହେଲେ ।

ଶ୍ରୀକାନ୍ତ ବାବୁ ଅନ୍ୟମନସ୍କ ଭାବରେ ସିଗାରେଟ୍‌ର ଧୂଆଁ ଗୁଡ଼ିବାରେ ବ୍ୟସ୍ତ ରହିଲେ—କିଛି ସମୟ ପରେ ସେଠାରୁ ଉଠି ବାହାରକୁ ଆସିଲେ । ସେ ଭାବିବାକୁ ଲାଗିଲେ ପୁଣି ଏକ ନୂଆ ତଥ୍ୟ—ଚନ୍ଦ୍ରମୋହନ ସହିତ ରମଣୀ ବାବୁଙ୍କର ଦେଖା ଦର୍ଶନ ନାହିଁ । ଦେଖାଯାଉ ପୁଣି କ'ଣ ମିଳୁଛି ?···

ବସନ୍ତର ଗୋଟିଏ ମନୋରମ ସନ୍ଧ୍ୟା……

ରଶ୍ମିକାନ୍ତ ବାବୁ ଓ ଶ୍ରୀକାନ୍ତ ବାବୁ ଦୁହେଁ ଉତ୍ଫୁଲ୍ଲ ଥାଆନ୍ତି । ସେ ଦିନର ସନ୍ଧ୍ୟାର କର୍ମ ପଦ୍ଧତି ବିଷୟରେ ଶ୍ରୀକାନ୍ତ ବାବୁ କିଛି ଠିକ୍ କରି ନଥାନ୍ତି । ରଶ୍ମିକାନ୍ତ ବାବୁ ଆସି କହିଲେ—ସାର୍, ଆପଣ ଆଜି ବସାରେ ଥିବେ । ମୁଁ ଆଜି ସୁଷମା ଘରକୁ ଯିବି । ସେ ମୋତେ ନିମନ୍ତ୍ରଣ କରିଛି । ଚେଷ୍ଟା କରିବି ଯଦି ଆଜି କିଛି ତଥ୍ୟ ମିଳିପାଇ ପାରେ ।

ହସି ହସି ଶ୍ରୀକାନ୍ତ ବାବୁ କହିଲେ—କିରେ, ଗୁରୁଙ୍କୁ ପରା ସଙ୍ଗରେ ନେବୁ ବୋଲି କହୁଥିଲୁ ?

"ଗଲେ ମନ୍ଦ ହେବ ନି—କିନ୍ତୁ ଆସିଲା ବେଳକୁ ହାଣ୍ଡି ଏକାଦଶୀ କରିଥିବ ।"

"ନାଇଁ, ନାଇଁ ତୁ ଯାଆ । ପିଲାଲୋକ ତୋର ଏବେଲେ ସଉକ୍ କରିବାର ସମୟ । ମୁଁ ଟିକେ ବିଶ୍ରାମ ନେବି ।" ଶ୍ରୀକାନ୍ତ ବାବୁ କଣ୍ଠରେ ସରସତା ଉକୁଟାଇ ଏତିକି କହିଲେ

ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ରଶ୍ମିକାନ୍ତ ବାବୁ ଯାଇ ସୁଷମାର ଘରେ ଉପସ୍ଥିତ ହେଲେ । ସୁଷମାର ଦୁଆର ମୁହଁରେ ପହଞ୍ଚି ସେ ଦେଖିଲେ ଖଣ୍ଡିଏ ନେଳୀ ରଙ୍ଗର କାର୍ ଥୁଆ ହୋଇଛି । କାର୍ ନିକଟକୁ ଯାଇ ସେ ଦେଖିଲେ – ସେ ଦିନ ଏଇ କାର ଖଣ୍ଡି ସେ ପୁରୀ ଦେଉଳ ନିକଟରେ ଦେଖିଥିଲେ । ମନରେ ସନ୍ଦେହ ଉଙ୍କି ମାରିବା ସମୟରେ ଘରର ପରିଚାରିକା ଆସି ତାଙ୍କୁ ପାଛୋଟି ନେଲା । ସତେ ଯେପରି ତାଙ୍କର ଅଭ୍ୟର୍ଥନା ପାଇଁ ସେ ପ୍ରସ୍ତୁତ ଥିଲା । ରଶ୍ମିକାନ୍ତ ବାବୁ ସିଡ଼ି ଦେଇ ଉପରକୁ ଉଠିଲେ—ନୀଳ ବିଦ୍ୟୁତାଲୋକରେ ଉଦ୍ଭାସିତ ପ୍ରକୋଷ୍ଠରେ ସୁନ୍ଦର ସୁନ୍ଦର

କେତୋଟି ଚଉକି ଓ ଟେବୁଲ ସଜା ହୋଇଛି । ବେଶ ପୋଷାକରେ ସଜ୍ଜିତା ହୋଇ ସୁଷମା ସେଦିନ ସ୍ୱର୍ଗର ଅପ୍ସରୀ ପରି ଦିଶୁଥାଏ । ରଜତକାନ୍ତ ବାବୁଙ୍କୁ ଦେଖି ସୁଷମା ହସି ହସି ତାଙ୍କୁ ପାଖେଇ ନେଲା । ବିନମ୍ରସ୍ୱରେ କହି ଉଠିଲା—ଆପଣ ସେଦିନ ମୋ ଉପରେ ରାଗ କରି ଚାଲିଯାଇ ଥିଲେ । ମୁଁ ଆଶା କରି ନଥିଲି ଯେ ଆପଣ ମୋ ଅନୁରୋଧ ଆଜି ରକ୍ଷା କରିବେ ବୋଲି । ତଥାପି ମୋ ଅନ୍ତର ଭିତରୁ କିଏ ଯେପରି କହି ଉଠୁଥାଏ ଆପଣ ନିଶ୍ଚୟ ଆସିବେ ।

ହସୁ ହସୁ ରଜତକାନ୍ତ କହି ଉଠିଲେ—"ମନେ କର ମୁଁ ଯଦି ଆସି ନଥାନ୍ତି ?"

"ମୋର ଏତେ ବଡ଼ ଉତ୍ସବରେ ଆପଣ ନଆସି ଥିଲେ ମୁଁ ଯାଇ ଯୋର୍ କରି ନେଇ ଆସିଥାନ୍ତି । ସେଦିନ ଆପଣଙ୍କୁ ଅତିଥି ଭାବରେ କେଇ ଘଣ୍ଟା ନିମିତ୍ତ ପାଇ ମୁଁ ଯେପରି ଅନୁଭବ କଲି ଆପଣ ସାଧାରଣ ଲୋକଙ୍କଠାରୁ ଉଚ୍ଚରେ—

"ଆନନ୍ଦର ଦିନ ! କାହିଁକି ମୋତେ ତ ଆଗରୁ ସେପରି କିଛି ଆଭାସ ଦିଆହୋଇ ନ ! !"

ଖୁବ୍ ଜୋରରେ ହସି ଉଠିଲା ସୁଷମା । ହସୁ ହସୁ ସେ କହିଲା—ମୁଁ ଯଦି ବାହାରକୁ ଆଭାସ ଦେଇଥାନ୍ତି ଯେ ଯାହାର ବ୍ୟବସାୟ ରୂପ ଲାବଣ୍ୟର ସଉଦା ସେ ପୁଣି ବିବାହ କରୁଛି । ଆଜି ବଧୂରୂପରେ ବିଶିଷ୍ଟ ଶିଳ୍ପପତି ଚନ୍ଦ୍ରମୋହନ ବାବୁଙ୍କ ଘରକୁ ଯାଉଛି ସେତେବେଳେ ଲୋକମାନେ ମୋତେ ଉପହାସ ନକରି ରହି ପାରିଥାନ୍ତେ···ଯେ ଶୁଣନ୍ତା ସେ କହନ୍ତା । ସହସ୍ର ଶଯ୍ୟାର ନାୟିକା ପୁଣି ଏକ ଶଯ୍ୟାର ନାୟିକା ହୋଇ ଜୀବନକୁ ମଧୁମୟ କରିବାପାଇଁ ସ୍ୱପ୍ନ ଦେଖୁଛି—ଏହାଠାରୁ ବଳି ଆଶ୍ଚର୍ଯ୍ୟର ବିଷୟ ଆଉ କିଛି ହୋଇ ପାରେ ବୋଲି ଆପଣ ବିଶ୍ୱାସ କରୁଛନ୍ତି ?

ତାପରେ ଚନ୍ଦ୍ରମୋହନ ବାବୁଙ୍କ ଭଳି ଗୋଟାଏ ଖାନଦାନୀ ଲୋକ ଆଉ ପସ୍ତି ଦାଣ୍ଡରେ 'ବଂଧୁ ମହଲରେ ଚାଲି ପାରନ୍ତେ ?"

"କାହିଁକି ? କ'ଣ ଏପରି ହୋଇଗଲା କି ? ସରକାରତ ଲୋକ ସଭରେ ବିଲ୍ ପାଶ୍ କଲେଣିଯେ ସମାଜରେ ତୁମ ମାନଙ୍କର ସ୍ଥାନ ଉଚ୍ଚରେ ରହିବ । ତୁମେମାନେ ସବୁ ବିବାହ କରିବ, ବିବାହ ନକଲେ ସଂପ୍ରସାରଣ ଯୋଜନା ଅନୁଯାୟୀ ନର୍ସ, ଗ୍ରାମସେବିକା, ଶିକ୍ଷୟିତ୍ରୀ ହୋଇ ଦେଶ ଆଉ ସମାଜର କଲ୍ୟାଣ କରିବ । ଚନ୍ଦ୍ରମୋହନ ବାବୁତ କିଛି ନୂଆ କାମ କରୁ ନାହାନ୍ତି । ଅବଶ୍ୟ ପଲ୍ଲୀ ଟାଉନ୍ ରେ ନୂଆ ହୋଇ ପାରେ କିନ୍ତୁ କାଲି ତ ଫେର୍ ତୁମର ବିବାହ ଖବର ଜନ ମୁଖରେ ପ୍ରଚାରିତ ହେବ । ପ୍ରତି ଚା ଆସରରେ ଗପ ହୋଇ ଉଠିବ ତୁମର ଶୁଭ ମିଳନର ସଂବାଦ । ସେଥିପାଇଁ ଚନ୍ଦ୍ରମୋହନବାବୁ ପ୍ରସ୍ତାବ ଦେଇଛନ୍ତି ଯେ କିଛିଦିନ ପାଇଁ ଆମେ ଦୁହେଁ କଲିକତାରେ ରହିବୁ ଏବଂ ଲବଣ କାରଖାନାର ହେଡ ଅଫିସ୍ ସେଇ କଲିକତାରେ ରହିବ—"

"ପ୍ରସ୍ତାବଟି ମନ୍ଦ ନୁହେଁ — ଓଡ଼ିଶାର ପ୍ରତି ଶିଳ୍ପ ଅନୁଷ୍ଠାନର ହେଡ୍ ଅଫିସ ଯେତେବେଳେ କଲିକତାରେ ରହି ପାରୁଛି ତେବେ ସାମାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଲବଣ ଶିଳ୍ପର ଅଫିସଟା ବା ସେଠାରେ କାହିଁକି ନରହିବ ?"

ଏଇ ସମୟରେ ଘରର ପରିଚାରିକା ଆଣି ସରବତ ଦେଇଗଲା । ସରବତଟିକ ନିଃଶେଷ କରି ସାରିଲା ପରେ ଖଣ୍ଡିଏ ସିଗାରେଟରେ ରତିକାନ୍ତବାବୁ ଅଗ୍ନି ସଂଯୋଗ କଲେ । ତାପରେ ପ୍ରଶ୍ନ କଲେ, "ମୋର କାହିଁକି ମନେହୁଏ ଯେ ଚନ୍ଦ୍ରମୋହନବାବୁ ଆପଣଙ୍କ ମନ ଚାହିଁ ନାହାନ୍ତି, କେବଳ ଦେହର ରୂପ ଲାବଣ୍ୟକୁ ଚାହିଁଛନ୍ତି । ସେତିକି ସଂଭୋଗ କରି ସାରିଲା ପରେ କିଏ କହିପାରିବ କାଲି ସକାଳୁ ସେ ପୁଣି ଧୂଳିକା ଫୁଲ ପରି ତୁମକୁ ରାସ୍ତା କଡ଼କୁ

ପାଙ୍ଗି ନଦେବେ···ସେତେବେଳେ ଫୁଲର ବର୍ଣ୍ଣ ମଉଳ ଯାଇଥିବ, ମହକ ମଧ୍ୟ ସରି ଯାଇଥିବ···

ଆପଣଙ୍କ କଳ୍ପନା ଅବାନ୍ତର ନୁହେଁ । ମୋ ମତରେ ମନ ଓ ଦେହ ଏ ଦୁଇଟା ତଫାତ୍ ଜିନିଷ ନୁହନ୍ତି । ଖାଲି ଦେହ ଉପରେ ଲୋଭ ଆସିଲେ ଆଉ ମନ ନ ମିଳିଲେ ପ୍ରଣୟ ହେବ କିପରି ? ଆଜିର ଏ ଶୁଭ ଲଗ୍ନରେ ସେ ତର୍କଠାରୁ ଦୂରରେ ରହିବା ଉଚିତ୍ । ହୁଏତ ଆପଣଙ୍କ ସଙ୍ଗରେ ମୋର ଏଇ ଶେଷ ଦେଖା — ଆପଣଙ୍କୁ ସେଦିନ ଦେଖି ଆପଣଙ୍କ ପ୍ରତି ମୋର କିପରି ଗୋଟାଏ ଅହେତୁକ ମମତା ଜାଗି ଉଠିଥିଲା । ମୁଁ ଜାଣି ପାରିଲି ନାହିଁ କେଉଁ ଆନ୍ତରିକତା ବଳରେ ଆପଣ ସେଦିନ ମୋର ଅତିଥି ହେଲେ । ପୁରୀ ଛାଡ଼ିବା ପୂର୍ବରୁ ଆପଣଙ୍କଠାରୁ ବିଦାୟ ନ ନେଇ ଯିବା ଉଚିତ ମନେକଲି ନାହିଁ । ଆପଣ ବୋଧହୁଏ କେତେଦିନ ପୁରୀରେ ରହୁଛନ୍ତି ?

ଲକ୍ଷ୍ମୀକାନ୍ତ ବାବୁ ସୁଷମାର କଥା ଗୁଡ଼ାକ ଉତ୍କର୍ଣ୍ଣ ହୋଇ ଶୁଣୁଥିଲେ । ନାରୀର କଥା ଶୁଣୁସି ନିକଟରେ ପୁରୁଷ ସର୍ବଦା କାଙ୍ଗାଳ—ତାଙ୍କୁ ଜଣାପଡ଼ୁଥାଏ ସେ ଯେପରି ନିଜକୁ ସଂପୂର୍ଣ୍ଣ ଭୁଲିଯାଇ ସୁଷମାର ଅନ୍ତର ଭିତରେ କ'ଣ ଗୁଡ଼ାଏ ଦେଖିବାକୁ ପାଉଛନ୍ତି । ସେ ଖାଲି ଦେଖୁଛନ୍ତି ସ୍ୱର୍ଗର ଅମୀୟ ରସ, ସ୍ନେହ, ସହାନୁଭୂତି, ମମତା । ଯାହାକି ଏ ଜଗତରେ ଦୁର୍ଲ୍ଲଭ । ସୁଷମାର ପ୍ରଶ୍ନରେ ଚମକି ଉଠି ସେ କହିଲେ—ହଁ ସରକାରଙ୍କର ଇଚ୍ଛା ଉପରେ ନିର୍ଭର କରେ — ଟ୍ରାନ୍ସଫର ନ ହେବା ପର୍ଯ୍ୟନ୍ତ ନିଶ୍ଚୟ ଅଛି ।

ନିହାତି ନିଜର ପରି ସୁଷମା କହିଲା—

ମୁଁ ପୁରୀରୁ ଗଲା ପରେ ଆପଣ ମୋତେ ମନେ ପକାଇବେ ତ ?

“ମନେ ତ ନିଶ୍ଚୟ ପଡ଼ିବ !”

"ଖାଲି ମନରେ ମୁଁ ଦେଖା ଦେଇ କ'ଣ ସନ୍ତୁଷ୍ଟ ହୋଇ ରହି ପାରିବ ? ଆପଣଙ୍କୁ କ'ଣ ଦେଖି ପାରିବ ନାହିଁ ?"

"ସେ ସୁଯୋଗ ମିଳିଲେ—"

"ନିଶ୍ଚୟ ମିଳିବ ମୁଁ ଦବବର ସେ ସୁଯୋଗ ଆପଣଙ୍କୁ ଦେବି—ହଁ ଭୁଲି ଯାଇଛି । ଆପଣଙ୍କର ପରି ଜଣେ ବନ୍ଧୁ ଆପଣଙ୍କ ସଙ୍ଗିତ ଏବ କେତେଦିନ ହେବ ଏଠାରେ ଅଛନ୍ତି ? କାହିଁ ତାଙ୍କ ସଙ୍ଗେ ପରିଚୟ ହୋଇ ପାରିଲା ନାହିଁ ।"

"ମୋର ଗୋଟିଏ ବନ୍ଧୁ ! ସେ ପୁଣି ମୋ ପାଖରେ ଅଛନ୍ତି ? ତୁମେ ଏକଥା କିପରି ଜାଣିଲ ?

"ବାଃରେ, ଆପଣ ସେଦିନ ପରା ମୋତେ କହିଲେ ଯେ ସୁନନ୍ଦା ଦେବୀଙ୍କର ମୃତ୍ୟୁର କାରଣ ସଂଧାନ କରିବା ପାଇଁ ସେ ଆସିଛନ୍ତି—ନାଟକୀୟ ଭଙ୍ଗିରେ ସୁଷମା କହିଲା—

ରତିକାନ୍ତବାବୁ ଟିକେ ପ୍ରକୃତିସ୍ଥ ହେବାକୁ ଚେଷ୍ଟାକଲେ । ମନେ ମନେ ଭାବିବାକୁ ଲାଗିଲେ—ସେଦିନର କେତେ ପଦ କଥା ଭିତରେ ସେ ତ ଏ ବିଷୟର ଅବତାରଣା କରି ନାହାନ୍ତି । ସରଳ ପଥରେ ଗତି କରୁ କରୁ ହଠାତ୍ କକ୍ଷଚ୍ୟୁତ କାହିଁକି ସୁଷମା ହେଲା ? ବଡ଼ ବିଚିତ୍ର ଏ ନାରୀ । ଆଜିର କଥାବାର୍ତ୍ତା ଭିତରୁ ସେ କିଛି ବୁଝି ପାରୁ ନାହାନ୍ତି—ନିଜକୁ ସଂଯତ ରଖି ସେ କହିଲେ······

"ସେ ମୋର ବନ୍ଧୁ ନୁହନ୍ତି—ଏକ ପ୍ରକାର ଗୁରୁ କହିଲେ ଚଳେ ।"

"ଆପଣଙ୍କର ଗୁରୁ ! ବିଦ୍ୟାରେ ନା ବୟସରେ ।"

"ଦୁଇଟାରେ ।"

ହସି ହସି ସୁଷମା କହିଲା—ମୋର ତାହାଙ୍କ ବିଶ୍ୱାସ ହେଉଛି ଯେ ଆପଣଙ୍କର ବୁଦ୍ଧି ଆଉ ତାଙ୍କର ଯଥେଷ୍ଟ ଅଭିଜ୍ଞତା ମିଶି

ସୁନନ୍ଦା ଦେବୀଙ୍କର ମୃତ୍ୟୁର କାରଣକୁ ଧରି ପାରୁ ନାହାନ୍ତି । ଖାଲି ଭୂଆଁ ବୁଲୁଛନ୍ତି ।

ରତ୍ନକାନ୍ତ ଆଶ୍ଚର୍ଯ୍ୟ ହୋଇ ଉଠିଲେ—କାନ୍ଥ ଘଣ୍ଟାରେ ବାରଟା ବାଜିବାର ଦେଖି ସେ ଯିବା ପାଇଁ ପ୍ରସ୍ତୁତ ହେଲେ— ତେଣେ ଶ୍ରୀକାନ୍ତ ବାବୁ ଅପେକ୍ଷା କରିଥିବେ । ଝରକା ଦେଇ ବାହାରକୁ ଚାହିଁ ଦେଖିଲେ ଯେ ପୂରୀର ରାଜପଥ ଉପରୁ ଜନ କୋଳାହଳ ପ୍ରାୟ କମି ଆସିଲଣି । ବାହାରେ ମରବତା ସୃଷ୍ଟି ହେଲଣି ।

ରତ୍ନକାନ୍ତ ବାବୁଙ୍କୁ ଯିବା ପାଇଁ ପ୍ରସ୍ତୁତ ହେବାର ଦେଖି ସୁଷମା କହିଲା—"ଯିବା ପାଇଁ ଏତେ ବ୍ୟସ୍ତ କାହିଁକି ? ଏଠାରେ ଖାଇକରି ଯିବେ । ମୁଁ ଏ ଭିତରେ ଆପଣଙ୍କ ବନ୍ଧୁଙ୍କ ପାଖକୁ ନିମନ୍ତ୍ରଣ ପଠାଇଛି । ସେ ଯଦି ଚାଲି ଆସନ୍ତି ଦୁହେଁ ଏକାଠି ଖାଇ ନେବେ । ବାହାରେ ଟାକ୍ସି ଅଛି ସେ ନେଇ ଛାଡ଼ି ଦେଇ ଆସିବ ।"

ରତ୍ନକାନ୍ତ ବାବୁ ସୁଷମା ମୁହଁରୁ ଏତକ ଶୁଣିବା ପରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ଭାବିଲେ, ସାର୍ କେବେ ଗୋଟାଏ ଅପରିଚିତା ଅଜ୍ଞ ଇତର ନାରୀର ନିମଂନ୍ତ୍ରଣ ରକ୍ଷା କରି ଆସିବେ ନାହିଁ । ସେ ନିର୍ବାକ୍ ହୋଇ ବସି ରହିଲେ । ସୁଷମାର କାର୍ଯ୍ୟ କଳାପ ପ୍ରତି ସେ ସନ୍ଦେହୀ ହୋଇ ଉଠିଲେ । ନିଜର ଆତ୍ମରକ୍ଷା ପାଇଁ ପକେଟରେ ହାତ ପୁରାଇ ଦେଖିଲେ ତାଙ୍କର ରିଭଲବର୍ ଠିକ୍ ଅଛି ।

ଏଇ ସମୟରେ ତଳ ସିଡ଼ିର ଦରଜା ନିକଟରେ ଡ଼ୁ କରି ଗୋଟାଏ ପିସ୍ତଲ ଗୁଳିର ଆବାଜ ହେଲା । "ଉଃ" ବୋଲି କରୁଣ ଆର୍ତ୍ତନାଦ ଭାସି ଆସିଲା । ରତ୍ନକାନ୍ତ ବାବୁ ଓ ସୁଷମା ବିଚଳିତ

ହୋଇ ଉଠିଲେ । ସୁଷମା ଅତି ଶୀଘ୍ର ତଳକୁ ଓହ୍ଲାଇ ଆସିଲା ଘଟଣାର ପ୍ରକୃତ ସନ୍ଧାନ ନେବା ପାଇଁ —

ଏଇ ସମୟରେ କୋଠାର ସମସ୍ତ ଲାଇଟ ଗୁଡ଼ାକ ଲିଭିଗଲା ନିରନ୍ଧ୍ର ଅନ୍ଧକାର ଭିତରେ ମଣିଷ ଚିହ୍ନିବା ଦୁଷ୍କର ହୋଇ ଉଠିଲା । ରତିକାନ୍ତ ବାବୁ ଚୌକିରୁ ଉଠି ତଳକୁ ଅଣ୍ଡାଳି ଅଣ୍ଡାଳି ଯିବାକୁ ବସିଛନ୍ତି ଏଇ ସମୟରେ ହଠାତ୍ କିଏ ଜଣେ ତାଙ୍କ ଉପରକୁ କୁଦି ପଡ଼ିଲା । ଆକସ୍ମିକ ବିପଦରୁ ରକ୍ଷା ପାଇବା ପାଇଁ ସେ ପକେଟରେ ହାତ ପୂରାଇଲେ, ଗୋଟାଏ ଶକ୍ତ ଆଘାତରେ ତାଙ୍କ ହାତରୁ ପିସ୍ତଲଟା ଖସିପଡ଼ିଲା । ସେ ଗୁମ ହୋଇ ପଡ଼ି ରହିଲେ ।

କିଛି ସମୟ ପରେ ସିଡ଼ି ଧରି ତଳକୁ ଓହ୍ଲାଇ ଆସୁଛନ୍ତି ଏଇ ସମୟରେ କୋଠାର ଲାଇଟ୍ ଗୁଡ଼ାକ ଜଳି ଉଠିଲା । ସେ ସ୍ପଷ୍ଟ ଦେଖିଲେ ସୁଷମା ଗୋଟିଏ ପିସ୍ତଲ ଧରି ଶ୍ରୀକାନ୍ତ ବାବୁଙ୍କୁ ଉଦ୍ଦେଶ୍ୟ କରି ଠିଆ ହୋଇଛି । ରତିକାନ୍ତ ଦିଗ୍ ବିଦିଗ ଶୂନ୍ୟ ହୋଇ ନିଜ ପକେଟରେ ହାତ ପୂରାଇଲେ, କିନ୍ତୁ ହାୟ ! ତାଙ୍କର ପ୍ରିୟ ଅସ୍ତ୍ରଟି ହରଣଚାଲ ହୋଇଯାଇଛି ।

ଲାଇଟ ଗୁଡ଼ାକ ପୁଣି ଲିଭିଗଲା — ଚାରିଆଡ଼େ ହୋଇ ରହିଲା ନିବିଡ଼ ଅନ୍ଧକାର ।

ଖୁବ୍ ଜୋରରେ ହସି ଉଠିଲା ସୁଷମା । ପିସ୍ତଲଟି ଶ୍ରୀକାନ୍ତ ବାବୁଙ୍କ ଆଡ଼କୁ ଲକ୍ଷ୍ୟ କରି ସେ କହିଲା—ବୁଝିଲେ ଶ୍ରୀକାନ୍ତ ବାବୁ ! ଚନ୍ଦ୍ରମୋହନଙ୍କୁ ଆପଣ ଜୀବନରେ ମାରି ପାରିଲେ ନାହିଁ ! ଆପଣଙ୍କର ପିସ୍ତଲର ଗୁଳି ବୋଧହୁଏ ଗୁଳି ନୁହେଁ, କିମ୍ବା ଆପଣ ଲକ୍ଷ୍ୟ ଠିକ ରଖି ପାରି ନାହାନ୍ତି ।

ରାଗି ଉଠି ଶ୍ରୀକାନ୍ତ ବାବୁ ନିଜ ପିସ୍ତଲର ଟ୍ରିଗାର ଉପରେ ହାତ ଦେଲେ ।

ହସି ଉଠିଲେ ସୁଷମା ଜୋରରେ—ଆହୁରି ଜୋରରେ । ହସୁ ହସୁ ସେ କହିଲେ—ଗୁଳିଗୁଡ଼ା ସବୁ ନଷ୍ଟ କରିଦିଆ ହୋଇଛି । ବୃଥା ଚେଷ୍ଟା କରନ୍ତୁ ନାହିଁ । ସୁନନ୍ଦା ଦେବୀଙ୍କର ଖୁଣୀକୁ ଆପଣ ଖୋଜୁଥିଲେ, ତାକୁ ବର୍ତ୍ତମାନ ପାଇଛନ୍ତି । ଆରେଷ୍ଟ କରିବାର ପ୍ରଶ୍ନ ନାହିଁ । ଆମ୍ବୁଲାନ୍ସ ଦରକାର । ସେ ଅବଶ୍ୟ ଆପଣଙ୍କ ଗୁଳିରେ ଆହତ ହୋଇଛନ୍ତି । ବିଦ୍ରୂପର ହସ ସହିତ ସେ କହି ଉଠିଲେ—ବୁଝିଲେ ଶ୍ରୀକାନ୍ତ ବାବୁ ଆପଣ ବେଗୀର ସାକ୍ଷାତ ଚାହୁଁଥିଲେ; ସେ ଆପଣଙ୍କୁ ନିହାତି ନିକଟରେ ପାଇଛି । ସବୁ ବିଷୟ ଆପଣଙ୍କ ବନ୍ଧୁଙ୍କ ସହିତ କଥା ହୋଇଛି । ଚନ୍ଦ୍ରମୋହନ ଏହି ନାଟକର ପ୍ରଧାନ ଅଭିନେତା ।

ରମଣୀ ବାବୁ ତାଙ୍କ ଉଇଲ ପାଇଛନ୍ତି । ଏଠାରେ ରତିକାନ୍ତ ବାବୁ ଅଛନ୍ତି, ଚନ୍ଦ୍ରମୋହନର ଦାୟିତ୍ୱ ତାଙ୍କ ଉପରେ ରହିଲା । ଆପଣ ଏହି ସଙ୍ଗେ ସଙ୍ଗେ ଗେଷ୍ଟହାଉସ୍‌କୁ ଯାନ୍ତୁ, ବାହାରେ ଟାକ୍ସି ଅପେକ୍ଷା କରିଛି ।

ରତିକାନ୍ତବାବୁ ଡାକ୍ତରଖାନାରେ ଚନ୍ଦ୍ରମୋହନକୁ ଆଡ଼ମିସନ୍ କରି ଦେଇ କଡ଼ା ପହରାର ବନ୍ଦୋବସ୍ତ କରିବାକୁ ଗଡ଼ନାୟକ ବାବୁଙ୍କ ପାଖକୁ ଫୋନରେ ଜଣାଇ ଦେଲେ ।

ଶ୍ରୀକାନ୍ତବାବୁ ଗେଷ୍ଟହାଉସ୍‌କୁ ଯାଇ ତୁଷାର ଓ ସେହି ଦଳର ସମସ୍ତ ସଭ୍ୟଙ୍କୁ ସୁବିଧାରେ ଆରେଷ୍ଟ କରି ଗଡ଼ନାୟକ ବାବୁଙ୍କ ଜିମ୍ମା ଦେଇ ଫେରିଲେ ।

ଅନ୍ତିମ ତଦନ୍ତରୁ ଜଣାଗଲା—ବର୍ମାରେ ରମଣୀ, ଚନ୍ଦ୍ରମୋହନ ଓ ତୁଷାରର ବାପ, ଏ ତିନିହେଁ ଥିଲେ ଗୋଟିଏ ନାଇଟ୍‌କ୍ଲବ୍‌ର ମାଲିକ ସେତେବେଳକୁ ସର୍ପ ଦଂଶନରେ ତୁଷାରର ବାପ ମରିଯାଇଥାନ୍ତି । ଯେତେବେଳେ ବର୍ମା ଉପରେ ଜାପାନର ଆକ୍ରମଣ ହେଲା ସେତେବେଳେ ଚନ୍ଦ୍ରମୋହନ ଓ ତୁଷାର ରମଣୀ ବାବୁଙ୍କ ହାତରେ ସବ୍

ସୁନ୍ଦ ଦେଇ ନିଜ ଦେଶକୁ ଫେରି ଆସିଲେ । ଶେଷରେ ରମଣି ବାବୁ ସବୁ ପାଣ୍ଠି ଉଠକ ହାତ କରି ସୁବିଧାରେ ନିଜ ଦେଶକୁ ଫେରି ପୁରୀରେ ବ୍ୟବସାୟ ଆରମ୍ଭ କଲେ ।

ଏପରି ସମୟରେ ଚିଲିକା କୂଳରେ କୌଣସି ଏକ ପଲ୍ଲୀରେ ଭୁଷାର ରହି ମାଛ ସଂଗ୍ରହ କରି କଲିକତା ପଠାଇ ବ୍ୟବସାୟ ଚଳାଇଲେ । ଏପରି ବ୍ୟବସାୟ କ୍ରମେ ବଢ଼ିବାକୁ ଲାଗିଲା । ଥରେ ଚନ୍ଦ୍ରମୋହନ ପୁରୀ ଆସି ଶୁଣିପାରିଲେ ଯେ ରମଣୀ ଆସି ପୁରୀରେ ମସ୍ତବଡ଼ ବ୍ୟବସାୟ କରୁଛନ୍ତି । ସେ ରମଣୀ ବାବୁ ପାଖକୁ ଯାଇ ବହୁତ ଅନୁରୋଧ କଲା, ପୂର୍ବ ବ୍ୟବସାୟର ଅଂଶ ପାଇଁ, କିନ୍ତୁ ରମଣୀ ବାବୁଙ୍କୁ ପୁସ୍ୱପୁର ମାନିଲେ ନାହିଁ । ସମ୍ପତ୍ତି ସ୍ତ୍ରୀର ବୋଲି କହିଲେ । ଏପରି ପରିସ୍ଥିତିରେ ଚନ୍ଦ୍ରମୋହନର ମନରେ ପ୍ରତିଶୋଧର ବହ୍ନି ଜଳି ଉଠିଲା । ଚନ୍ଦ୍ରମୋହନ ଓ ଭୁଷାର ଆସି ପୁରୀରେ ରହି 'ଗେଷ୍ଟ ହାଉସ୍' ହୋଟେଲ କଲେ । ସେହି ସମୟରେ ପାକିସ୍ଥାନରେ ଲୁଣ ଅଭାବ ଥିଲା । ଏଇ ସୁଯୋଗ ନେଇ ଲବଣ କମ୍ପାନି ଗଢ଼ି ଚୋରିରେ ସମୁଦ୍ର ରାସ୍ତାରେ ପାକିସ୍ଥାନକୁ ଲବଣ ଦୋଇ ବହୁ ଅର୍ଥ ରୋଜଗାର କଲେ । ତାପରେ ନଜର ପଡ଼ିଲା ରମଣୀ ବାବୁଙ୍କ ସ୍ତ୍ରୀ ସୁନନ୍ଦା ଦେବୀଙ୍କ ଉପରେ । ସୁନନ୍ଦା ଦେବୀଙ୍କୁ ଖତମ କରି ଉଇଲଟି ହାତ କଲେ ରମଣି ଆଉ ତଳେ ହଲ୍ ଚଲ୍ ହୋଇ ପାରିବ ନାହିଁ । କିନ୍ତୁ ଏସବୁ ଷଡ଼ଯନ୍ତ୍ର ପଣ୍ଡ କଲା ଦେବୀ । ବଡ଼ ବିଚକ୍ଷଣ ବୁଦ୍ଧି ସମ୍ପନ୍ନା ଦେଣ ସେବିକା ନାରୀ । ଶେଷରେ ରମଣୀ ବାବୁ ସ୍ୱତଃ ... ହୋଇ ଦେବୀ ହାତରେ ଟେକି ଦେଲେ ତାଙ୍କର ସମ୍ପତ୍ତି ଅର୍ଦ୍ଧେକ, ଦେଶର ସାଧାରଣ ଜନତା ଉଦ୍ଦେଶ୍ୟରେ—